BOD-9

Block-4

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

Odisha State Open University

Sambalpur

# ସ୍ନାତକ କାର୍ଯ୍ୟକ୍ରମ

## ଓଡ଼ିଆ (ସମ୍ମାନ)

## *BAOD (HONOURS)*

## ସାହିତ୍ୟ ତତ୍ତ୍ୱ (ପ୍ରାଚ୍ୟ ଓ ପାଶ୍ଚାତ୍ୟ)

ପ୍ରତୀକବାଦ , ଚିତ୍ରକଳ୍ପ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକ ସମ୍ମାନ କାର୍ଯ୍ୟକ୍ରମ

ପାଠ୍ୟକ୍ରମ - ୯
ସାହିତ୍ୟ ତତ୍ତ୍ୱ (ପ୍ରାଚ୍ୟ ଓ ପାଶ୍ଚାତ୍ୟ)

## ବ୍ଲକ୍ ୪ ପ୍ରତୀକବାଦ, ଚିତ୍ରକଳ୍ପ

ପ୍ରଥମ ଏକକ
**ପ୍ରତୀକବାଦ**

ଦ୍ୱିତୀୟ ଏକକ
**ଓଡ଼ିଆ କବିତାରେ ପ୍ରତୀକର ଚର୍ଚ୍ଚା**

ତୃତୀୟ ଏକକ
**ଚିତ୍ରକଳ୍ପବାଦ**

ଚତୁର୍ଥ ଏକକ
**ଓଡ଼ିଆ କବିତାରେ ଚିତ୍ରକଳ୍ପର ପରିଚର୍ଚ୍ଚା**

**ପାଠ୍ୟକ୍ରମ : ୯**

**ବ୍ଲକ୍ : ୪**

**ପ୍ରଥମ ସଂସ୍କରଣ : ୨୦୨୧**

**ଲେଖକ : ଡକ୍ଟର ରୁଦ୍ରାଣୀ ମହାନ୍ତି**
ସହକାରୀ ପ୍ରଧାପିକା, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ, ଓଡ଼ିଶା ।

**ସମୀକ୍ଷକ : ଡକ୍ଟର ଜୋତ୍ସ୍ନା ଦାସ**
ବରିଷ୍ଠ ଶୈକ୍ଷିକ ପରାମର୍ଶଦାତା, ଓଡ଼ିଆ ବିଭାଗ,
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ସଂଯୋଜିକା ସୁନୀତି ଦେବତା**
ଶୈକ୍ଷିକ ପରାମର୍ଶଦାତା, ଓଡ଼ିଆ ବିଭାଗ,
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ଅଳଙ୍କରଣ : ଲିପିନା ସାହୁ,** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ଡିଟିପି : ସଂଯୁକ୍ତା ମଲ୍ଲିକ୍**

**ପ୍ରକାଶକ**

**ଡକ୍ଟର ମାନସ ରଞ୍ଜନ ପୂଜାରୀ**
କୁଳସଚିବ
*ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ*

© OSOU, 2021.**"ପ୍ରତୀକବାଦ, ଚିତ୍ରକଳ୍ପ"** is made available under a Cre-ative Commons Attribution-ShareAlike 4.0http : creative commons.org/ li-cences/by-sa/4.0

# ପ୍ରଥମ ଏକକ : ପ୍ରତୀକବାଦ

## ବିଷୟ ଗଠନ

୧.୧ ପଠନର ଉଦ୍ଦେଶ୍ୟ
୧.୨ ଶିକ୍ଷଣୀୟ ବିଷୟ
୧.୩ ବିଷୟ ପ୍ରବେଶ
୧.୪ ପ୍ରତୀକବାଦର ଉତ୍ସ ଓ ଉନ୍ମେଷ
୧.୫ ପ୍ରତୀକବାଦର ସଂଜ୍ଞା, ସ୍ୱରୂପ ଓ ଗଠନ କୌଶଳ
୧.୬ ପ୍ରତୀକବାଦର ପ୍ରକାରଭେଦ ଓ ବୈଶିଷ୍ଟ୍ୟ
୧.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୧.୮ ସହାୟକ ଗ୍ରନ୍ଥସୂଚୀ

## ୧.୧ ପଠନର ଉଦ୍ଦେଶ୍ୟ

ସମଗ୍ର ବିଶ୍ୱସାହିତ୍ୟରେ ପ୍ରତୀକବାଦ ଏକ କାବ୍ୟଆନ୍ଦୋଳନ ରୂପେ ପ୍ରତିଷ୍ଠିତ ହୋଇଛି। ସାହିତ୍ୟର ଅନ୍ୟାନ୍ୟ ବିଭାଗ ଯଥା ଗଳ୍ପ, ଉପନ୍ୟାସ, ନାଟକ ଇତ୍ୟାଦିରେ 'ପ୍ରତୀକ'ର ବ୍ୟବହାର ତୁଳନାରେ କାବ୍ୟ କବିତା କ୍ଷେତ୍ରରେ ତାହାର ପ୍ରୟୋଗର ସଫଳ ରୂପାୟନ ଘଟିଛି। ଫ୍ରାନ୍ସ ହେଉଛି ପ୍ରତୀକବାଦର ପ୍ରସୂତିଶାଳ। ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ପ୍ରତୀକବାଦୀ ଆନ୍ଦୋଳନର ଉନ୍ମେଷ ଘଟି କ୍ରମଶଃ ସମଗ୍ର ପାଶ୍ଚାତ୍ୟ ସାହିତ୍ୟ ଓ ଭାରତୀୟ ସାହିତ୍ୟରେ ଏହାର ବିକାଶ ସାଧିତ ହୋଇଛି। ଇଂରାଜୀରେ ଏହା 'symbolisim' ଶବ୍ଦରେ ପ୍ରକାଶିତ। ଆଦିକାଳରୁ ଆଦିମ ମାନବ ତଥା ଆଧୁନିକ ମଣିଷ ତା'ର ଦୈନନ୍ଦିନ ଜୀବନରେ ନିତିପ୍ରତି ନାନା ସଂକେତ, ଚିହ୍ନ, ଆକୃତି, ପ୍ରତିରୂପ ବା ପ୍ରତୀକ ସହିତ ନିବିଡ଼ ରୂପେ ସଂପୃକ୍ତ। କଳା, ବିଜ୍ଞାନ, ଦର୍ଶନ ଓ ସାହିତ୍ୟ ଇତ୍ୟାଦି ସର୍ବକ୍ଷେତ୍ରରେ ପ୍ରତୀକ ବିଦ୍ୟମାନ। କାଳକ୍ରମେ ତାହା ଚିତ୍ର ଓ ଶବ୍ଦରୂପ ନେଇ ସାହିତ୍ୟରେ ପ୍ରକାଶ ଲାଭ କରିଛି।ଏହାର ଉତ୍ସ, ଉନ୍ମେଷ, ସଂଜ୍ଞା, ସ୍ୱରୂପ, ପ୍ରକାରଭେଦ, ବୈଶିଷ୍ଟ୍ୟ ଇତ୍ୟାଦି ସଂପର୍କରେ ବିଦ୍ୟାର୍ଥୀମାନଙ୍କୁ ସ୍ପଷ୍ଟ ଅବଗତ କରାଇବା ଏହି ପାଠର ମୂଳ ଉଦ୍ଦେଶ୍ୟ।

## ୧.୨ ଶିକ୍ଷଣୀୟ ବିଷୟ

ଏହି ଏକକ ପାଠରେ ବିଦ୍ୟାର୍ଥୀମାନଙ୍କ ପାଇଁ ଶିକ୍ଷଣୀୟ ବିଷୟ ହେଉଛି ;

- 'ପ୍ରତୀକବାଦ'ର ଉନ୍ମେଷ ଓ ବିକାଶକ୍ରମେ ସଂପର୍କରେ ଅବଗତ ହେବା।
- 'ପ୍ରତୀକବାଦ'ର ସଂଜ୍ଞା, ସ୍ୱରୂପ ଓ ବୈଶିଷ୍ଟ୍ୟ ସଂପର୍କରେ ସ୍ପଷ୍ଟ ଧାରଣା ଲାଭ କରିବା।
- 'ପ୍ରତୀକବାଦ'ର ପ୍ରକାରଭେଦ ସଂପର୍କରେ ଜ୍ଞାନ ଲାଭ କରିବା।
- ପାଶ୍ଚାତ୍ୟ ସାହିତ୍ୟ ରେ ପ୍ରତୀକବାଦୀ ଆନ୍ଦୋଳନ ସଂପର୍କରେ ତଥ୍ୟ ପ୍ରାପ୍ତହେବା।

## ୧.୩ ବିଷୟ ପ୍ରବେଶ

ପାଶ୍ଚାତ୍ୟ ଜଗତରୁ ଭାରତୀୟ ଆଧୁନିକ ସାହିତ୍ୟକୁ ପ୍ରତୀକ ଓ ପ୍ରତୀକବାଦୀ ଭାବଚେତନା ଆଦୃତ ହୋଇଥିଲେ ହେଁ ସୃଷ୍ଟିର ଆୟମାରମ୍ଭ ସମୟରୁ ସାମାଜିକ ଧାର୍ମିକ ଜୀବନ ଓ ସାହିତ୍ୟରେ ପ୍ରତୀକର ପ୍ରଚଳନ ରହି ଆସିଛି । ଅଧୁନିକ କାଳରେ ପ୍ରାଚୀନରୁ ବ୍ୟବହୃତ ପ୍ରତୀକର ନବୀକରଣ କେବଳ ଘଟିଛି ଏବଂ ତାହାର ପ୍ରୟୋଗ ନାନା ବିବର୍ତ୍ତିତ ରୂପରେ ହୋଇଛି । ପୂର୍ବେ ମଣିଷର ଜୀବନ ଯାପନ ସରଳ ଓ ସମତାଳିକ ଥିଲା । ତେଣୁ ଅର୍ଥପୂର୍ଣ୍ଣ ଶବ୍ଦ ଦ୍ୱାରା ବର୍ଣ୍ଣନାତ୍ମକ ଭଙ୍ଗୀରେ ମଣିଷର ଜୀବନ ଚିତ୍ର ସାହିତ୍ୟରେ ଉପସ୍ଥାପିତ ହେଉଥିଲା । ମାତ୍ର ସମୟକ୍ରମେ ବିଜ୍ଞାନ-ଦର୍ଶନ-ସାହିତ୍ୟରେ ନୂଆ ନୂଆ ଆବିଷ୍କାର, ଉଦ୍ଭାବନ ତଥା ନବପ୍ରବର୍ତ୍ତିତ ଚିନ୍ତାଧାରର ପ୍ରତଫଳନରେ ମଣିଷ ଜୀବନ ଯନ୍ତ୍ରଣା ଜର୍ଜରିତ ହେବା ସଙ୍ଗେ ସଙ୍ଗେ ନାନାପ୍ରକାର ଜଟିଳ କୁଟିଳ ସମସ୍ୟାର ସମ୍ମୁଖୀନ ହେଲା । ଭାବପ୍ରକାଶ ଭାଷାର ଗୁଣଧର୍ମ ହୋଇଥିଲେ ହେଁ ଆଧୁନିକ ଜୀବନର ଚିତ୍ର ଅଙ୍କନ ପାଇଁ ପ୍ରଚଳିତ ଭାଷା ଯଥେଷ୍ଟ ହେଲା ନାହିଁ । ଗତାନୁଗତିକ ଶବ୍ଦ ବ୍ୟବହାର ଅପେକ୍ଷା ଭାବର ପ୍ରତ୍ୟକ୍ଷ ଅନୁଭୂତି ପ୍ରକାଶ ପାଇଁ ପ୍ରତୀକ ଅଧିକ ପ୍ରୟୋଜନ ମନେ ହେଲା । ବସ୍ତୁର ପ୍ରକୃତରୂପ ଅପେକ୍ଷା ବସ୍ତୁ ସୃଷ୍ଟି କରିଥିବା ଭାବ ରୂପଲାଭ କରିବା ଥିଲା ପ୍ରତୀକର ଆଭିମୁଖ୍ୟ ।

୧୮୮୦ ମସିହା ପରେ ଫ୍ରାନ୍ସରେ ପ୍ରତୀକବାଦୀ ଆନ୍ଦୋଳନ ପ୍ରଥମେ ସୃଷ୍ଟି ହୋଇଥିଲା । ଏହି ଆନ୍ଦୋଳନର ସୂତ୍ରପାତ କରିଥିଲେ ଆଡ଼ାମ (Adam) । ତାଙ୍କ ନାଟକ 'Axel' ପ୍ରତୀକବାଦର ଯଥାର୍ଥ ଉଦାହରଣ । ପରେ ପରେ ଏହି ଆନ୍ଦୋଳନ ୟୁରୋପୀୟ ଦେଶ ମଧ୍ୟରେ ପ୍ରଶାର ଘଟିଲା ଏବଂ କ୍ରମେ ସମଗ୍ର ପାଶ୍ଚାତ୍ୟ ସହିତ୍ୟକୁ ପ୍ରବେଶ କରି ନିଜର ଅସ୍ତିତ୍ୱ ଜାହିର୍ କଲା । ବିଶ୍ୱ ସାହିତ୍ୟ କ୍ଷେତ୍ରରେ ଫ୍ରେଞ୍ଚ ସାମାଲୋଚକ ଜନ୍ ମୋରେସ୍ (Jean moreas) ୧୮୮୬ ମସିହା ସେପ୍ଟେମ୍ବର ୧୮ ତାରିଖରେ ପ୍ରକାଶିତ ତାଙ୍କ ବିଖ୍ୟାତ ଗ୍ରନ୍ଥ ସିମ୍ବୋଲିଷ୍ଟ ମେନିଫେଷ୍ଟୋ (Symbolist mani festo) 'ଲେଫିଗାରୋ' ("Le Figaro") ରେ ପ୍ରତୀକ 'ଶବ୍ଦଟି' ବ୍ୟବହାର କରି ବୁଦ୍ଧିଜୀବୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସେ ଚାର୍ଲସ୍ ବଦ୍‌ଲେୟର (Charles Baudelaire), ଷ୍ଟିଫେନ୍ ମାଲାର୍ମେ (Stephen Mallarme) ଏବଂ ପଲ. ଭରଲେନ (Paul Verlaine) ଙ୍କୁ ଏହି ଆନ୍ଦୋଳନରେ ପ୍ରମୁଖ କବି ରୂପେ ବର୍ଣ୍ଣନା କରିଥିଲେ । ବିଂଶ ଶତାବ୍ଦୀର ଆରମ୍ଭ ଦଶକରେ ଇଂଲଣ୍ଡରେ ଏହାର ପ୍ରଭାବ ପ୍ରସାରିତ ହେବା ସଙ୍ଗେ ସଙ୍ଗେ ଆଧୁନିକ ବିଜ୍ଞାନ-ସିଦ୍ଧ ଜୀବନକୁ ସାହିତ୍ୟରେ ପରୋକ୍ଷ ଭାବେ ପ୍ରକାଶ ଲାଭ କଲା । 'ରାସୀ ଲେଖକ ଏବଂ ଇଂରାଜୀ କବି W.B.Yeats, Ezrapound ଏବଂ T.S. Eliot ଇତ୍ୟାଦିଙ୍କ କବିତାରେ ପ୍ରତୀକ ଅଧିକ ପରିବ୍ୟାପ୍ତ ହୋଇଲା ।

## ୧.୪ ପ୍ରତୀକବାଦର ଉତ୍ସ ଓ ଉନ୍ମେଷ

ଭାଷା ଭାବର ବାହାକ । ମନୁଷ୍ୟର ଦୈନନ୍ଦିନ ଜୀବନ ଧାରାରେ ଆଳାପ ଆଲୋଚନା ପାଇଁ 'ଭାଷା' ଯଥେଷ୍ଟ ମନେ ହେଉଥିଲେ ହେଁ ମଣିଷ ମନର ଗଭୀର ଚିନ୍ତା ଚେତନାରେ ଅହରହ ଭାସିବୁଲୁଥିବା ଅନୁଭବ ରାଶି ପ୍ରକାଶ କରିବାକୁ ତାହା ଯଥେଷ୍ଟ ହୋଇ ନଥାଏ । ଜୀବନ ଓ ଜଗତ ପ୍ରତି ମଣିଷ ମନରେ ଥିବା କୌତୁହଳ,

ଶଂସୟ, ବିସ୍ମୟ ଓ ଅନିର୍ବଚନୀୟ ଭାବରାଶିକୁ ପ୍ରକାଶ କରିବାରେ ତା’ ଚାରିପାଖ ଭାଷାର ଅମାମର୍ଥ୍ୟ ତାକୁ ସଂକେତ ଅନ୍ୱେଷଣ ଲାଗି ବାଧ କରିଛି। ସାହିତ୍ୟ ଜଗତରେ ଏହି ସଂକେତ ହିଁ ପ୍ରତୀକ ରୂପେ ପରିଚିତ। ଭାଷା ଶିକ୍ଷା ପୂର୍ବରୁ ମଣିଷ ନିଜର ଚଳିବା ପାଇଁ ଯେଉଁ ଉପାୟ, ସଂକେତ ବା ଠାର ପ୍ରୟୋଗ କରୁଥିଲା, ତାହାକୁ ହିଁ ‘ପ୍ରତୀକ’ର ଆଦିରୂପ କୁହାଯାଇପାରେ।

ସାଧାରଣତଃ ମନୁଷ୍ୟତ ପ୍ରାତ୍ୟହିକ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପ୍ରତୀକ ଉପଲବ୍ଧ। ଯେପରି ନାନା ରଙ୍ଗ, ଫୁଲ, କେତେକ ପଶୁ, ପକ୍ଷୀ, ବସ୍ତୁ, ଦୃଶ୍ୟ ଇତ୍ୟାଦି ପ୍ରତୀକାତ୍ମକ ରୂପେ ଭିନ୍ନ ଅର୍ଥ ଧାରଣ ପୂର୍ବକ ଯୁଗଯୁଗ ଧରି ବ୍ୟବହୃତ ହୋଇ ଆସୁଚି। ଯଥା : ଧଳାରଙ୍ଗ ଜୀବନ ଓ ଶୁଦ୍ଧଭାବ, ଲାଲରଙ୍ଗ ରକ୍ତ ଓ ବିପଦ, କଳାରଙ୍ଗ ମୃତ୍ୟୁ ଓ ମନ୍ଦ ପାଇଁ ବ୍ୟବହୃତ। କୋପତପକ୍ଷୀ ଶାନ୍ତି, କଳାବେଲେଇ ଦୁର୍ଭାଗ୍ୟ, ସିଂହ ସାହସ, ମେଣ୍ଢା ସରଳତା, କୋମଳତା ଓ ବୋକାମୀ, ଘୋଡ଼ା ଯୌନତା, ଭଙ୍ଗା ଆଇନା ଦୁର୍ଭାଗ୍ୟ ଇତ୍ୟାଦିର ପ୍ରତୀକ ହୋଇ ଯୁଗଯୁଗ ଧରି ପ୍ରଚଳିତ ହୋଇ ଆସିଛି। ସୁତରାଂ ଗୋଟିଏ ବସ୍ତୁ, ଧାରଣା ବା ଶବ୍ଦ କେବଳ ଗୋଟିଏ ଅର୍ଥରେ ସୀମାବଦ୍ଧ ନୁହେଁ। ପ୍ରତୀକ ଦ୍ୱାରା ସେହି ବସ୍ତୁ, ଧାରଣା ଓ ଶବ୍ଦର ସୀମିତ ଭାବାର୍ଥ ଏକ ଇଙ୍ଗିତମୟ ଅର୍ଥ ପ୍ରକାଶ କରିବାରେ ପୂର୍ଣ୍ଣ କ୍ଷମ ହୋଇଥାଏ। ସଭ୍ୟତାର ଆରମ୍ଭରୁ ମଣିଷ ତା’ ଜୀବନ ଚଳଣିଧାରାରେ ପ୍ରତ୍ୟକ୍ଷ କରୁଥିବା ବସ୍ତୁକୁ ଚିହ୍ନ, ସଂକେତ ବା ଚିତ୍ରରୂପେ କଳ୍ପନା କରୁଥିଲା ଏବଂ ପରବର୍ତ୍ତୀ କାଳରେ ସେହି ଚିତ୍ରରୂପ ପ୍ରତୀକଶବ୍ଦରେ ରୂପଲାଭ କରିଛି। ପ୍ରାଥମିକ ପର୍ଯ୍ୟାୟରେ ପ୍ରତୀକର ଉତ୍ସ ଓ ଉନ୍ମେଷ ଘଟିଛି ବସ୍ତୁ ଜଗତରୁ ଏବଂ ତାହର ବିକାଶ ସାଧିତ ହୋଇଛି ମଣିଷର ସୂକ୍ଷ୍ମ ମାନସ ଜଗତରେ। ଅବ୍ୟକ୍ତ ଭାବନାକୁ ଗୋଟିଏ ଶବ୍ଦରେ ପ୍ରକାଶ କରିବାର ସାମର୍ଥ୍ୟ ଥାଏ ପ୍ରତୀକର। ସ୍ଥୂଳରୁ ସୂକ୍ଷ୍ମ ଦିଗରେ ତାର ଗତି ଓ ପ୍ରକୃତି। ପ୍ରତୀକ ବିସ୍ତାରିତ ବର୍ଣ୍ଣନାକୁ ଇଙ୍ଗିତଧର୍ମୀ କରିଥାଏ। କେବଳ ସୂଚନା ମାଧ୍ୟମରେ ବହୁକଥା ବ୍ୟକ୍ତ କରିପାରେ। ମଣିଷ ମନର ଜଟିଳ ଭାବନାକୁ ପ୍ରକାଶ କରିବା ପାଇଁ ପ୍ରତୀକର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଉପମା, ରୂପକ, ଚିତ୍ରକଳ୍ପ ଇତ୍ୟାଦି ମଣିଷ ମନର ଜଟିଳ ଭାବଧାରା ପ୍ରକାଶ କରିବା ପାଇଁ ଏକ ଏକ ଶକ୍ତିଶାଳୀ କାବ୍ୟରୀତି ହେଲେ ହେଁ ପ୍ରତୀକ ଚେତନ ଓ ଅବଚେତନ ମନର କଳ୍ପନା ଜଳ୍ପନାକୁ ସହଜରେ ବ୍ୟକ୍ତ କରିଥାଏ। ଇନ୍ଦ୍ରିୟଗାହ୍ୟ ବସ୍ତୁ ସହିତ ଅବଚେତନ ମନର ଅନୁଭବକୁ ସମନ୍ୱୟ କରି ଏକ ପ୍ରତୀକାତ୍ମକ ଚିତ୍ର ଅଙ୍କନ କରିଥାନ୍ତି ପ୍ରତୀକବାଦୀମାନେ ଏବଂ ତାହା ପାଠକ ମନରେ ବିସ୍ମୟ ଭାବ ସୃଷ୍ଟି କରିଥାଏ। ଆଭାସ ବା ଇଙ୍ଗିତ ଆଧାରରେ ପ୍ରତୀକ ସଦା ଗତିଶୀଳ, ପ୍ରାଚୀନରୁ ଆଧୁନିକ ସଦା ଚଳଚଞ୍ଚଳ।

ସର୍ବପ୍ରଥମେ ଫ୍ରାନ୍ସରେ ପ୍ରତୀକବାଦୀ ଆନ୍ଦୋଳନ ସୃଷ୍ଟି ହୋଇଥିଲା। କେତେକ ଫ୍ରେଞ୍ଚ କବିଙ୍କ କବିତାରେ ପାରଂପରିକ ବିଷୟବସ୍ତୁ ଓ ବର୍ଣ୍ଣନା କୌଶଳ ପରିଚାଳନା କରୁଥିବା ନିୟମ ବିରୁଦ୍ଧରେ ଏହି ଆନ୍ଦୋଳନ ସୃଷ୍ଟି ହୋଇଥିଲା। ପ୍ରତୀକବାଦୀ ମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା କବିତାକୁ ଗତାନୁଗତିକ ପ୍ରତ୍ୟକ୍ଷ ବର୍ଣ୍ଣନା ରୀତିରୁ ମୁକ୍ତ କରି ନିର୍ଦ୍ଦିଷ୍ଟ ବସ୍ତୁ ଓ ଶବ୍ଦ ମଧ୍ୟରେ ପ୍ରତୀକାତ୍ମକ ଅର୍ଥ ଆରୋପ କରିବା। ପ୍ରତୀକବାଦୀ ଆନ୍ଦୋଳନ ପୂର୍ବରୁ ସ୍ୱାଭାବବାଦୀମାନେ ସାହିତ୍ୟରେ ବସ୍ତୁର ପ୍ରତ୍ୟକ୍ଷ ବର୍ଣ୍ଣନାକୁ ଗୁରୁତ୍ୱ ଦେଇଥିଲେ। ଫଳତଃ କବିତାର ଲାଳିତ୍ୟ, ସୌନ୍ଦର୍ଯ୍ୟ ଓ ଆବେଗ କ୍ରମଶଃ ପରାହତି ହୋଇଥିଲା କବିତା ପାଠକର ମର୍ମ ଛୁଇଁ ପାରୁ ନଥିଲା। “ସ୍ୱାଭାବବାଦୀମାନଙ୍କ ସ୍ୱଭାବ ସୁଲଭ ପ୍ରାକୃତିକ ଚିତ୍ରଣ ଫଳରେ କବିତା ତା’ର ରହସ୍ୟମୟୀ ବ୍ୟକ୍ତିତ୍ୱ ହରାଇ ଶ୍ରୀହୀନ ହୋଇ ଉଠୁଥିବାବେଳେ ‘ରାସୀ ସାହିତ୍ୟରେ ରୋମାଣ୍ଟିକ୍ କବ୍ୟଚେତନା ବିରୁଦ୍ଧରେ ବିଦ୍ରୋହ କରି ଗୋଟିଏ କବିଗୋଷ୍ଠୀ ଗୋଟିଏ ନୂତନ

କାବ୍ୟ ଆନ୍ଦୋଳଣ ଗଢ଼ି ତୋଳିଲେ। ଏହା ପାରନାସିଆନ୍ (Parnassian) କାବ୍ୟ ଆନ୍ଦୋଳନ ନାମରେ ପରିଚିତ”। (ସାହିତ୍ୟର ସୂଚିପତ୍ର : ବିଭୁତି ପଟ୍ଟନାୟକ, ପୃ ୧୭୨)। ଏହି ପାର୍ନାସିଆନ୍ କାବ୍ୟ ଆନ୍ଦୋଳନର ପ୍ରମୁଖ ଉଦ୍ଦେଶ୍ୟଥିଲା ରୋମାଣ୍ଟିକ ଚେତନାର ବିରୋଧ ଏବଂ ବୌଦ୍ଧିକତା ଉପରେ ଗୁରୁତ୍ୱାରୋପ। ପାର୍ନାସିଆନ କବିଗୋଷ୍ଠୀଙ୍କ ଦ୍ୱାରା “Le Parnasse Contemprain” କାବ୍ୟ ସଂକଳନ ତିନିଖଣ୍ଡ ୧୮୬୧, ୧୮୬୬ ଓ ୧୮୭୬ ମସିହାରେ ପ୍ରକାଶିତ ହୋଇଥିଲା। ଏହି ସଂକଳନଗୁଡ଼ିକରେ ରୋମାଣ୍ଟିକ ଭାବଚେତନାର ତୀବ୍ର ବୋରୋଧ କରାଯାଇଥିଲେ ହେଁ ପ୍ରତ୍ୟକ୍ଷ ବର୍ଣ୍ଣନାର ରୁଚିବୋଧ ଅପରିବର୍ତ୍ତିତଥିଲା। ଏହି ପ୍ରତ୍ୟକ୍ଷ ପ୍ରକାଶଭଙ୍ଗୀ ପ୍ରତୀକବାଦୀ କବି ବୋଦଲେୟାରଙ୍କୁ ଅରୁଚିକର ମନେ ହେବା ସହ ‘ପ୍ରତୀକ’ ପ୍ରତି ପାଠକର ଅର୍କଷଣ ସୃଷ୍ଟି କରିବା ଦିଗରେ ବ୍ରତୀ କରାଇଥିଲା।

ବିଂଶ ଶତାବ୍ଦୀର ଆଦି ପର୍ଯ୍ୟାୟରେ ସମାଜ, ରାଜନୀତି, ଅର୍ଥନୀତି, ମନସ୍ତତ୍ତ୍ୱ, ସଂସ୍କୃତ, ସାହିତ୍ୟ ସକଳ ଦିଗରେ ବୌଦ୍ଧିକ ବପ୍ଲବ ସୃଷ୍ଟି ହୋଇଥିଲା। ଡାର୍‌ଉଇନ୍‌ଙ୍କ ବିବର୍ତ୍ତନ ବାଦ ମଣିଷକୁ ଏକ ବିଶାଳ ଜୀବଜଗତ ମଧ୍ୟରେ ଏକ ସାମାନ୍ୟ ଅସହାୟ ଜନ୍ତୁ ରୂପେ ଉପସ୍ଥାପିତ କରିଥିଲା। ଜୀବଜଗତର ବିବର୍ତ୍ତନ ଏକ ପ୍ରାକୃତିକ ପ୍ରକ୍ରିୟାର ସିଦ୍ଧାନ୍ତ ମନତଳ ଧର୍ମ ବିଶ୍ୱାସକୁ ଦୋହଲାଇ ଦେଇଥିଲା। ଏହି ତତ୍ତ୍ୱ ସାହିତ୍ୟରେ ପ୍ରକୃତିବାଦ ସ୍ୱଭାବିକ ସ୍ୱାଭାବବାଦ (Naturalism) ଭାବେ ପ୍ରକାଶିତ। କାର୍ଲମାର୍କ୍ସ ଦର୍ଶନ ମଧ୍ୟ ଏହି ସମୟରେ ସାମାଜିକ ଓ ଅର୍ଥନୈତିକ ଅବସ୍ଥା ପ୍ରତି ନୂତନ ଦୃଷ୍ଟି ଆଣିଦେଇଥିଲା। ଡାର୍‌ଉଇନ୍ ଓ ମାର୍କ୍ସଙ୍କ ଦର୍ଶନରେ ମଣିଷର ବାହ୍ୟିକ ପରିସ୍ଥିତିର ବିଶ୍ଳେଷଣ ପ୍ରତି ଗୁରୁତ୍ୱ ରହିଥିବା ବେଳେ ସିଗ୍‌ମଣ୍ଡ ଫ୍ରୟେଡ଼ ମଣିଷର ଅବଚେତନକୁ ଅନୁଧ୍ୟାନ କରିବା ସହିତ ପ୍ରବୃତ୍ତି, ଇଚ୍ଛା ଓ ଚିନ୍ତନକୁ ବିଜ୍ଞାନାଗାର ପଦ୍ଧତି ଦ୍ୱାରା ବିଶ୍ଳେଷଣ କଲେ। ମଣିଷର ମନକୁ ସେ ସଚେତନ, ଅର୍ଦ୍ଧଚେତନ ଓ ଅବଚେତନ ନାମରେ ତିନୋଟି ସ୍ତରରେ ଆଲୋଚନା କରିଥିଲେ। ସଚେତନ ମନରେ ମଣିଷ ଯାହା ଭାବେ, ଦେଖେ, କଳ୍ପନା କରେ, କାମନା କରେ ଓ ଅନୁଭବ କରେ ; ସେସବୁ ଜୈବିକ ପ୍ରକ୍ରିୟା ରୂପେ ଅବଚେତନ ମନରେ ପ୍ରକାଶିତ ହୁଏ। ଫ୍ରଏଡ଼ଙ୍କ ଏହି ମନୋଜଗତର ବିଶ୍ଳେଷଣ ମଣିଷ ମନରେ ଲୁକାୟିତ ଯୌନପ୍ରବୃତ୍ତିକୁ ଗୁରୁତ୍ୱ ପ୍ରଦାନ କଲା। ପୁନଶ୍ଚ ସ୍ଥିତିବାଦୀ ଦର୍ଶନର ପ୍ରବକ୍ତା ସାର୍ତ୍ତ ଏବଂ କାମ୍ୟୁ ମଣିଷର ସ୍ଥିତି ଓ ବ୍ୟକ୍ତିତ୍ୱକୁ ଉପଲବ୍ଧି କରିବାର ଦାୟିତ୍ୱ ମଣିଷ ଉପରେ ନିର୍ଭର କରିବାର ସତ୍ୟ ଉଦ୍‌ଘାଟିତ କଲେ। ତା’ର ଭବିଷ୍ୟତ ଭଗବାନଙ୍କ ଦ୍ୱାରା ପୂର୍ବ ନିର୍ଦ୍ଧାରିତ ନୁହେଁ। ତା’ ସ୍ଥିତିର ଦାୟିତ୍ୱ ସେ ନିଜେ ବହନ କରିଥାଏ। ଏହି ତତ୍ତ୍ୱ କ୍ରମଶଃ ମଣିଷକୁ ଆତ୍ମକୈନ୍ଦ୍ରିକ ହୋଇ ବଞ୍ଚିବାର ରାହା ଉନ୍ମୁକ୍ତ କଲା ଓ ମଣିଷକୁ ଏକକୀବୋଧର ଅନୁଭବ ଆଣିଦେଇଥିଲା। ମଣିଷର ଏଇ ଏକାକୀ, ନିଃସଙ୍ଗ ମନଜଗତରେ ପହଞ୍ଚିବା ପାଇଁ ପତ୍ୟକ୍ଷ ଉପାୟ ଅବଲମ୍ବନର ଆବଶ୍ୟକତା ରହିଲା ନାହିଁ, ବରଂ ପରୋକ୍ଷ ଭାବେ ଅର୍ଥ ପ୍ରକାଶ କରୁଥିବା ‘ପ୍ରତୀକ’ର ସାମର୍ଥ୍ୟ ସର୍ବବ୍ୟାପକତା ଲାଭକଲା। ବିଜ୍ଞାନର ନବନବ ଉଦ୍ଭାବନ ଓ ଆବିଷ୍କାର ସତ୍ତ୍ୱେ ଇଶ୍ୱର ଓ ଭାଗ୍ୟ ଏବଂ ନିଜର ଶକ୍ତି ସାମର୍ଥ୍ୟ ଉପରେ ମଣିଷର ଗଭୀର ବିଶ୍ୱାସ ସ୍ଥିର ରହିଲା। ଏହି ଉଭୟ ସ୍ଥିତି ମଧ୍ୟରେ ‘ପ୍ରତୀକ’ର ହିଁ ସଂଯୋଗସେତୁର କାର୍ଯ୍ୟପାଇଁ ସାମର୍ଥ୍ୟ ରହିଛି ବୋଲି ପ୍ରକୀକବାଦର ପ୍ରବକ୍ତା ବାଦ୍‌ଲେୟାର, ମାଲାର୍ମେ, ର୍‍ୟାମ୍ବୋ,ଇ.କାସିଓରର୍, ପଲ୍ ଭ୍ୟାଲେରୀ, ଲାଫର୍ଗ ଆଦି ଦାର୍ଶନିକ କବିଗଣଙ୍କ ଦୃଢ଼ ଧାରଣା ଜନ୍ମିଥିଲା। ଆଧ୍ୟାତ୍ମିକ ଓ ଭୌତିକ ଜଗତ ମଧ୍ୟରେ ପ୍ରତୀକ ସମନ୍ୱୟ ଆଣିପାରିବ ବୋଲି ସେମାନଙ୍କର ହୃଦ୍‌ବୋଧ ହୋଇଥିଲା। ତେଣୁ ସାହିତ୍ୟରେ ‘ପ୍ରତୀକ’ର ପ୍ରାଧାନ୍ୟ ବୃଦ୍ଧି ଘଟିଥିଲା।

ବସ୍ତୁତଃ ଫ୍ରାନ୍ସରେ ପ୍ରତୀକବାଦୀ ଆନ୍ଦୋଳନ କ୍ରମଶଃ ସମଗ୍ର ବିଶ୍ୱ ସାହିତ୍ୟକୁ ପ୍ରଭାବିତ କରିବାକୁ ଲାଗିଲା, ଇଂରାଜୀ ସାହିତ୍ୟରେ ୟେଟସ୍, ଏଲିୟଟ ପ୍ରଭୃତି କବିଗଣ ପ୍ରତୀକ ପ୍ରତି ଗଭୀର ଶ୍ରଦ୍ଧା ପ୍ରକଟ କରିଥିଲେ। ଓଡ଼ିଆ ସାହିତ୍ୟର ଇତିହାସରେ ସ୍ୱାଧୀନତା ସମୟରୁ ପାଶ୍ଚାତ୍ୟ ଆଦୃତ 'ପ୍ରତୀକ'ର ପ୍ରୟୋଗ ଆରମ୍ଭ ହୋଇଥିଲା। ଏହା ମୁଖ୍ୟ ପ୍ରବକ୍ତା ଥିଲେ ପଦ୍ମଶ୍ରୀ କବି ସଚ୍ଚିଦାନନ୍ଦ ରାଉତରାୟ। 'ପ୍ରତୀକର' ଆଦି ଉତ୍ସ ଫ୍ରାନ୍ସରେ ପରିଦୃଷ୍ଟ ହେଲେ ହେଁ ସମଗ୍ର ବିଶ୍ୱ ସାହିତ୍ୟରେ ଏହା ବିକଶିତ ରୂପ ପ୍ରତିଭାତ ହୋଇଥାଏ।

## ୧.୫ ପ୍ରତୀକବାଦର ସଂଜ୍ଞା, ସ୍ୱରୂପ ଓ ଗଠନ କୌଶଳ

'ପ୍ରତୀକ' ସଂସ୍କୃତି, ସଭ୍ୟତା ଓ ସାହିତ୍ୟଜଗତରେ ଏକ କଳାତ୍ମକ ବୌଦ୍ଧିକ ରୀତିସଂପନ୍ନ ଭାବେ ଚେତନା। ଏହା ଏକ ବସ୍ତୁ ଯାହା ଅନ୍ୟ ଏକ ବସ୍ତୁର ନିର୍ଦ୍ଦିଷ୍ଟ ଭାବନା ପାଇଁ ଏକ ସଂକେତ। ଏହାର ଶବ୍ଦଗତ ବ୍ୟୁତ୍ପତ୍ତି ଅଭିଧାନ ମାନଙ୍କରେ ଉଲ୍ଲେଖ ରହିଛି। ସଂସ୍କୃତିରେ କୁହାଯାଇଛି "ପ୍ରତିଯନ୍ତେ ଅନେକ ଇତି ପ୍ରତୀକ", ଅର୍ଥାତ୍ ଯାହା ସାହାର୍ଯ୍ୟରେ ପ୍ରତୀତି ବା ବିଶ୍ୱାସ ଜାତହୁଏ ତାହା 'ପ୍ରତୀକ'। ବସ୍ତୁ ସଂପର୍କରେ ଶବ୍ଦଗତ ସଂକେତରୁ ଧାରଣା ଜାତ ହୋଇପାରିଲେ ଯାଇ ସେହି ସଂକେତବାଦୀ ଶବ୍ଦ 'ପ୍ରତୀକ'ରୂପେ ସ୍ୱୀକୃତ ହୋଇଥାଏ। ତରୁଣ ଶବ୍ଦଶେଷରେ 'ପ୍ରତୀକ' ଚିହ୍ନ, ଅଂଶ, ନିଦର୍ଶନ, ଅବୟବ ରୂପେ ଉଲ୍ଲେଖିତ। Encyclopaedia Britanic, vol-xxi ପୃଷ୍ଠା-୭୦୦ରେ ପ୍ରତୀକର ସଂଜ୍ଞା ନିରୂପଣ କରି ରହିଚି "The term gives no visible object representing to mind the semblance of something which is not shown, but realized by association with it." ଅର୍ଥାତ୍ ପ୍ରତୀକ ଚିହ୍ନ ବା ସଂକେତ ଅର୍ଥରେ ବ୍ୟବହୃତ ହୋଇଥାଏ। ଅନେକ କ୍ଷେତ୍ରରେ ପ୍ରତୀକ ଶବ୍ଦକୁ କୌଣସି ଅଜଣା ବସ୍ତୁର ଅନୁଭବ ଓ ତା' ସହିତ ସଂପର୍କକୁ ସୂଚାଇବା ପାଇଁ ବ୍ୟବହାର କରାଯାଇଥାଏ।

ପ୍ରତୀକବାଦର ସଂଜ୍ଞା ସଂପର୍କରେ "Dictionary of Philosophy ରେ ଉଲ୍ଲେଖ ରହିଛି ଯେ "Symbolism was an artistic movement flourishing at the end of the nineteenth Century, in reaction to feith in nature, and endeavouring to represent spiritual values by means of abstract sings." ଊନବିଂଶ ଶତାବ୍ଦୀରେ ପ୍ରତୀକ ବାଦ ହେଉଛି ଏକ କଳାତ୍ମକ ଆନ୍ଦୋଳନ। ଏଥିରେ ବସ୍ତୁ ଅପେକ୍ଷା ତାହାର ଭାବପ୍ରତି ଅଧିକ ସଚେତନତା ପ୍ରକାଶଲାଭ କରିଥାଏ। ପରୋକ୍ଷ ବ୍ୟଞ୍ଜନା ଦ୍ୱାରା ପ୍ରତୀକର ସୃଷ୍ଟି ପ୍ରତି ବିଶେଷ ଦୃଷ୍ଟି ଦିଆଯାଇଥାଏ। 'Encychlopaedia of Religion and Ethics' ଗ୍ରନ୍ଥର Vol-2, ପୃ ୧୩୯ରେ କହାଯାଇଛି "A symbol is a visible or audible sign or emblem of the thought, emotion or experience interpreting what can be really grasped only by the mind and imagination by samething which enters into."ସୁତରାଂ ମଣିଷ ମନ ଜଗତରେ ଭାସିବୁଲୁଥିବା କଳ୍ପନା, ଆବେଗ, ଅନୁଭୂତି, ଅଭିଜ୍ଞତି, ଚିନ୍ତା ଓ ଚେତନାର ସ୍ୱରୂପ ହେଉଚି ପ୍ରତୀକ। ଏହାକୁ ମଣିଷ ନିଜ ଆତ୍ମା ଓ ବସ୍ତୁ ଜଗତକୁ ଜାଣିବା ପାଇଁ ଏକ ସଂଯୋଗ ସୂତ୍ର ରୂପେ ଗ୍ରହଣ କରିଥାଏ। ନିଜର ଅନୁଭବକୁ ସେ ଇଙ୍ଗିତଧର୍ମୀ ଶବ୍ଦମାଧ୍ୟମରେ ପ୍ରକାଶକରେ। ମଣିଷର

ମାନସିକ ଅବସ୍ଥାକୁ ଯଥାର୍ଥ ପ୍ରକାଶ କରିବାପାଇଁ ପ୍ରତୀକର ଭୂମିକା ଗୁରୁତ୍ୱପୂର୍ଣ୍ଣ। Literary Critice A Short History ରେ ପ୍ରତୀକ ସଂପର୍କରେ ଉଲ୍ଲେଖ ରହିଛି "A symbol is nothing more then a vehicle for imaginative experience. What essential is that it should correspond to the emotion evoked." (Willian k., Wimsatt JR and cleanth Brooks, Oxford, & IBH Publishing co, 66 janpath, New Delhi, 1957.) ଦାର୍ଶନିକ Ernst Cassierଙ୍କ ମତରେ "Man lives in a symbolic Universe. Language, myth, art and religion are parts of this universe. They are the varied thread which weave the symbolic net." ଅର୍ଥାତ ମଣିଷର ଆଧାତ୍ମିକ ଓ ଭୌତିକ ଚିନ୍ତନ ମଧ୍ୟରେ ପ୍ରତୀକ ସଂଯୋଗ ସେତୁ ହୋଇ ମଣିଷର ସକଳ ସୃଜନୀଶକ୍ତିକୁ ଅଭିମନ୍ତ୍ରିତ କରିଥାଏ। 'କାସିରେର୍' ମଣିଷ ଏକ ସାଂକେତିକ ପୃଥିବୀର ବାସିନ୍ଦ ବୋଲି କହନ୍ତି। ପ୍ରତୀକବାଦର ଅନ୍ୟତମ ପ୍ରବକ୍ତା 'ମାଲାର୍ମେ'ଙ୍କ ମତରେ ପ୍ରତୀକର ପ୍ରାଣ ହେଉଚି ରହସ୍ୟମୟତା ବା ବ୍ୟଞ୍ଜନ। ବସ୍ତୁକୁ ଅବିକଳ ଉପସ୍ଥାପନା ନ କରି ବ୍ୟଞ୍ଜନାମୟ ଶବ୍ଦ ଓ ଭାଷା ମାଧ୍ୟମରେ ଅର୍ଥପୂର୍ଣ୍ଣ କରିବା ପ୍ରତୀକ ଦ୍ୱାରା ହିଁ ସମ୍ଭବ ହୋଇଥାଏ। କବିତାର ଅଙ୍ଗ ଓ ଆତ୍ମା ମଧ୍ୟରେ ସମନ୍ୱୟ ସ୍ଥାପନ ପାଇଁ ପରୋକ୍ଷ ବ୍ୟଞ୍ଜନା ବା ପ୍ରତୀକକୁ ମାଲାତର୍ମ ଗ୍ରହଣ କରିଥିଲେ। କବିତାର ଅଙ୍ଗ ଓ ଅତ୍ମା ମଧ୍ୟରେ ସମନ୍ୱୟ ସ୍ଥାପନା ପାଇଁ ପରୋକ୍ଷ ବ୍ୟଞ୍ଜନା ବା ପ୍ରତୀକକୁ ମାଲାତର୍ମ ଗ୍ରହଣ କରିଥିଲେ। କବି ପଲ୍ ଭ୍ୟାଲେରୀ ପ୍ରତୀକ ବ୍ୟବହାର କ୍ଷେତ୍ରରେ ବ୍ୟଞ୍ଜନାମୟ ଶବ୍ଦ ଦ୍ୱାରା କାବ୍ୟଆତ୍ମାକୁ ପୁଷ୍ଟ କରୁଥିଲେ। ପ୍ରତୀକବାଦୀ କବି ଏଡ଼ଗାର ଏଲେନ ପୋ କବିତାରେ 'ପ୍ରତୀକ'କୁ 'Rhythmical Creation of beauty"ବୋଲି ମତ ଦେଇଥିଲେ। ପ୍ରତୀକର ଛନ୍ଦମୟ ଓ ସଙ୍ଗୀତମୟତାକୁ ସେ ଗୁରୁତ୍ୱ ଦେଇଥିଲେ। ପ୍ରତୀକ ଭାବଚେତନା ପରିପ୍ରକାଶ ପାଇଁ ଏକ ବଳିଷ୍ଠ ମାଧ୍ୟମରୂପେ ପାଶ୍ଚାତ୍ୟ ସାହିତ୍ୟରୁ ଦେଶୀୟ ସାହିତ୍ୟ ପର୍ଯ୍ୟନ୍ତ ସବୁଠାରେ ଅଦ୍ୟାବଧି ଗୃହୀତ। ଓଡ଼ିଆସାହିତ୍ୟର ସମାଲୋଚକ ଦାଶରଥି ଦାସ ପ୍ରତୀକ ସମ୍ପର୍କରେ ମତ ଦିଅନ୍ତି ଯେ ପ୍ରତୀକ ବ୍ୟକ୍ତି ଓ ଅବ୍ୟକ୍ତି ଭାବାବେଗର ଯୋଗସୂତ୍ରଟିଏ। ଗୋଟିଏ ଚିନ୍ତନ ଉପଲକ୍ଷେ ଦୁଇଟି ବସ୍ତୁ ମଧ୍ୟରେ ପ୍ରତୀକ କାର୍ଯ୍ୟ କରିଥାଏ। ତାହା ଅରୂପକୁ ରୂପଦାନ କରିବାର ଚେଷ୍ଟାରେ ବ୍ୟାପୃତ ଥାଏ। "ପ୍ରତୀକ ବସ୍ତୁବିଶେଷର ପ୍ରତିନିଧିତ୍ୱ କରେ।" (ଆଧୁନିକ କାବ୍ୟ ଜିଜ୍ଞାସା : ଚିତ୍ରକଳ୍ପ)। ସର୍ବୋପରି ପ୍ରତୀକ ସଂଜ୍ଞା ସଂପର୍କରେ ବହୁ ଦାର୍ଶନିକ, ପ୍ରବକ୍ତା, କବି, ସାହିତ୍ୟିକ ବହୁମତ ପୋଷଣ କରିଥିଲେ ହେଁ ପ୍ରତୀକର ସଂଜ୍ଞା ସର୍ବକାଳରେ ସମାନ। ଏହା ପ୍ରକାଶିତ ହେବାପାଇଁ ଦୁଇଟି ବସ୍ତୁର ଅପେକ୍ଷା ରଖେ ଏବଂ ସେହି ଦୁଇ ବସ୍ତୁ ମଧ୍ୟରେ ସଂପର୍କର ସୂତ୍ରଟି ସ୍ଥାପନ କରି ନିଜର ସ୍ଥିତି ସୂଚିତ କରେ। ଅର୍ଥାତ୍ ସେହି ସଂପର୍କ ସୂତ୍ର ହିଁ ପ୍ରତୀକ। ଗୋଟିଏ ବସ୍ତୁ ଅନ୍ୟବସ୍ତୁ ମାଧ୍ୟମରେ ପ୍ରକାଶିତ ହେବା ସହ ଦ୍ୱିତୀୟ ବସ୍ତୁଟି ପ୍ରଥମକୁ ସ୍ପଷ୍ଟ ଓ ବୋଧାଗମ୍ୟ କରିଥାଏ। ମାତ୍ର ପାଠକ କେବଳ ଗୋଟିଏକୁ ଦେଖିପାରନ୍ତି। ଜର୍ଜ ହ୍ୱାଏଲି (George Whalley)ଙ୍କ ମତରେ ପ୍ରତୀକ ହେଉଛି ଏକ "Focus of relationship" ସଂପର୍କ ସୂତ୍ରର କେନ୍ଦ୍ରବିନ୍ଦୁ। ଯଦି ଦୁଇ ବସ୍ତୁର ସଂପର୍କ ସୂତ୍ରଟି କେନ୍ଦ୍ରାୟିତ ହୋଇ ନ ପାରିଲା ତେବେ ସେଠାରେ 'ପ୍ରତୀକ' ପ୍ରୟୋଗ ନିରର୍ଥକ ହୋଇଯାଏ। ଉଦାହରଣ ସ୍ୱରୂପ ଲାଲ୍‌ଗୋଲାପ ଫୁଲ ପ୍ରେମର ପ୍ରତୀକ ରୂପେ ସ୍ୱୀକୃତ। ଯଦି ଫୁଲଟି ସଂଦର୍ଶନରେ ଛଳଛଳ ଉଚ୍ଛଳ ଯୌବନା ସୁନ୍ଦରୀ ପ୍ରେମିକାର ମୁଖ ମଣ୍ଡଳ ଚକ୍ଷୁ ସାମ୍ନାରେ ଉଦ୍‌ଭାସିତ ନ ହୁଏ ତେବେ "My love is a like red red rose" କହିବାର

ତାତ୍ପର୍ଯ୍ୟ ନଥାଏ। ପ୍ରତୀକ ଏଠାରେ ନିଜସ୍ୱ ଗୁଣଧାରଣ କରିବା ଦିଗରେ ଅସମର୍ଥ ହୁଏ। ତେଣୁ ପ୍ରତୀକ ବସ୍ତୁର ଗଭୀର ଅର୍ଥ ପ୍ରକାଶର ଏକ କଳାତ୍ମକ ସାଧନ, ଏକ ସଂକେତ।

**ପ୍ରତୀକର ସ୍ୱରୂପ :**

- ପ୍ରତୀକ କାବ୍ୟକବିତା ପରିସରରେ ପାଠକ ପ୍ରାଣରେ ବସ୍ତୁଜଗତର ଭାବବ୍ୟଞ୍ଜନା ସଂଞ୍ଚରଣ କରିବାରେ ସମର୍ଥ ହୋଇଥାଏ ଓ ଏକ ସ୍ୱତନ୍ତ୍ର ରସ ଉପଲବ୍ଧିର ଆଗ୍ରହ ସୃଷ୍ଟି କରିଥାଏ। କବିମନରେ ସାଂକେତିକ ଅଭିପ୍ରାୟ ପ୍ରତୀକ ମାଧ୍ୟମରେ ପାଠକ ନିକଟରେ ପହଞ୍ଚିବା କ୍ଷଣି ଏକ ସ୍ୱତନ୍ତ୍ର ଭାବବୋଧ ଉତ୍ପନ୍ନ ହୋଇଥାଏ।
- ପ୍ରତୀକ ଇଙ୍ଗିତାତ୍ମକ ଭାବ ସଂପଦ ନେଇ ପ୍ରକାଶିତ ହୁଏ।
- ପ୍ରତୀକ ମୂର୍ତ୍ତ ଓ ଅମୂର୍ତ୍ତ ହୋଇପାରେ।
- ପ୍ରତୀକ ପ୍ରାୟ ଏକାର୍ଥବୋଧକ କାରଣ ସେ ବସ୍ତୁବିଶେଷର ପ୍ରତିନିଧିତ୍ୱ କରେ।
- ପ୍ରତୀକ କବି ମନର ବିସ୍ତୃତ ଚିନ୍ତାଧାରାର ପ୍ରତିନିଧିତ୍ୱ କରେ।
- ଏହା ଏକ ସମ୍ବେଦନଶୀଳ ଅଭିଜ୍ଞତାକୁ ସହଜରେ ବୋଧଗମ୍ୟ କରାଇପାରେ।
- ପ୍ରତୀକ ଶବ୍ଦର ଆକ୍ଷରିକ ଓ ସାଂକେତିକ ଅର୍ଥ ବହନ କରିଥାଏ।
- ପ୍ରତୀକ ମାଧ୍ୟମରେ କମ୍ ଶବ୍ଦରେ ଅଧିକ ଭାବ ପ୍ରକାଶିତ ହୋଇପାରେ। ବିରାଟ ଭାବକୁ ସଂକ୍ଷିପ୍ତରେ ବ୍ୟଞ୍ଜିତ କରିବା ଏହାର ଗୁଣଧର୍ମ।
- ପ୍ରତୀକ ଏକ ଜଟିଳ ବିଷୟ ସହିତ ଦର୍ଶନୀୟ ଉପାଦାନ ସଂଯୁକ୍ତ କରି ଭାବଧାରାକୁ ସ୍ପଷ୍ଟ କରିଥାଏ।
- ପ୍ରତୀକ ବିସ୍ତାରିତ ବର୍ଣ୍ଣନାକୁ ଇଙ୍ଗିତଧର୍ମୀ କରିଥାଏ।
- 'ପ୍ରତୀକ'ରେ ପ୍ରତ୍ୟକ୍ଷ ଅଭିବ୍ୟକ୍ତି ଅପେକ୍ଷା ପରୋକ୍ଷ ବ୍ୟଞ୍ଜନା ଅଧିକ ପ୍ରକାଶିତ ହୁଏ।
- ପ୍ରତୀକ ବସ୍ତୁର ଭାବଜଗତ ଉପରେ ଅଧିକ ଗୁରୁତ୍ୱଆରୋପ କରେ।
- ପ୍ରତିକ ବସ୍ତୁର ପ୍ରତିନିଧିତ୍ୱ କରିବା ସହିତ ନନ୍ଦନତାତ୍ତ୍ୱିକ ଦୃଷ୍ଟିରୁ ମନୋଜ୍ଞ ରୂପ ଲାଭ କରିଥାଏ। ଏଥିରେ ବସ୍ତୁଜଗତ ଓ ଆଧ୍ୟାତ୍ମିକ ଜଗତର କାଳ୍ପନିକ ପରିପ୍ରକାଶ ଘଟିଥାଏ।
- ପ୍ରତୀକ ସର୍ବଦା ଚିରନ୍ତନ ସହିତ କ୍ଷଣସ୍ଥାୟୀର, ନିତ୍ୟ ସହିତ ଅନିତ୍ୟର ସଂପର୍କକୁ ସ୍ୱତନ୍ତ୍ର ରୂପରେ ପ୍ରକଟିତ କରାଏ।
- ପ୍ରତୀକ ଧର୍ମ ଓ ଆଧ୍ୟାତ୍ମିକ ଇତିହାସ ସହିତ ସଂପୃକ୍ତ।
- କେତେକ ଆଲୋଚକ ପ୍ରତୀକର ସ୍ୱରୂପରେ ଅସ୍ପଷ୍ଟତାକୁ ସୂଚାଇଥାନ୍ତି।

### ପ୍ରତୀକର ଗଠନ କୌଶଳ :

ପ୍ରତୀକ ପ୍ରତିକୀତ ଦୁଇ ବସ୍ତୁ ମଧ୍ୟରେ ଥିବା ସଂପର୍କର ସୂତ୍ରଧରି କାବ୍ୟକବିତାର ଅର୍ଥ ଖୋଜିବାକୁ ହୁଏ। କବିତାର ଅର୍ଥବୋଧ କବିତା ପଢିବାର ଧାରା ଉପରେ ନିର୍ଭର କରେ। କବିତା ପାଠ ସମୟରେ ତାହାର ଶବ୍ଦ, ଧ୍ୱନି, ପ୍ରସଙ୍ଗ ଓ ପ୍ରତୀକ ମଧ୍ୟରେ ଥିବା ସଂପର୍କ ଏକ ସମୟରେ ସକ୍ରୀୟ ରହିଲେ କବିତାର ଅର୍ଥବୋଧ ଅନୁଭବ ମଧ୍ୟରେ ପ୍ରସାରିତ ହୋଇଥାଏ ଓ ସାର୍ବଜନୀନ ସାଦୃଶ୍ୟବୋଧ ପ୍ରକାଶିତ ହୁଏ। ଆଧୁନିକ ସମୟରେ ମଣିଷ ମନର ସର୍ବାଂଶ କବିତାରେ ଉଦ୍‌ଘାଟିତ ହେଉଥିବାରୁ କବିଙ୍କ ଅନ୍ତଦୃଷ୍ଟି ଓ କାବ୍ୟସୃଷ୍ଟି ପ୍ରକ୍ରିୟା ପ୍ରତି ପାଠକ ସଚେତନ ହୋଇ ବିଚାର କଲେ ଯାଇ କବିତା ସାମୁହିକ ଅଭିଜ୍ଞତାରେ ପରିଣତ ହୋଇଯାଏ ଓ ସାର୍ଥକ ସୃଷ୍ଟି କର୍ମର ଗୌରବ ଲାଭ କରେ। ଏହାଦ୍ୱାରା କବିତାର ସାମଗ୍ରିକ ରୂପରେ ମଣିଷ ସମାଜପ୍ରତି ଉଦ୍‌ଘୋଷିତ ହେଉଥିବା ଜଗତ ଓ ଜୀବନ ସଂପର୍କୀୟ ଶୁଭବାର୍ତ୍ତା ଅତ୍ମପ୍ରକାଶିତ ହୋଇଥାଏ।

ପ୍ରତୀକରେ ଦୁଇଟିଯାକ ବସ୍ତୁ ଏକ ସାଦୃଶ୍ୟ ସଂପର୍କର ଭାବ ବନ୍ଧନରେ ତିଷ୍ଠି ରହିଥାନ୍ତି। ସେହି ଦୁଇ ମଧ୍ୟରେ ଥିବା ସଂଗତି ଓ ଐକ୍ୟବୋଧତା ଯୋଗୁ ଦୃଶ୍ୟମାନ ହେଉଥିବା ବସ୍ତୁଟି ଅଦୃଶ୍ୟରେ ଥିବା ବସ୍ତୁଟିର ଅଂଶ ହୋଇ ତାକୁ ବ୍ୟକ୍ତ ଓ ବୋଧଗମ୍ୟ କରେ। ପ୍ରତୀକ କବିତାର ଅର୍ଥବୋଧ ଅପେକ୍ଷାକୃତ ସହଜ ସରଳ ହୋଇଥାଏ। ବସ୍ତୁତଃ ପ୍ରତୀକ ମଧ୍ୟରେ ଥିବା ଶବ୍ଦ ସଜ୍ଜିକରଣ କୌଶଳ ହିଁ ପାଠକମାନଙ୍କୁ କବିତାରୁ ଜୀବନ୍ତ ଅନୁଭବ କରିବାରେ ସହାୟକ ହୋଇଥାଏ।

## ୧.୬ ପ୍ରତୀକବାଦର ପ୍ରକାରଭେଦ ଓ ବୈଶିଷ୍ଟ୍ୟ

କାବ୍ୟକବିତାରେ ଭାବ ସଂକ୍ଷେପଣକାରୀ କୌଶଳ 'ପ୍ରତୀକ'ର ପ୍ରକାରଭେଦ ସ୍ଥାନ, କାଳ, ପାତ୍ର ଓ ଗୁଣଧର୍ମ ବିଶେଷରେ କରାଯାଇଅଛି। ଆଲୋଚକମାନେ 'ପ୍ରତୀକ'କୁ ଗୋଟିଏ ସ୍ୱରୂପରେ ସଂଦର୍ଶନ କରିନାହାଁନ୍ତି। ପ୍ରାଚୀନକାଳରୁ ଆଧୁନିକ କାଳ ମଧ୍ୟରେ ପ୍ରତୀକର ବହୁବିଧ ରୂପବିଭା କବିତାରେ ରୂପଲାଭ କରିଚି। କେବଳ କବିତା କାହିଁକି, ସମାଜ, ରାଜନୀତି, ଅର୍ଥନୀତି, ଇତିହାସ, ସଂସ୍କୃତ, ସବୁ କ୍ଷେତ୍ରରେ ପ୍ରତୀକର ପ୍ରୟୋଗନୁସାରୀ ହୋଇଛି ତାହାର ବିଭାଗୀକରଣ। ଆମେରିକାର ଦାର୍ଶନିକ ଡବ୍ଲୁ.ଏମ୍.ଅରବାନ୍ (Willbar Marshall Urban) ପ୍ରତୀକକୁ (କ) ବାହ୍ୟ ବା ସ୍ୱଚ୍ଛନ୍ଦ ପ୍ରତୀକ (Extrinsic Symbols) (ଖ) ଅର୍ନ୍ତନିହିତ ବା ବ୍ୟାଖ୍ୟାତ୍ମକ ପ୍ରତୀକ (Intrinsic or descriptive symbol), (ଗ) ଅର୍ନ୍ତଦୃଷ୍ଟି ମୂଳକ ପ୍ରତୀକ (Insight symbols) ଏହି ତିନିରୂପରେ ଆଲୋଚିତ କରିଛନ୍ତି। ସେହିପରି ଇଂରାଜୀ ଆଲୋଚକ ସି.ଏମ.ବୋଓରା (C.M.Bowra) ତାଙ୍କ 'The heritage of symbolism' ଗ୍ରନ୍ଥରେ ପ୍ରତୀକକୁ ତିନିଭାଗରେ ବିଭକ୍ତ କରିଛନ୍ତି।

(୧) ଶବ୍ଦ ପ୍ରତୀକ

(୨) ବାକ୍ୟ ପ୍ରତୀକ

(୩) ପ୍ରବନ୍ଧ ପ୍ରତୀକ

ଶବ୍ଦ ଆଧାରରେ ପ୍ରତୀକର ସୃଷ୍ଟିକୁ ଶବ୍ଦ ପ୍ରତୀକ, କାବ୍ୟ ସାମଗ୍ରିକ ରୂପେ ଅର୍ଥ ସୂଚିତ କଲେ କାବ୍ୟ ପ୍ରତୀକ ଏବଂ ସମଗ୍ର ବର୍ଣ୍ଣନାରେ ଯେଉଁଠି ପ୍ରତୀକାତ୍ମକ ଭାବଧାରା ପ୍ରତଫଳିତ ହୁଏ ସେଠାରେ ପ୍ରବନ୍ଧ ପ୍ରତୀକ ହୋଇଥାଏ ।

ଓଡ଼ିଆ ସାହିତ୍ୟ ଆଲୋଚକ ବିଭୁତି ପଟ୍ଟନାୟକ ତାଙ୍କ 'ସାହିତ୍ୟର ସୂଚୀପତ୍ର' ଗ୍ରନ୍ଥରେ ପ୍ରତୀକର ବିଭାଗୀକରଣ ଦୁଇପ୍ରକାର କରିଛନ୍ତି ।

(୧) ସାର୍ବଜନୀନ ବା ପ୍ରଚଳିତ ପ୍ରତୀକ

(୨) ବ୍ୟକ୍ତିଗତ ପ୍ରତୀକ

ସାର୍ବଜନୀନ ପ୍ରତୀକ ରୂପେ ମୟୁର, ଇଗଲପକ୍ଷୀ କିମ୍ବ ଉଦିତ ସୂର୍ଯ୍ୟ, ଅସ୍ତ ସୂର୍ଯ୍ୟକୁ ଉଦାହରଣ ଭାବେ ଆଲୋଚକ ବିଭୁତି ପଟ୍ଟନାୟକ ଉଲ୍ଲେଖ କରିଛନ୍ତି । ଉଦୟସୂର୍ଯ୍ୟ ଜନ୍ମ ଅସ୍ତସୂର୍ଯ୍ୟ ମୃତ୍ୟୁର ପ୍ରତୀକ ରୂପେ ସର୍ବାଜନାଦୃତ ହୋଇ ରହିଛି । ଏହି ସାର୍ବଜନୀନ ପ୍ରତୀକଗୁଡ଼ିକ ସହଜରେ ବୋଧଗମ୍ୟ ଓ ପାଠକମାନଙ୍କଠାରେ ପରିଚିତ । ମାତ୍ର କବିର ବ୍ୟକ୍ତିଗତ ଓ ଅନୁଭୂତିକୁ ଅଶ୍ରୟ କରି ଗଢା ହେଉଥିବା ପ୍ରତୀକ ସବୁସମୟରେ ସହଜରେ ବୁଝି ହୁଏ ନାହିଁ । ପାଠକ ଦୃଷ୍ଟିରେ ଏପରି ପ୍ରତୀକର ବହୁଳ ପ୍ରୟୋଗ କବିତାକୁ ଦୁର୍ବୋଧ କରିଥାଏ । କବିତାର ରସ ଉପଲବ୍ଧି ଓ ଆନନ୍ଦ ପ୍ରାପ୍ତିରେ ବାଧା ସୃଷ୍ଟି ହୋଇଥାଏ । ତଥାପି କବିତାରେ ଏହି ବ୍ୟକ୍ତିଗତ ପ୍ରତୀକର ଆବଶ୍ୟକତା ଅଧୁନିକ ସମୟରେ ଅଧିକ ମନେହୁଏ । ଏହାଦ୍ୱାରା ଆଧୁନିକ ଜୀବନକୁ ବୁଝିବା ସହଜ ହୋଇଥାଏ ।

ଆଲୋଚକ ପୂର୍ଣ୍ଣଚନ୍ଦ୍ର ମହାନ୍ତି 'ସାହିତ୍ୟର ସନ୍ଧିଧାନ' ଗ୍ରନ୍ଥରେ କାବ୍ୟକବିତାରେ ବ୍ୟବହୃତ ପ୍ରତୀକକୁ ଅନ୍ୟ ଆଲୋଚକମାନଙ୍କ ପରି ତିନୋଟି ବିଭାଗରେ ବିଭକ୍ତ କରିଛନ୍ତି । ଯଥା :

(୧) ପ୍ରଥାସିଦ୍ଧ ପ୍ରତୀକ

(୨) ଆକସ୍ମିକ ପ୍ରତୀକ

(୩) ସାର୍ବଜନୀନ ପ୍ରତୀକ

ପୂର୍ବକାଳରୁ ପରଂପରାକ୍ରମେ ପ୍ରଚଳିତ ପ୍ରତୀକ ସକଳକୁ ପ୍ରଥାସିଦ୍ଧ ପ୍ରତୀକ ଭାବେ ଆଲୋଚକ ମହାନ୍ତି ପର୍ଯ୍ୟାୟଭୁକ୍ତ କରିଛନ୍ତି । ଏଗୁଡ଼ିକ କାଳକାଳ ପାଇଁ ଏକ ଅର୍ଥରେ ଗୃହୀତ ହୋଇଥାଏ । କବି ସର୍ଜନାକର୍ମରେ ଆକସ୍ମିକ ଭାବେ ଯେଉଁ ପ୍ରତୀକର ପ୍ରୟୋଗ କରିଥାନ୍ତି ତହା ଆକସ୍ମିକ ପ୍ରତୀକ ହୋଇଥାଏ । ସର୍ବଜନବୋଧଗମ୍ୟ ହୋଇଥିବା ପ୍ରତୀକର ଅର୍ଥ ସହଜ ଓ ସରଳ ହୋଇଥାଏ ।

ଆଲୋଚକ ଦାଶରଥି ଦାସ ତାଙ୍କ ଆଧୁନିକ କାବ୍ୟଜିଜ୍ଞାସା ଚିତ୍ରକଳ୍ପ ଗ୍ରନ୍ଥରେ ମଧ ପ୍ରତୀକକୁ ତିନି ଶ୍ରେଣୀରେ ବିଭକ୍ତ କରିଛନ୍ତି ।

(୧) ପ୍ରଥାସିଦ୍ଧ ପ୍ରତୀକ (Conventional)

(୨) ଆକସ୍ମିକ ପ୍ରତୀକ (Accidental)

(୩) ସାର୍ବଜନୀନ ପ୍ରତୀକ (Universal)

ସମାଜ ଜୀବନ ଚଳଣିର ଅଧିକାଂଶ ବସ୍ତୁ ପ୍ରଥାସିଦ୍ଧ ପ୍ରତୀକାତ୍ମକ ହୋଇଥାଏ। ଯଥା ଜାତୀୟତା ବା ଯେପରି ଏକ ଦେଶର ପ୍ରତୀକ ରୂପେ ପରିଚିତ ଆକସ୍ମିକ ପ୍ରତୀକ ପ୍ରଥାସିଦ୍ଧ ପ୍ରତୀକର ବିପରୀତ। ଏଥିରେ ପରଂପରାଗତ କୌଣସି ଭାବ କି ଚେତନା ସ୍ପଷ୍ଟ ସଂପର୍କ ନଥାଏ। ଉଦାହରଣ ସ୍ୱରୂପ ରୂପେ କବି ସଚ୍ଚିରାଉତରାୟଙ୍କ ସ୍ମୃତିଲେଖା କବିତାରେ ବର୍ଣ୍ଣିତ 'ମେଲବୋର୍ଣ୍ଣ' ସହରର ପ୍ରାକୃତିକ ଦୃଶ୍ୟକୁ ନିଆଯାଇପାରେ। ଏହି ମେଲବୋର୍ଣ୍ଣ ସହରର ଦୃଶ୍ୟ ସହିତ କବିଙ୍କର ସର୍ବକାଳିନ ବା ଚିରନ୍ତନ ସଂପର୍କ ନାହିଁ। ତେବେ ଏହା ଆକସ୍ମିକ ରୂପେ କବିଙ୍କ ମନଭାବର ପ୍ରତୀକ ହୋଇଛି। ସାର୍ବଜନୀନ ପର୍ଯ୍ୟାୟର ପ୍ରତୀକ ସହିତ ବସ୍ତୁର ସର୍ବକାଳିକ ସଂପର୍କ ସଂଯୁକ୍ତ ହୋଇଥାଏ। ଯେପରି ଜଳ-ଜୀବନ ବା ପ୍ରାଣ ସତ୍ତାର ପ୍ରତୀକ।

ଏତଦ୍‌ବ୍ୟତୀତ କେହି କେହି ଆଲୋଚକ ବିଭାଗୀକରଣରେ ମିଥ୍ ପ୍ରତୀକ ଓ ପ୍ରତ୍ନପ୍ରତୀକକୁ ସ୍ଥାନିତ କରିଥାନ୍ତି। ସାଧାରଣତଃ ମିଥ୍ ପ୍ରତୀକ ଲୋକସାହିତ୍ୟରେ ଦେଖାଯାଏ। ଆଧୁନିକ କବିତାରେ ଏହି ଜାତୀୟ ଲୋକକାହାଣୀ, ଲୋକବାଣୀ, ଲୋକ ପୁରାଣ, ଇତିହାସ ଓ କିମ୍ବଦନ୍ତୀରୁ ଗ୍ରହଣ କରି ପରୋକ୍ଷ ଭାବେ ପ୍ରୟୋଗ କରିବାର ପରିଲକ୍ଷିତ ହୁଏ ପ୍ରତ୍ନପ୍ରତୀକ ପ୍ରାୟତଃ ମନସ୍ତତ୍ତ୍ୱ ମୂଳକ। ଏହା ଜ୍ଞାନପୂର୍ଣ୍ଣ ଓ ଅନ୍ତର୍ଦୃଷ୍ଟି ସଂପନ୍ନ। ପାଠକମାନଙ୍କ ଉପରେ ଏହାର ପ୍ରଭାବ ସୁଦୂରପ୍ରସାରୀ।

ଏତଦ୍‌ବ୍ୟତୀତ କେହି କେହି ଆଲୋଚକ ପ୍ରତୀକର ବିଭାଗୀକରଣରେ ମିଥ୍ ପ୍ରତୀକ ଓ ପ୍ରତ୍ନ ପ୍ରତୀକକୁ ସ୍ଥାନିତ କରିଥାନ୍ତି। ସାଧାରଣତଃ ମିଥ୍ ପ୍ରତୀକ ଆଧୁନିକ ମଣିଷର ଯନ୍ତ୍ରଣାପିଷ୍ଟ ନିଃସଙ୍ଗ ଜୀବନଚିତ୍ର ପ୍ରଦାନ କ୍ଷେତ୍ରରେ ଏହି ଜାତୀୟ ପ୍ରତୀକର ବ୍ୟବହାର କରାଯାଇଥାଏ। ଲୋକ କାହାଣୀ, ଲୋକବାଣୀ, ପୁରାଣ, କିମ୍ବଦନ୍ତୀ, ଇତିହାସ ଇତ୍ୟାଦିରୁ ଏହି ପ୍ରତୀକ ଗ୍ରହଣ କରି ପରୋକ୍ଷ ରୂପେ କବିତାରେ ପ୍ରୟୋଗ କରାଯାଇଥାଏ। 'ମିଥ୍'ର କଳେବର ମଧ୍ୟରେ ଧର୍ମ, ସମାଜତତ୍ତ୍ୱ, ମନସ୍ତତ୍ତ୍ୱ, ଲୋକ ସାହିତ୍ୟ ଇତ୍ୟାଦି ଅନ୍ତର୍ଭୁକ୍ତ। ଆଧୁନିକ କବିତାରେ ମିଥ୍‌ର ପ୍ରତୀକଧର୍ମୀ ପ୍ରୟୋଗ ମଣିଷଜୀବନର ଅକୁହା ଅନୁଭବ ପ୍ରକାଶ କ୍ଷେତ୍ରରେ କରାଯାଇଥିବା ଦେଖାଯାଏ। କବି ବକ୍ତବ୍ୟର ସାଂକେତିକ ବସ୍ତୁ ହୋଇଥାଏ ମିଥ୍‌ରେ ଥିବା ପୁରାଣ ପ୍ରସଙ୍ଗ। ମିଥ୍‌ରେ ପ୍ରକଟିତ ହେଉଥିବା ପୌରାଣିକ ଆଖ୍ୟାନ ପରି ଆଧୁନିକ ଜୀବନାନୁଭୂତିର କାହାଣୀ ପ୍ରକାଶିତ ହେବାକ୍ଷେତ୍ରରେ ମିଥ୍‌ର ପ୍ରତୀକାତ୍ମକ ବ୍ୟବହାର କରେ କବି। ଏହି ପ୍ରତୀକ ଦୁଇ ସମୟକାଳର ଯୋଗସୂତ୍ରକାରୀ ରୂପେ ପ୍ରତିଭାତ ହୁଏ। ମିଥ୍ ପ୍ରତୀକ ହେଉଛି ଆଧୁନିକ କବିତାର ପ୍ରାଣ ସଂଚାରକ ଶକ୍ତି। ଆଧୁନିକ ଓଡ଼ିଆ କବିତାରେ ମିଥ୍ ପ୍ରୟୋଗ କବି ରାଧାନାଥ, ଗଙ୍ଗାଧର ଇତ୍ୟାଦିଙ୍କ କବିତାରେ ଆଙ୍ଗିକ ଅଳଙ୍କରଣ ଉଦେଶ୍ୟରେ କରାଯାଇଥିଲା। ମାତ୍ର ଆଧୁନିକ କବିତାରେ ସାମୁହିକ ଅବଚେତନ ଓ ବ୍ୟକ୍ତଗତ ଅବଚେତନ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିବା ଉଦେଶ୍ୟରେ ଏହା ବ୍ୟବହୃତ ହୋଇଛି। କବି ସଚ୍ଚିଦାନନ୍ଦ ରାଉତରାୟ, ଗୁରୁପ୍ରସାଦ ମହାନ୍ତି, ବେଣୁଧର ରାଉତ, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର ପ୍ରଭୃତିଙ୍କ କବିତାରେ ଏହି ମିଥ୍ ପ୍ରତୀକର ପ୍ରଚୁର ବ୍ୟବହାର ଦେଖିବାକୁ ମିଳିଥାଏ। କବି ଗୁରୁ ପ୍ରସାଦ 'ଆରଦୃଶ୍ୟ', 'ଅକ୍ରୁର ଉବାଚ' କବିତା ଏକ ଏକ ବଳିଷ୍ଠ ଦୃଷ୍ଟାନ୍ତ।

ସେହିପରି ପନ୍‌ପ୍ରତୀକ ମୁଖ୍ୟତଃ ମନସ୍ତତ୍ତ୍ୱମୂଳକ। ପ୍ରେମ, ମୃତ୍ୟୁ, କ୍ଷୁଧା ଇତ୍ୟାଦି ସର୍ବକାଳିକ ମାନବିକ ଭାବାନୁଭୂତି ଏହି ପନ୍ ପ୍ରତୀକରେ ରୂପଲାଭ କରେ। ସିଗ୍‌ମଣ୍ଡ ଫ୍ରେଡ୍‌ଙ୍କ ମନସମୀକ୍ଷଣ ତତ୍ତ୍ୱରେ ଉଲ୍ଲେଖିତ ଅବଚେତନସ୍ତର ହେଉଚି ଏହି ପନ୍‌ପ୍ରତୀକର ଆଧାରଭୂମି। ଯୌନବାସନାର ସର୍ବଗ୍ରାସୀ ସତ୍ତା ଆଧୁନିକ କବିତାରେ ଏହି ପ୍ରତୀକ ମାଧ୍ୟମରେ ରୂପପାଏ। ସର୍ବୋପରି ମଣିଷ ମନର ଅବଚେତନରୁ ପ୍ରତୀକ ଗୃହୀତ ହୋଇଥାଏ।

**ପ୍ରତୀକବାଦର ବୈଶିଷ୍ଟ୍ୟ :**

କବିତାର କଳାତ୍ମକ ବ୍ୟଞ୍ଜନାତ୍ମକ ଭାବର ମୂର୍ତ୍ତ ପ୍ରକାଶ ପ୍ରତୀକବାଦ ଦ୍ୱାରା ଘଟିଥାଏ। ଫ୍ରାନ୍‌ସର ପ୍ରତୀକବାଦ ଆନ୍ଦୋଳନ ପୂର୍ବରୁ 'ମେଟା'ର୍' କାବ୍ୟାଲୋଚନାର ମୁଖ୍ୟ ଆଙ୍ଗିକ ଥିଲା। ଭାରତୀୟ ସାହିତ୍ୟରେ 'ପ୍ରତୀକ' ପ୍ରବେଶ ପୂର୍ବରୁ 'ଉପମା'ର ବ୍ୟବହାର ଥିଲା। 'ଉପମା', 'ରୂପକ' ଇତ୍ୟାଦି ସଫଳ ପ୍ରୟୋଗ ଥିଲା କବିର କବିତ୍ୱ ପ୍ରୟୋଗ ପାଇଁ କଷଟି ପଥର। ପାଶ୍ଚାତ୍ୟ କାବ୍ୟଭଙ୍ଗୀ 'ପ୍ରତୀକବାଦ' ଆନ୍ଦୋଳନ ପରେ କାବ୍ୟକବିତାରେ 'ପ୍ରତୀକ'ର ଗୁରୁତ୍ୱ ବୃଦ୍ଧି ହେଲା। ପ୍ରତୀକବାଦର ପ୍ରବକ୍ତା ମାଲାର୍ମେଙ୍କ ମତରେ ସବୁ ଭଲକବି ପ୍ରତୀକବାଦୀ ହୋଇଥାନ୍ତି। ପ୍ରତୀକ ମାଧ୍ୟମରେ ଭାବ ବ୍ୟଞ୍ଜିତ ହେବା ସଙ୍ଗେ ସଙ୍ଗେ ବିଷୟ ନୂଆ ରୂପେ ସୃଷ୍ଟି ହୋଇଥାଏ। ସାହିତ୍ୟ କ୍ଷେତ୍ରରେ 'ପ୍ରତୀକବାଦ' ସମଗ୍ର ବିଶ୍ୱ ଦରବାରରେ ଆଲୋଡ଼ନ ସୃଷ୍ଟି କରିଥିଲା। ତାର ସ୍ୱତନ୍ତ୍ର ବୈଚିତ୍ର ଓ ବୈଶିଷ୍ଟ୍ୟ ଯୋଗୁ। ପ୍ରତୀକର ସେହି ବୈଶିଷ୍ଟ୍ୟ ହେଉଛି :

୧. ପ୍ରତୀକ ର ଆବେଦନ କାବ୍ୟକବିତା କ୍ଷେତ୍ରରେ ଦୀର୍ଘସ୍ଥାୟୀ ଅଟେ।

୨. ପ୍ରତୀକ ମଣିଷର ଅବଚେତନ ମନ ମଧ୍ୟକୁ ପ୍ରବେଶ କରି ତାର ଅବ୍ୟକ୍ତ ଇଚ୍ଛାକୁ ବ୍ୟକ୍ତ କରିବା ପଇଁ ସମର୍ଥ ହୋଇଥାଏ।

୩. 'ଉପମା' ଓ 'ପ୍ରତୀକ' ମଧ୍ୟରେ ଉନ୍ନତା ରହିଥାଏ। କାରଣ 'ଉପମା' ମଣିଷର ଚେତନାଶୀଳ ମନପର୍ଯ୍ୟନ୍ତ ପ୍ରବେଶ କରିପାରୁଥିବା ବେଳେ 'ପ୍ରତୀକ' ଅଧିକ ସୂକ୍ଷ୍ମ ଓ ସ୍ୱଷ୍ଟ ଗୁଣଧର୍ମ ଘେନି ମଣିଷର ଅବଚେତନ ମନତଳେ ମଧ୍ୟ ଅଧ୍ୟାତ୍ମିକ ଭାବରେ ବିହ୍ୱଳ ହୋଇପାରେ। ପ୍ରତୀକରେ ଆଧାତ୍ମିକ ଅନୁଭୂତିର ରହସ୍ୟ ରୂପଲାଭ କରେ। ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁଜଗତରୁ ଆଧାତ୍ମିକ ଜଗତ ଆଡକୁ ପ୍ରତୀକ ପ୍ରସାରିତ ହୋଇପାରେ।

୪. ଅରୂପକୁ ରୂପାୟିତ କରିବାର ଦକ୍ଷତା ପ୍ରତୀକରେ ଥାଏ; ମାତ୍ର ରୂପକ ତାକୁ କେବଳ ବ୍ୟାଖ୍ୟା କରେ। ପ୍ରତୀକ ସେହି ବ୍ୟାଖ୍ୟାରେ ବିସ୍ମୟ ସୃଷ୍ଟି କରେ।

୫. 'ପ୍ରତୀକ' ଇନ୍ଦ୍ରିୟାତୀତ ଓ ପରୋକ୍ଷ ଭାବବ୍ୟଞ୍ଜକ ହୋଇଥିବାରୁ ଏହାର ପରିସର ଓ ବ୍ୟାପ୍ତି ଅସୀମ।

୬. ଅତି ସୂକ୍ଷ୍ମ ନିବିଡ଼ ଅନୁଭୂତି ପ୍ରତୀକ ମାଧ୍ୟମରେ ସ୍ୱଷ୍ଟ ବ୍ୟକ୍ତ କରିହୁଏ।

୭. ରହସ୍ୟାଚ୍ଛନ୍ନ ହୋଇ ରହିବା ପ୍ରତୀକର ପ୍ରଧାନ ବୈଶିଷ୍ଟ୍ୟ।

୮. 'ପ୍ରତୀକବାଦୀ' କବିତାରେ ସାଙ୍ଗୀତିକତାକୁ ଗୁରୁତ୍ୱ ପ୍ରଦାନ କରାଯାଏ।

୯. ପୂର୍ବପ୍ରଚଳିତ ଓ ପରିତ୍ୟକ୍ତ ପ୍ରାଚୀନ ଭାଷା ପ୍ରତୀକ ମାଧ୍ୟମରେ ନୂଆ ରୂପରେ କବିତାରେ ପୟୋଗ ହୋଇଥାଏ।

ଏହି ନାନା ବିଶେଷତ୍ୱ ଓ ବୈଶିଷ୍ଟ୍ୟ ସହିତ ପ୍ରତୀକ ଊନବିଂଶ ଶତାବ୍ଦୀ ଶେଷାର୍ଦ୍ଧରୁ ବିଶ୍ୱ ସାହିତ୍ୟରେ ତାହାର ବିକାଶ ଓ ପ୍ରସାର ବଜାୟ ରଖିପାରିଥିଲା ।

## ୧.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (କ) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ ।

୧. ପ୍ରତୀକର ସଂଜ୍ଞା, ସ୍ୱରୂପ ଓ ବୈଶିଷ୍ଟ୍ୟ ସଂପର୍କରେ ଆଲୋଚନା କର ।

୨. ପ୍ରତୀକର ପ୍ରକାରଭେଦ ଉଦାହରଣ ସହ ବିଶ୍ଳେଷଣ କର ।

### (ଖ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ ।

୧. 'ପ୍ରତୀକ'ର ଅର୍ଥ କ'ଣ ?

୨. ପ୍ରତୀକବାଦୀ ଆନ୍ଦୋଳନର ଉନ୍ମେଷ କେଉଁ ସହରରେ ହୋଇଥିଲା ?

୩. ସାହିତ୍ୟରେ କେତେ ପ୍ରକାର ପ୍ରତୀକର ବ୍ୟବହାର ଦେଖାଯାଏ ?

## ୧.୮ ସହାୟକ ଗ୍ରନ୍ଥସୂଚୀ

୧ ସାହିତ୍ୟ ତତ୍ତ୍ୱ : ପ୍ରାଚ୍ୟ ପାଶ୍ଚାତ୍ୟ - ଅଧ୍ୟାପିକା ଜ୍ୟୋତ୍ସ୍ନାମୟୀ ପ୍ରଧାନ, ୨୦୦୫, ପ୍ରକାଶନ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାର, କଟକ,

୨. ଆଧୁନିକ କାବ୍ୟ କଳ୍ପ ପ୍ରାଚ୍ୟ ପାଶ୍ଚାତ୍ୟ – ଡକ୍ଟର ଅଭୟ ବାରିକ, ୧୯୮୮, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ,

# ଦ୍ୱିତୀୟ ଏକକ : ଓଡ଼ିଆ କବିତାରେ ପ୍ରତୀକର ଚର୍ଚ୍ଚା

**ବିଷୟ ଗଠନ :**

୨.୧ ପଠନର ଉଦ୍ଦେଶ୍ୟ
୨.୨ ଶିକ୍ଷଣୀୟ ବିଷୟ
୨.୩ ବିଷୟ ପ୍ରବେଶ
୨.୪ ପ୍ରାଚୀନ ଓଡ଼ିଆକାବ୍ୟ କବିତାରେ ପ୍ରତୀକର ଚର୍ଚ୍ଚା
୨.୫ ଆଧୁନିକ ଓଡ଼ିଆକବିତାରେ ପ୍ରତୀକର ପ୍ରୟୋଗ ଓ ପରିଚର୍ଚ୍ଚା
୨.୬ ଉପସଂହାର
୨.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୨.୮ ସହାୟକ ଗ୍ରନ୍ଥସୂଚୀ

## ୨.୧ ପଠନର ଉଦ୍ଦେଶ୍ୟ

ଆଧୁନିକ ଓଡ଼ିଆକବିତା ଜଗତରେ ପ୍ରତୀକ ଏକ ବଳିଷ୍ଠ ଭାବପ୍ରକାଶର ଉପାଦାନ ତଥା ଉପାଦନକାରୀ ଶକ୍ତି। 'ପ୍ରତୀକ'ର ଏହି ଉଦ୍‌ବୋଧନଶୀଳ ଶକ୍ତିପ୍ରବଣତା ସଦାସର୍ବଦା ପାଠକମାନଙ୍କୁ ଆକର୍ଷିତ ଓ ମୁଗ୍ଧ କରିଥାଏ। ଆଧୁନିକ ପ୍ରୟୋଗବାଦୀ ଓଡ଼ିଆକବିତାର ସୃଷ୍ଟି ସମୟରୁ ପାଶ୍ଚାତ୍ୟ ଆଦୃତ 'ପ୍ରତୀକ'ର ବ୍ୟବହାର କବି ସଚ୍ଚିଦାନନ୍ଦ ରାଉତରାୟ, ଗୁରୁପ୍ରସାଦ ମହାନ୍ତି, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ସୌଭାଗ୍ୟ କୁମାର ମିଶ୍ର, ଦୀପକ ମିଶ୍ର ପ୍ରଭୃତିଙ୍କ କବିତା ସମୂହରେ ପରିଲକ୍ଷିତ ହୋଇଥାଏ। ପ୍ରୟୋଗବାଦୀ ଓଡ଼ିଆକବିତାରେ (୧୯୪୮ ରୁ ୧୯୧୮) ପ୍ରତୀକର ପ୍ରୟୋଗ ବାସ୍ତବବାଦୀ ଓ ଅବାସ୍ତବବାଦୀ ଭାବଚେତନାକୁ ଅବଲମ୍ବନ କରି ହୋଇଛି। ପୂର୍ବପ୍ରଚଳିତ ପାରଂପରିକ ରୂପକ ଆକାଶ, ଚନ୍ଦ୍ର, ସୂର୍ଯ୍ୟ, ତାରା, ନଦୀ, ସମୁଦ୍ର. ପାହାଡ଼, ଫୁଲ ଇତ୍ୟାଦି ଆଧୁନିକ କବିମାନଙ୍କ କବିତାରେ ରୋମାଣ୍ଟିକ ଭାବ ତ୍ୟାଗକରି ନୂତନ ଅର୍ଥଦ୍ୟୋତିକ ହୋଇ ପ୍ରକାଶ ପାଇଛି। ମଣିଷର ପ୍ରାତ୍ୟହିକ ଜୀବନର ବିଭିନ୍ନ ଚେତନାର ପ୍ରତିନିଧିତ୍ୱ କରି ବେଶରେ ରୂପାୟିତ ହୋଇଛନ୍ତି। ତେବେ ଏହି ପ୍ରତୀକର ସୃଷ୍ଟି କବି ମନନର ବୌଦ୍ଧିକତା ଓ ଯୁକ୍ତିପ୍ରବଣତା ଉପରେ ନିର୍ଭରଶୀଳ। ବସ୍ତୁତଃ ପ୍ରାଚୀନ ଏବଂ ଆଧୁନିକ ଓଡ଼ିଆକବିତାରେ ପ୍ରତୀଖ ପ୍ରୟୋଗର ପରିବ୍ୟାପ୍ତ ଭାବଭୂମି ସଂପର୍କରେ ବିଦ୍ୟାର୍ଥୀଗଣ ସ୍ୱଷ୍ଟ ଜ୍ଞାନ ଲାଭ କରିବା ହେଉଛି ଏହି ଏକକ ପଠନର ମୁଖ୍ୟ ଉଦ୍ଦେଶ୍ୟ।

## ୨.୨ ଶିକ୍ଷଣୀୟ ବିଷୟ

ଏହି ଏକକ ପଠନ ଦ୍ୱାରା ବିଦ୍ୟାର୍ଥୀଗଣ ନିମ୍ନ ଲିଖିତ ପ୍ରସଙ୍ଗ ସଂପର୍କରେ ଶିକ୍ଷା ଲାଭ କରିପାରବେ –

- ପ୍ରଚ୍ୟ ସାହିତ୍ୟରେ ପ୍ରତୀକ ବ୍ୟବହାରର ସ୍ୱରୂପ ସଂପର୍କରେ ଅବଗତ ହେବା।

- ପ୍ରାଚୀନ ଓଡ଼ିଆକାବ୍ୟକବିତାରେ ପ୍ରତୀକର ପ୍ରୟୋଗଧାରା ସଂପର୍କରେ ଜ୍ଞାନ ଅବଗତ ହେବା।
- ଆଧୁନିକ ଓଡ଼ିଆ କାବ୍ୟକବିତାରେ ପ୍ରତୀକର ପ୍ରୟୋଗ ସଂପର୍କରେ ସ୍ୱଷ୍ଟ ଧାରଣା ପ୍ରାପ୍ତ ହେବା।
- ଓଡ଼ିଆକବିମାନଙ୍କ କଳାକୌଶଳ ପ୍ରତୀକ ପ୍ରୟୋଗରେ କେତେ ସଫଳ ବା ଅସଫଳ ସେ ସଂପର୍କରେ ତଥ୍ୟ ଲାଭ କରିବା।

## ୨.୩ ବିଷୟ ପ୍ରବେଶ

ଓଡ଼ିଆସାହିତ୍ୟରେ ପ୍ରାଚୀନ କାବ୍ୟକବିତାଠାରୁ ଆଧୁନିକ କବିତା ପର୍ଯ୍ୟନ୍ତ ସର୍ବତ୍ର ପ୍ରତୀକ ପ୍ରୟୋଗରେ କବିମାନେ ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି। 'ରାସୀ ପ୍ରତୀକବାଦୀ ଆନ୍ଦୋଳନ ଦ୍ୱାରା ପ୍ରଭାବିତ ହୋଇ ଆଧୁନିକ ଓଡ଼ିଆକବିମାନେ ନିଜ ନିଜର ଅନୁଭୂତି ଓ ବୌଦ୍ଧିକତାକୁ ଅବଲମ୍ୱନ କରି ପ୍ରତୀକ ସୃଷ୍ଟି ଓ ପ୍ରୟୋଗ କ୍ଷେତ୍ରରେ ସଫଳତା ପ୍ରାପ୍ତ ହୋଇଛନ୍ତି। ଆଧୁନିକ ପ୍ରତୀକବାଦ ରୋମାଣ୍ଟିକ ପ୍ରବଣତାକୁ ତ୍ୟାଗ କରି ନୂତନ ରୂପେ ଗ୍ରହଣ କରି କବିତାରେ ପ୍ରକାଶିତ ହୋଇଛି। ପ୍ରୟୋଗବାଦୀ ସଚ୍ଚିଦାନନ୍ଦ ରାଉତ୍ରାୟଙ୍କ ପାଣ୍ଡୁଲିପି (୧୯୪୭) ଗ୍ରନ୍ଥ ପ୍ରକାଶିତ ହେବା ପରେ କବ୍ୟକବିତାର ଆଙ୍ଗିକ ଓ ଆତ୍ମିକଦିଗରେ ବହୁ ପରିବର୍ତ୍ତନ ସୃଷ୍ଟି ହୋଇଛି। କବିତାର ଭାବ ବ୍ୟଞ୍ଜନାରୂପ ଗ୍ରହଣ କରିଛି। କବିତା ଅଭିବ୍ୟକ୍ତି ବ୍ୟଞ୍ଜନାତ୍ମକ ରୀତିରେ ସୂକ୍ଷ୍ମତମ ରୂପ ନେଇ ଫୁଟି ଉଠିଛି। ସ

## ୨.୪ ପ୍ରାଚୀନ ଓଡ଼ିଆକାବ୍ୟ କବିତାରେ ପ୍ରତୀକର ଚର୍ଚ୍ଚା

ଓଡ଼ିଆ ସାହିତ୍ୟର ପ୍ରୟୋଗବାଦୀ ଧାରା (୧୯୪୭-୧୯୮୦)ରେ ପାଶ୍ଚାତ୍ୟ କାବ୍ୟରୀତିରୁ ଆଦୃତ 'ପ୍ରତୀକ'ର ପ୍ରବେଶ ଏକ ସଚେତନ ପ୍ରୟାସ ହେଲେ ହେଁ ପ୍ରାଚୀନ କାଳରୁ ଏହାର ପ୍ରାଚୁର୍ଯ୍ୟ ପ୍ରତୁଳ। ସମଗ୍ର ଭାରତୀୟ ସାହିତ୍ୟରେ 'ପ୍ରତୀକ'ର ଅସ୍ତିତ୍ୱ ପରିଲକ୍ଷିତ ହୁଏ। ବେଦ, ଉପନିଷଦ, ଶାସ୍ତ୍ର, ପୁରାଣ, ବୌଦ୍ଧଜାତକ, ଲୋକସାହିତ୍ୟ ଇତ୍ୟାଦିରେ 'ପ୍ରତୀକ' ଉପଲବ୍ଧ ହୋଇଥାଏ। ଋକ୍‌ବେଦରେ ଥିବା ଜୀମୂତସ୍ୟେକ ଭବତି ଓ ପ୍ରତୀଙ୍କ ଯଦବର୍ମୀ ଯାତି ସମଦାମୁପସ୍ଥେ ମନ୍ତ୍ରରେ ଜୀମୂତ ଓ ଅଗ୍ନି ବିଶ୍ୱଦେବତାଙ୍କ ପ୍ରତୀକରୂପେ ଗୃହୀତ ହୋଇଛି। ପୁନଶ୍ଚ

"ଦ୍ୱା ସୁପର୍ଣ୍ଣା ସୁଯଜା ସଖାୟା
ସମାନ ବୃକ୍ଷଃ ପରିଷସ୍ୱ ଜାତେ
ତୟୋରନ୍ୟଃ ପିପ୍ ଳଂ ସ୍ୱାଦତ୍ତ୍ୟ
ନଶନନ୍ୟୋ ଅଭିଚାକ ଶୀତ" (ଋକ୍‌ବେଦ - ୧/୬୪/୨୦)

ଏଠାରେ ଜୀବାତ୍ମା ଓ ପରମାତ୍ମାର ପ୍ରତୀକ ଭାବେ ସମାନ ବୃକ୍ଷରେ ପରସ୍ପର ବୀପରୀତ ମୁଖକରି ବସିରହିଥିବା ପକ୍ଷୀ ଦ୍ୱୟଙ୍କ ସଂପର୍କରେ ବର୍ଣ୍ଣନା ରହିଚି। ଏହି ପକ୍ଷୀଦ୍ୱୟ ଭୋଗ ଓ ତ୍ୟାଗର ପ୍ରତୀକ। 'ଉପନିଷଦ'ରେ ସେହିପରି 'ଓଁ' ରହସ୍ୟର ପ୍ରତୀକ ରୂପେ ବର୍ଣ୍ଣିତ। 'ବିଷ୍ଣୁପୁରାଣ', 'ବ୍ରହ୍ମପୁରାଣ', 'ବୌଦ୍ଧସାହିତ୍ୟ', ତନ୍ତ୍ରସାହିତ୍ୟ

ପ୍ରଭୃତିରେ ବ୍ୟାପକ ଭାବେ ପ୍ରତୀକର ଅସ୍ତିତ୍ୱ ଉପଲବ୍ଧ। 'ଚର୍ଯ୍ୟଗୀତିରେ' ମଧ୍ୟ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କ ସାଧନା ଗୀତିଗୁଚ୍ଛ ମଧ୍ୟରେ ପ୍ରତୀକର ଚମତ୍କାର ଆଭାସ ରହିଛି। ଏଗୁଡ଼ିକ 'ସନ୍ଧାଭାଷା'ରେ ରଚିତ ବୋଲି ସମାଲୋଚକ ମାନେ ବିବେଚନା କରିଥାନ୍ତି। ତେଣୁ ବାହ୍ୟ ଅର୍ଥ ଦୃଷ୍ଟିରୁ ଏହି ଗୀତି ସକଳ ରସୋଚ୍ଛ୍ୱଳ ମାତ୍ର ଭାଷାର ରହସ୍ୟାତ୍ମକ ପରିପାଟୀରେ ସାଧାରଣ ଜୀବନାନୁଭୂତି ଏଥିରେ ପ୍ରକାଶିତ। ଏହିସବୁ ଗୀତିକାକୁ ଧର୍ମୀୟ ଚିନ୍ତା ଚେତନା ଓ ବାକ୍ୟିକ ବ୍ୟଞ୍ଜନା ପରିପୁଷ୍ଟ ଏକ ଏକ ପ୍ରତୀକାତ୍ମକ କବିତା କହିଲେ ଅତ୍ୟୁକ୍ତ ହେବନାହିଁ। ଏଠାରେ ଶବରୀପାଦ ଚର୍ଯ୍ୟାର ଏକ ଦୃଷ୍ଟାନ୍ତ ଉଦ୍ଧାର କରାଯାଇ ପାରେ।

"ଉଁଚା ଉଁଚା ପାବତ ତହିଁ ବସଇ ସବରୀବାଳି
ମୋରାଙ୍ଗୀ ପିଚ୍ଛ ପରିହଣ ସବରୀ ଗୀବତ ଗୁଞ୍ଜରୀ ମାଳୀ
ଉମତ ସବରୋପାଗଳ ଶବରୋ ମ କର ଗୁଳୀଗୁହ ଡା ତୋହରି
ଣିଅ ଘରଣୀ ନାମେ ସହଜ ସୁନ୍ଦରୀ
ନାନା ତରୁବର ମୋ ଉଲିଲରେ ଗଅଣତ ଲଗେଲି ଡାଳୀ"

ଶବର ଶବରୀ ଏଠାରେ ଜୀବପରମର ପ୍ରତୀକ ରୂପେ ବର୍ଣ୍ଣିତ। ଉଚ୍ଚପର୍ବତ ଶିଖରରେ ଶବରୀ ବାସକଲାପରି ଶରୀରର ସୁମେରୁ ବା ମେରୁଦଣ୍ଡ ଶିଖରରେ ମହାସୁଖଚକ୍ର ସହସ୍ରଦଳ କମଳରେ ନୈରାତ୍ମା ଦେବୀ ବାସ କରନ୍ତି। ଶବରୀ ମୟୁର ପୁଚ୍ଛ ଓ ଗ୍ରୀବାରେ ଗୁଂଜରା ମାଳା ପିନ୍ଧିବା ପରି ନୈରାତ୍ମା ଦେବୀ ଅବିଦ୍ୟା ବଶରୁ ଗଳାରେ ବା ସମ୍ଭୋଗ ଚକ୍ରରେ ଗୁହ୍ୟମନ୍ତ୍ର ଧାରଣ କରିଛି। ଅର୍ଥାତ ସାଧାରଣ ଲୋକେ ଅବିଦ୍ୟା ଯୋଗୁ ବିଷୟ ବାସନାରେ ମଗ୍ନ ରହିଥାନ୍ତି ତାଙ୍କର ନୈରାତ୍ମା ମଧ୍ୟ ଏ ସଂସାରରେ ଗୋପନୀୟ ଭାବେ ନାନାରୂପେ ଧାରଣ କରିଥାନ୍ତି। ମାତ୍ର ଶବର ସାଧନା ପଥରେ ଅଗ୍ରସର ହେଲେ ନୈରାତ୍ମାଦେବୀ ସ୍ୱୟଂ ସାଧକକୁ ମାହାଶୂନ୍ୟ ସ୍ଥଳୀକୁ ଘେନିଯାନ୍ତି। ଏଠାରେ ବାହ୍ୟ ଅର୍ଥରେ ଶବର ଶବରୀ, ଗୁହ୍ୟ ଅର୍ଥରେ ଜୀବ ପରମର ମିଳନ ବା ମହାଶୂନ୍ୟ ଦର୍ଶନର ବର୍ଣ୍ଣନା ରହିଛି। ନୈରାତ୍ମା ଶବରୀ ଶବର (ଜୀବ) ସାଧକକୁ ନିହ ଘରଣୀ ସହଜ ସୁନ୍ଦରୀକୁ ଚିହ୍ନି ନ ପରି ସଂସାରରେ ବିଷୟ ବାସନାରେ ମଗ୍ନ ରହି ପାଗଳ ପରି ନିଜର ସର୍ବନାଶ ନ କରିବାକୁ ନୈରାତ୍ମାକୁ ଚିହ୍ନିପାରିଲେ ସାଧକର ଜ୍ଞାନ ଉଦୟ ହେବ ଓ ସେ ସାଧନା ପଥରେ ଅଗ୍ରସର ହେବା କ୍ଷଣି ଶରୀରର ଅସାରତା ଉପଲବ୍ଧି ହେବ। ପିଣ୍ଡ ବ୍ରାହ୍ମଣ୍ଡ ଶୂନ୍ୟରେ ମିଳେଇଯିବ। ଅର୍ଥାତ୍ ଗୁରୁଙ୍କ ବାକ୍ୟାନୁସାରେ ମନକୁ ସ୍ଥିତ ରୂପେ ପରିଚାଳିତ କରି ସଂସାରର ମୟାଜଂଜାଳରୁ ମୁକ୍ତ ହେଲେ ମହାଶୂନ୍ୟର ଅନୁଭବ ଆସିବ ଏବଂ ପରମ ନିର୍ବାଣ ଲାଭ ହୋଇପାରିବ। ଜୀବ ଜୀବନର ଏହି ଗୁଢତତ୍ତ୍ୱଟି ଅତି ଚମତ୍କାର ରୂପେ ନାନା ପ୍ରତୀକ ମାଧ୍ୟମରେ ବର୍ଣ୍ଣିତ। ସିଦ୍ଧାଚାର୍ଯ୍ୟ କାହ୍ନୁପାଦଙ୍କ ଗୀତିକାରେ ରହସ୍ୟବାଦୀ ଚିନ୍ତର ଅଭିବ୍ୟକ୍ତି ପ୍ରତୀକ ମାଧ୍ୟମରେ ପ୍ରକାଶିତ ହୋଇଛି।

"ଆଳିଏଁ କାଳିଏଁ ବାଟ ଉଇଲା
ତା' ଦେଖି କାହ୍ନୁ ବିମନ ହୋଇଲା।"

ଏହି ପଦରେ କଳା ଭଅଁର (କଳା ଆଳି) ମଣିଷର ପ୍ରବୃତ୍ତି ବା ଷଡରିପୁର ପ୍ରତୀକ ଭାବେ ବର୍ଣ୍ଣିତ।

ପୁରାଣକାର ବୃନ୍ଦ ପୁରାଣମାନଙ୍କରେ ମଣିଷର ସାମଗ୍ରିକ ଜୀବନକୁ ଶୃଙ୍ଖଳ ଓ ନୈତିକପୂର୍ଣ୍ଣ କରିରଖିବା ପାଇଁ ଧର୍ମାଚାର ଉପରେ ଗୁରୁତ୍ୱ ଦେଇଥିଲେ। ଏଣୁ ଦେବାଦେବୀ, ମାଟି, ପଥର, ବୃକ୍ଷ, ପ୍ରଭୃତି ନାନା ପ୍ରତୀକ ଭାବେ ଗୃହୀତ ହୋଇଛି। ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କୁ ଯଥାକ୍ରମେ ସୃଷ୍ଟିକର୍ତ୍ତା, ପାଳନ କର୍ତ୍ତା ଏବଂ ଧ୍ୱଂସ ବା ମହାକାଳର ପ୍ରତୀକ ରୂପେ ଗ୍ରହଣ କରାଯାଇଚି। ପୁନଶ୍ଚ ଗଣେଷଙ୍କୁ ବିଘ୍ନନାଶନ, ସରସ୍ୱତୀଙ୍କୁ ବିଦ୍ୟା, ମାହଲକ୍ଷ୍ମୀଙ୍କୁ ଧନଧାନ୍ୟର ପ୍ରତୀକ ହୋଇ ଜନ ମାନସରେ ରହିଛନ୍ତି। ମଣିଷର ସମାଜିକ ଓ ବ୍ୟକ୍ତିଗତ ଜୀବନକୁ ଶୃଙ୍ଖଳିତ ଓ ସୁନିୟନ୍ତ୍ରିତ କରିବାର ପରିକଳ୍ପନା ଏହିସବୁ ପ୍ରତୀକ ସୃଷ୍ଟିର କାରଣ ହୋଇଛି। ନାଥ ସାହିତ୍ୟରେ ବର୍ଣ୍ଣିତ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱରେ ପ୍ରତୀକର ବହୁଳ ପ୍ରୟୋଗ ଦେଖାଯାଏ। ପଞ୍ଚସଖା ଯୁଗୀୟ ସାଧକ କବିମାନଙ୍କ କାବ୍ୟକବିତାରେ ଜୀବ ଓ ପରମର ଚେତନା ନାନା ପ୍ରତୀକ ମାଧ୍ୟମରେ ସୂଚିତ ହୋଇଛି। ସାଧାରଣତଃ ପଞ୍ଚସଖା ଯୁଗର କାବ୍ୟକବିତା ଓ ଭଜନମାଳାରେ ରହସ୍ୟପୂର୍ଣ୍ଣ ବିଷୟଗୁଡିକ ପ୍ରତୀକ ବ୍ୟବହାର ଦ୍ୱାରା ବର୍ଣ୍ଣିତ ହୋଇଛି। କବି ଜଗନ୍ନାଥ ଦାସଙ୍କ ‘ଶୀମଦ୍ ଭାଗବତ’ରେ ମଣିଷ ଜୀବନର ଶୁଚିପୂର୍ଣ୍ଣ ବ୍ୟକ୍ତିତ୍ୱର ବିକାଶ ଲାଗି ନାନା ପ୍ରତୀକ ବ୍ୟବହାର ମାଧ୍ୟମରେ ଇଙ୍ଗିତ ରହିଛି। ଯଥା –

“କର୍ମ କଷଣ ଦେହ ସହେ, ଅରଣ୍ୟ ଅଜଗରପ୍ରାୟେ”

ଏଠାରେ ଅବଧୂତଙ୍କ ଚବିଶଗୁରୁ ପ୍ରସଙ୍ଗ କବି ଲେଖନୀରେ ପ୍ରତୀକ ଦ୍ୱାରା ଅତ୍ୟନ୍ତ ଚିତ୍ତାକର୍ଷକ ହୋଇପାରିଛି। ସହନଶୀଳତା, ଅବିଚଳତା, ନିଃଶଙ୍ଗତାର ପ୍ରତୀକ ହେଉଚି ଅରଣ୍ୟର ଅଜଗର। ଅବଧୂତଙ୍କ ଲାବ ଏହି ଅଜଗର ଗୁରୁରୂପେ ପ୍ରତିଭାତ। ଏହିପରି ପଞ୍ଚସଖା ସହିତ୍ୟରେ ମନମତ୍ତ ଗାଈ, କପୋତ ପକ୍ଷୀ, କୁମ୍ଭକାର କୀଟ, ମହୁମାଛି, ତ୍ରିଗୁଣ ଦଉଡ଼ି, ସଞ୍ଚାଣ, ଲୋଟଣିପାରା, ଅମୁହାଁ ଦେଉଳ, ବୋହୂ, କିରାତ, ଉର୍ଣ୍ଣନାଭି ଆଦି ଅନେକ ଶବ୍ଦ ପ୍ରତୀକ ରୂପେ ବ୍ୟବହାର ହୋଇଛି। ଗୋଟିଏ, ଦୁଇଟି ଉଦାହରଣ ଏଠାରେ ଦିଆଯାଇପାରେ।

“ଓଲଟ ବୃକ୍ଷେ ଖେଳୁଚି ଲୋଟଣି ପାରା”

ପଞ୍ଚସଖାଙ୍କ ଶରୀରତତ୍ତ୍ୱ ଜିଜ୍ଞାସାରେ ‘ଓଲଟ ବୃକ୍ଷ’ ହେଉଚି ଶରୀର ଏବଂ ‘ଲୋଟଣିପାରା’ ହେଉଚି ‘ଆତ୍ମା’ । କିମ୍ୱା :-

“ମନମୂଷା ହୋ ତୁ ତ ଗଞ୍ଜେଇ ଖାଇ
ବିରାଡ଼ିକୁ ଦିନେ ଚିହ୍ନିଲୁ ନାହିଁ।”

ଏଠାରେ ବିରାଡ଼ି କାଳର ସୂଚକ। ମଣିଷର ମନରୂପକ ମୁଷା ସାଂସାରିକ ମୋହମାୟାରେ ଭୋଳ ହୋଇ ବିରାଡ଼ି ବା ଫକାଳ’ର ରୂପକୁ ଚିହ୍ନିପାରେ ନାହିଁ। ଫଳତଃ ମଣିଷ ଜନ୍ମର ପ୍ରକୃତ ଲକ୍ଷ୍ୟଠାରୁ ଦୂର ହେଇ ଦୁଃଖ କଷ୍ଟ ସହିଥାଏ।

ପଞ୍ଚସଖା ସାହିତ୍ୟରେ ବ୍ୟବହୃତ ପ୍ରତୀକଗୁଡ଼ିକ ମୁଖ୍ୟତଃ ଆଧାତ୍ମିକ ତଥା ଦାର୍ଶନିକ ଭାବନା ସମ୍ବଳିତ ଏବଂ ଏଗୁଡ଼ିକ ମାଧ୍ୟମରେ ଜୀବନ ସଂପର୍କୀୟ ତାତ୍ତ୍ୱିକ ଅର୍ଥ ସଙ୍କେତ ରୂପେ ପ୍ରକାଶିତ ହୋଇଛି। ବସ୍ତୁତଃ "ଚର୍ଯାଗୀତି" ବା "ବୌଦ୍ଧଗାନ ଓ ଦୋହା" ସମୟରୁ ପଞ୍ଚସଖା ଯୁଗ ପର୍ଯ୍ୟନ୍ତ ଓଡ଼ିଆସାହିତ୍ୟରେ ସାଙ୍କେତିକ ଅର୍ଥରେ ପ୍ରତୀକବାଦର ବ୍ୟବହାର ଘଟିଛି। ମାତ୍ର ରୀତିଯୁଗୀୟ କାବ୍ୟ କବିତାରେ ଉପମା, ରୂପକ, ଯମକ, ଅନୁପ୍ରାସ ଆଦି ଅଳଙ୍କାର ସମାବେଶରେ ପ୍ରତୀକର ସତ୍ତା। ଅବଲୁପ୍ତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

## ୨.୫ ଆଧୁନିକ ଓଡ଼ିଆକବିତାରେ ପ୍ରତୀକର ପ୍ରୟୋଗ ଓ ପରିଚର୍ଚ୍ଚା

ଊନବିଂଶ ଶତାବ୍ଦୀର ଶେଷଦଶକରୁ ଓଡ଼ିଆସାହିତ୍ୟରେ ଆଧୁନିକ ଭାବଚେତନାର ପ୍ରବେଶ ଘଟିଛି। ଇଂରେଜ ଶାସନ, ସାଭ୍ୟତା, ସଂସ୍କୃତି ଓ ସାହିତ୍ୟର ପ୍ରଭାବରେ ଓଡ଼ିଆସାହିତ୍ୟ ଆଧୁନିକ ପରିପାଟୀ ଗ୍ରହଣ କରିଚି। କବିବର ରାଧାନାଥ ରାୟ, ଭକ୍ତକବି ମଧୁସୂଦନ ରାଓ, ସ୍ୱଭାବ କବି ଗଙ୍ଗାଧର ମେହେର, ବ୍ୟାସକବି ଫକୀରମୋହନ ସେନାପତି ଥିଲେ ଆଧୁନିକତାର କର୍ଣ୍ଣଧାର। ଧର୍ମ ଓ ଈଶ୍ୱର କୈନ୍ଦ୍ରିକ ଚୈତନ୍ୟ ଏବଂ ଶୃଙ୍ଗାରିକତା ତଥା ଅଳଙ୍କାରର ନିଗଡ଼ରୁ କାବ୍ୟକବିତାକୁ ମୁକ୍ତ କରିବାର ପ୍ରୟାସ ଏମାନଙ୍କଠାରେ ପରିଲକ୍ଷିତ ହୋଇଛି। କବିରାଧାନାଥଙ୍କ ସମୟଠାରୁ ସାତ୍ୟବାଦୀ ଓ ସବୁଜ ଯୁଗ ପର୍ଯ୍ୟନ୍ତ ଓଡ଼ିଆସାହିତ୍ୟରେ ପ୍ରତୀକର ବ୍ୟବହାର ଦେଖାଯାଏ ନାହିଁ। ପ୍ରାୟତଃ ୧୯୩୫ ମସିହା ପରବର୍ତ୍ତୀ କାଳରେ ଓଡ଼ିଆ ସାହିତ୍ୟରେ ପ୍ରତୀକ ପ୍ରୟୋଗ ଯଥାର୍ଥରୂପେ ପରିଲକ୍ଷିତ ହୋଇଛି।

ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଫ୍ରାନ୍ସରେ ସୃଷ୍ଟ ପ୍ରତୀକବାଦୀ କାବ୍ୟାନ୍ଦୋଳନ ପରବର୍ତ୍ତୀ କାଳରେ ସମଗ୍ର ବିଶ୍ୱ ସାହିତ୍ୟକୁ ପ୍ରଭାବିତ କରିଛି। ପ୍ରତୀକବାଦର ପ୍ରବର୍ତ୍ତକ ବଦ୍‌ଲେୟାର, ଭେର୍‌ଲେନ୍, ମାଲାର୍ମେ, ର୍‌ୟାମ୍ବୋ ପ୍ରଭୃତି ପ୍ରମୁଖ 'ରାସୀ କବି ସେତେବେଳେ ବିଶ୍ୱର ତରୁଣ କବିମାନଙ୍କୁ ମୋହମୁଗ୍ଧ କରିଛନ୍ତି। ଅନ୍ୟପକ୍ଷରେ ବିଜ୍ଞାନର ନବନବ ଅବିଷ୍କାର, ଉଦ୍ଭାବନ ମଣିଷ ମନରେ ତା' ନିଜ ଶକ୍ତି ପ୍ରତି ସଚେତନ କରିବା ସଙ୍ଗେ ସଙ୍ଗେ ଈଶ୍ୱରଙ୍କ ସ୍ଥିତି ପ୍ରତି ସଂଦେହ ସୃଷ୍ଟି କରିଛି। ଦାର୍ଶନିକ ମାର୍କ୍ସ, ଫ୍ରଏଡ଼, ସାର୍ତ୍ତ, କାମ୍ୟୁ ଇତ୍ୟାଦିଙ୍କ ଦର୍ଶନ ମଣିଷ ମନକୁ ଅନ୍ତଃସଂଘର୍ଷରେ ଅସ୍ତବ୍ୟସ୍ତ କରିଛି। ଶିଳ୍ପ ସମୃଦ୍ଧିକରଣ, ପଲ୍ଲୀ ସଂସ୍କୃତିର ବିଭଙ୍ଗତା ତଥା ସହର ସଭ୍ୟତାର ଉତ୍‌ଥାନ ମଣିଷକୁ ଭୌତିକ ପ୍ରାଚୁର୍ଯ୍ୟ ପ୍ରତି ଆକର୍ଷିତ କରିବା ସଙ୍ଗେ ସଙ୍ଗେ ତାକୁ ବ୍ୟକ୍ତଗତ ଭାବେ ସମ୍ଭୋଗମୁଖୀ କରିଛି। ଉପଭୋଗ-ପ୍ରବଣତା ମଣିଷଠାରେ ପ୍ରବଳ ହୋଇଛି। ଅର୍ଥ ସାଜିଛି ତା' ପାଇଁ ପରମାର୍ଥ। ବୈଷୟିକ ବିଜ୍ଞାନର କ୍ରମ ଅଭ୍ୟୁତ୍‌ଥାନ ଓ ଭୌତିକ ପ୍ରାଚୁର୍ଯ୍ୟ ମୋହରେ ସ୍ନେହ, ମମତା, ପ୍ରୀତି, ପ୍ରେମ, ସଦ୍‌ଭାବନାର ଶୃଙ୍ଖଳ ଶିଥିଳ ହୋଇଛି। ଇଞ୍ଜିନ୍‌ର ଧୂଆଁ ଓ ଧୂଳି ପରିବେଶ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟାଭୟ ପରିଣତିରେ ପ୍ରକୃତିର ସବୁଜ ସମ୍ଭାର ଏବଂ ମଣିଷର ହୃଦୟ ଲୁଣ୍ଠିତ ହୋଇଛି। ସମୟରୁ ସରିଛି ଶାନ୍ତ୍ୱନା, ପବନରୁ ହଜିଛି ଆତ୍ମୀୟତା। ଗୋଷ୍ଠୀବଦ୍ଧ, ସାମୂହିକ ଜୀବନ ହୋଇଛି ପରାହତ। ସହରର ଚାକଚକ୍ୟ, ରେସ୍ତୋରାଁ, ନିଅନ ଆଲୁଅ ମଧ୍ୟରେ ଇନ୍ଦ୍ରିୟ ସୁଖ ଭୋଗ ମୁଖ୍ୟ ହୋଇଛି। ମାନବିକତାର ବିଲୟ ଘଟିଛି। ଯନ୍ତ୍ର ସଭ୍ୟତାର ଚିମିନିଧୂଆଁରେ ଚତୁର୍ଦ୍ଦିଗରେ ଛାଇରହିଛି ବିଷାଦବାଦ। ତେଣୁ ସାହିତ୍ୟରେ ପୂର୍ବପ୍ରଚଳିତ ବର୍ଣ୍ଣନାତ୍ମକ ରୀତି ପରିବର୍ତ୍ତେ ତୀର୍ଯ୍ୟକଭଙ୍ଗୀ ଓ ମନର ଅନ୍ତର୍ମୁଖୀ ଚେତନାର ରୂପାୟନ ପାଇଁ ସୂଚନାତ୍ମକ ବାକ୍‌ରୀତିର ଆବଶ୍ୟକତା ଅନୁଭୂତ ହୋଇଛି। ବସ୍ତୁତଃ ଏହି

ସ୍ଥିତିରେ ହିଁ ସାହିତ୍ୟରେ ପ୍ରତୀକବାଦର ନୂତନ ପ୍ରସ୍ଥ ଆରମ୍ଭ ହୋଇଛି। ଅନ୍ୱୟନ ପିପାସୀ କବିମନର ବୌଦ୍ଧିକ ଶ୍ଳେଷ, ପ୍ରତିକ, ଚିତ୍ରକଳ୍ପ ଆଦି ନାନା କବ୍ୟରୀତି ଓ ମୁକ୍ତ ବା ଗଦ୍ୟ ଛନ୍ଦ ପ୍ରୟୋଗ କବିତାର ମୂଳ ବୈଶିଷ୍ଟ୍ୟ ହୋଇଛି। କବି ସଚ୍ଚିଦାନନ୍ଦ ରାଉତରାୟଙ୍କ 'ପାଣ୍ଡୁଲିପି' (୧୯୪୭) ଗ୍ରନ୍ଥରେ ଆଧୁନିକ କବିତାର ଶିଳ୍ପବିଧି, ଭାଷା, ଶୈଳୀ, ଶବ୍ଦ ସଂଯୋଜନା, ପ୍ରତୀକ, ଚିତ୍ରକଳ୍ପ ଇତ୍ୟାଦି ପ୍ରକଟିତ ହେଲା। ପାଶ୍ଚାତ୍ୟ ଜଗତରେ W.B. Yeats, T.E Hulme, Ezra Pound, T.S Eliot ପ୍ରଭୃତି କବିଗଣଙ୍କ ପ୍ରତୀକ ଆନ୍ଦୋଳନରୁ ଶକ୍ତି, ପ୍ରେରଣା ଓ ଉତ୍ସାହ ଲାଭ କରି କବି ସଚ୍ଚିରାଉତରାୟ ନୂତନ ଭାବେ ପ୍ରତୀକ ପ୍ରୟୋଗର ପଂରପରା ସୃଷ୍ଟି କରିଛନ୍ତି। ଓଡ଼ିଆକାବ୍ୟ କବିତାରେ ପ୍ରାଚୀନ କାଳରୁ ପ୍ରତୀକ ବ୍ୟବହାରର ପାରଂପରିକ ରୀତି ପାଶ୍ଚାତ୍ୟ ପ୍ରତୀକବାଦର ପ୍ରଭାବରେ ଆଧୁନିକ କବିତାରେ ସଂପୂର୍ଣ୍ଣ ପରିବର୍ତ୍ତିତ ହୋଇଛି। ବୌଦ୍ଧିକତା ଓ ଯୁକ୍ତିନିଷ୍ଠତାର ଗୁଣଧର୍ମ ଘେନି ଅଭିନବ ରୀତିରେ ଉନ୍ମେଷ ଘଟିଛି ପ୍ରତୀକରପୟୋଗ। କବି ସଚ୍ଚିଦାନନ୍ଦ ରାଉତରାୟ, ଗୁରୁପ୍ରସାଦ ମହାନ୍ତି, ଅନନ୍ତ ପଟ୍ଟନାୟକ, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର ଆଦିଙ୍କ କବିତାରେ ରାଶିରାଶି ପ୍ରତୀକ ପାଠକଙ୍କୁ ବିମୁଗ୍ଧ କରିଥାଏ। କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ପ୍ରଗତୀବାଦୀ ଚେତନାରୁ ଦା' ହାତୁଡ଼ି, ଲାଲ୍ ପତାକା, ଲାଲ୍ କଇଁ ଆଦି ନାନା ଶବ୍ଦ ଶ୍ରେଣୀ ସଂଘର୍ଷର ବୈପ୍ଳବିକ ବାର୍ତ୍ତାର ପ୍ରତୀକ ରୂପେ ପ୍ରତିଭାତ ହୋଇଛି। ପରବର୍ତ୍ତୀ ସମୟରେ ଆଧୁନିକ ମଣିଷ ଜୀବନର କ୍ଷୁଧା, ପ୍ରେମ, ଯୌନତା, ମୃତ୍ୟୁ, ପୁନର୍ଜନ୍ମ ଇତ୍ୟାଦି ଭାବାନୁଭୂତିକୁ ଯଥାର୍ଥ ପ୍ରତୀକ ପ୍ରୟୋଗରେ ଚମତ୍କାର ରୂପଦାନ କରିଛନ୍ତି। ଯଥା:-

"ଘର ଭିତରେ ଅଜାଡ଼ି ହେଇପଡ଼ିଲା
ହିଂସବ୍ୟାଘ୍ରର ଗର୍ଜନ
ତାର ମନେ ହେଲା ସେ ଯେମିତି ପ୍ରଦୀପ
ଆଉ ତରଙ୍ଗର ଝଡ଼" ('ଭାନୁମତୀର ଦେଶେ' – ସଚ୍ଚିଦାନନ୍ଦ ରାଉତରାୟ)

କିମ୍ବା

"ପୁଣି ମହାବଳ ବାଘର ହୁଙ୍କାର
ତରଙ୍ଗ ଓ ବନିତା ଆଖିରେ ଭାସି ଉଠିଲା
ଏକ ପୀତ ମାର୍ବେଲ ରଙ୍ଗର ବାଘ
ଚମଡାରେ ତାର ତୀର ଧ୍ୱନକର ଦାଗ
ଆଖିରେ ତାର ଚର୍ବି ପରି ସ୍ନିଗ୍ଧ ନିଦ
ତରଳି ଆସୁଥିଲା ଏକ
ବନ୍ୟ ହିଂସାର ଉତ୍ତାପରେ" ('ଭାନୁମତିର ଦେଶେ' – ସଚ୍ଚିଦାନନ୍ଦ ରାଉତରାୟ)

ଏଠାରେ 'ହିଂସ୍ର ବ୍ୟାଘ୍ରର ଗର୍ଜନ', 'ମହାବଳ ବାଘର ହୁଙ୍କାର', 'ପୀତ ମାର୍ବେଲ ରଙ୍ଗର ବାଘ' ଆଧୁନିକ ପ୍ରେମର ଯୌନ ବିକାର ଓ କାମନାର ପ୍ରତୀକ ରୂପେ ବର୍ଣ୍ଣିତ। ମହାବଳ ବାଘର ହୁଙ୍କାର ମଧ୍ୟରେ ମଣିଷର ଜାନ୍ତବ କାମନା ବାସନା ପ୍ରକାଶିତ ହୋଇଛି। କବି ବନିତା ଓ ତରଙ୍ଗର ଦୈହିକ ପ୍ରେମ ମଧ୍ୟରେ ଆଧୁନିକ ଯୁଗର

ଯାନ୍ତ୍ରିକ ପ୍ରେମ ସ୍ୱରୂପକୁ ରୂପଦାନ କରଛନ୍ତି। ଏହି 'ଭାନୁମତୀର ଦେଶେ' କାବ୍ୟରେ କବି ସଚ୍ଚିରାଉତରାୟ ମାଛକାତି, ଥଣ୍ଡା ଜୀବାଣୁ, ମେଘରାତି, ଖଜୁରୀର ବିସ୍ତୀର୍ଣ୍ଣ ପାହାଚ, କଠିନ ରକ୍ତଚଳନ, ବ୍ୟବହୃତ ପୋଡ଼ା ମହମବତୀ, ଟ୍ରାଫିକ୍‌ର ଘର୍ଘର ହୁଙ୍କାର, ନଷ୍ଟ ଚନ୍ଦ୍ରତ ଛନ୍ଦ, ହଳଦିଆ ଦୀପ ଇତ୍ୟାଦି ନାନା ଅର୍ଥ ଉଦ୍ଦୀପକ ପ୍ରତୀକାତ୍ମକ ଶବ୍ଦରେ ସଫଳ ବ୍ୟବହାର କରିଛନ୍ତି।

ସେହିପରି 'ପ୍ରତୀମାନାୟକ'କୁ କବି ଆବିଷ୍କାର କରିଛନ୍ତି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଆଧୁନିକ ନାରୀ ଜୀବନର ପ୍ରତୀକରୂପେ।

"ହଠାତ୍ ଯେ ଦେଖାହେଲା ବହୁଦିନେ ପ୍ରତିମାନୟକ।
ମୁଖତାର ବ୍ରଣଦ୍ରଷ୍ଟ ହାତରେ ତା' ଚମଡ଼ାର ବ୍ୟାଗ୍
ଶୀର୍ଣ୍ଣସାଧା ଗାଲେ, ଫୁଟେ ବ୍ୟର୍ଥତାର ଅକପଟଦାଗ।
ଜାପାନୀ କାଗଜ ଫୁଲ ପରି ଦେହେ ଶର ବୟସର ଧୂଳି,
ପଚାରିଲି – 'ଭଲଅଛି'? କଣ୍ଠେ ମୋର 'ବିଷନ୍ନ ଗୋଧୁଳି'।"

(ପ୍ରତିମା ନାୟକ କବି - ସଚ୍ଚିଦାନନ୍ଦ ରାଉତରାୟ)

କବି ଲେଖନୀରେ ପ୍ରତିମାନାୟକ ଆଧୁନିକ ନାରୀସତ୍ତାର ପ୍ରତୀକ ସାଜିଛି। ପାରଂପରିକ ବେଶଭୂଷା ବା ମୂଲ୍ୟବୋଧ ତା' ଠାରେ ଦେଖାଯାଏନାହିଁ। ସେ ଚନ୍ଦ୍ରମୁଖୀ ନୁହେଁ। ମୁଖ ତାର ବ୍ରଣଦ୍ରଷ୍ଟ ଓ ମ୍ଳାନ। ଶୀର୍ଣ୍ଣ ସାଧା ଗାଲରେ ମଧୁରତା ପରିବର୍ତ୍ତେ ପ୍ରକଟିତ ହୋଇଥାଏ ବ୍ୟର୍ଥତ ର ଦାଗ। 'ଜାପାନୀ କାଗଜଫୁଲ' ପରି ତା' ଦେହରେ ବାସ୍ନାହୀନ କୃତ୍ରିମତାପୂର୍ଣ୍ଣ ବୟସର ଧୂଳି। ସମୟ ସହିତ ସେ ସାଲିସ୍ କରିଛି। ବୟସ ବୃଦ୍ଧିକୁ ସ୍ୱାଭାବିକ ରୂପେ ଗ୍ରହଣ କରିଛି। ପୁଣି ଦେହରେ ତା'ର 'ଖାକୀର ପୋଷାକ' ମୁହଁରେ 'ଖାକୀର ହସ'। ଖାକୀ ପୋଷାକ ଯୋଦ୍ଧାର ପ୍ରତୀକ। ପ୍ରତୀମା ନାୟକ ଜଣେ ଜୀବନଯୋଦ୍ଧା, ବଞ୍ଚିବା ପାଇଁ ସେ ସଦା ସଂଗ୍ରାମରତା। ତେବେ ଖାକୀପୋଷାକରେ ରଙ୍ଗ ଟିକେ ମଳିନ ଦିଶିବା ପରି ଆଧୁନିକ ଯନ୍ତ୍ରଣା ପିଷ୍ଟ ସମୟ ପ୍ରତିମାଠାରୁ ଜୀବନର କଣାଳ ଆବେଗ, ସ୍ୱପ୍ନର ପୁଲକ, ଯୌବନର ସୌନ୍ଦର୍ଯ୍ୟ, ପ୍ରେମର ମହାର୍ଘ୍ୟକୁ ଛଡାଇ ନେଇଛି। ତଥାପି ସେ ତା' ହାତରେ ଚମଡାର ବ୍ୟାଗ ଧରି ଗୃହ ଅଙ୍ଗନ ଅତିକ୍ରମ କରି ଆସି ବଞ୍ଚିରହିବା ସକାଶେ ଜୀବିକା ଅନ୍ୱେଷଣରେ ସପ୍ଲାଇରେ ଆଶ୍ରୟ ନେଇଛି। ପ୍ରତିମାର ବ୍ୟକ୍ତିଗତ ଦୁଃଖ ଏତେ ଅଧିକ ଯେ ସେ ହୁଏତ 'ହସିବା' ଅବସ୍ଥାରେ ନାହିଁ ତଥାପି ତା' ଓଠରେ ହସ ଲାଖିରହିଛି। କବି ରାଉତରାୟ ପ୍ରତିମା ନାୟକର 'ଖାକିରହସ', ଲାସକଟା ଘରେ ଏକ ହାରିକେନବର୍ଣ୍ଣ, 'ଜଳୁଥିଲା ଦୁକୁଦୁକୁ ଭୟାନକ ଅତି' ଅଦି ପ୍ରତୀକ ପ୍ରୟୋଗରେ ଆଧୁନିକ ନାରୀ ଜୀବନର ସଂଘର୍ଷମୟ ଦୟନୀୟ ଅବସ୍ଥା, ହତାଶା, ନୈରାଶ୍ୟକୁ ସୂଚାଇଛନ୍ତି।

କବି ସଚ୍ଚିରାଉତରାୟଙ୍କ ସମଗ୍ର କବିତାବଳୀରେ ପ୍ରତୀକର ସଫଳ ପ୍ରୟୋଗ ପରିଦୃଷ୍ଟ ହୁଏ। ଅନ୍ୟ କେତୋଟି ଉଦାହରଣ ଏଠାରେ ଉଲ୍ଲେଖ କରାଯାଇପାରେ, ଯଥା:-

"ବସନ୍ତ ଆସେ ଯେ ଠେଲି
ଧକ୍କା ଖାଇ କୁକୁଡାର ଦିହେ,
ଭାଙ୍ଗି ବହୁ ମହୁର ସୋରାଇ
ମାଟିରେ ଗଡ଼ାଇ ଅବା, ଫୁଲବଣ ସଂଜେ।
ବସନ୍ତ ଆସେ ଯେ ଠେଲି ମଲାଚେର ଗଂଜେ,
ଶୁଖିଲା ହାଡ଼ର ରନ୍ଧ୍ରେ ବଜାଇ ସାନାଇ"।

('ବସନ୍ତର ନିଛକ ଜିଲ୍ଲାରେ' – କବି ସଚ୍ଚିଦାନନ୍ଦ ରାଉତରାୟ)

'କବିତା ୧୯୬୨' ଗ୍ରନ୍ଥରେ ସନ୍ନିବେଶିତ ଏହି କବିତାରେ ବସନ୍ତ ଋତୁ ଆଗମନରେ ଯୌନାବେଗର ସାହାନାଇ ଶୁଖିଲା ହାଡ଼ ଭିତରେ ମଧ୍ୟ ଓଁକାର ଧ୍ୱନି ଖେଳାଇଦିଏ। ମଦମତ୍ତ ଅଂସଖ୍ୟ ମହୁ ସୁରେଇ ଅଚିରେ ଭାଙ୍ଗିଯାଏ। ବସନ୍ତ ଆଗମନରେ ଯୌନଚେତନାର ଭାବାନୁଭୂତି ସୂକ୍ଷ୍ମ ଓ ଗଭୀର ଅର୍ଥ ବହନକାରୀ ପ୍ରତିକ ମାଧ୍ୟମରେ କବି ପ୍ରକାଶ କରିବାରେ ବେଶ୍ ସିଦ୍ଧିହସ୍ତ।

ପ୍ରତୀକ ପ୍ରୟୋଗ କ୍ଷେତ୍ରରେ କବି ସଚ୍ଚିଦାନନ୍ଦଙ୍କ ଅଭିନବ ଦୃଷ୍ଟିଭଙ୍ଗି ଓ ମୌଳିକତା ଚିର ବନ୍ଦିତ କହିଲେ ଅତ୍ୟୁକ୍ତି ହେବନାହିଁ।

କବି ଅନନ୍ତ ପଟ୍ଟନାୟକଙ୍କ କବିତାମାନଙ୍କରେ ସାମ୍ୟବାଦୀ ଚିନ୍ତା ଚେତନା ପ୍ରତୀକ ମାଧ୍ୟମରେ ଖୁବ୍ ଅର୍ଥପୂର୍ଣ୍ଣ ହୋଇପାରିଛି। ଯଥା:-

"ମୃତ୍ୟୁର ଜଣେ ପହଁରି ପହଁରି
ତୋଳେ ଯେ ତୋ ପାଇଁ ରକ୍ତକଇଁ
କୃଷ୍ଣ ନାଗର ଦଂଶନେ ସେକି
ପଡ଼ିବ ନଇଁରେ ପଡିବ ନଇଁ"।

('ଝରରେ ରୁଧିର ଝର' -)

ଏହି କବିତା ପଂକ୍ତିରେ 'ରକ୍ତକଇଁ' ସାମ୍ୟବାଦୀ ଚିନ୍ତନର ଫକୃଷ୍ଣନାଗ' ସ୍ୱାର୍ଥୀ ବୁ ୟା ଗୋଷ୍ଠୀର ପ୍ରତୀକ ରୂପେ ପ୍ରୟୋଗ କରାଯାଇଛି।

କବି ଗୁରୁପ୍ରସାଦ ମାହାନ୍ତି ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆକାବ୍ୟଧାରାର ପ୍ରୟୋଗବାଦୀ କବିରୂପେ ସୁବିଦିତ। ଆଧୁନିକ ମଣିଷର ଅସହାୟତା, ବ୍ୟର୍ଥତା, ନୈରାଶ୍ୟ, ଦୟନୀୟତା ସହିତ ପ୍ରେମ, ସ୍ୱପ୍ନର ବଫଳତା, ଆତ୍ମଦହନ, ମାନସିକ ସଙ୍କଟ, ଯୌନାବେଗ, ମୃତ୍ୟୁର କରାଳ ରୂପ ସମ୍ଭାରକୁ ସୂରଚିତ କବିତାମନାଙ୍କରେ ସେ ବେଶ୍ ବୌଦ୍ଧିକ ଓ ଯୁକ୍ତିନିଷ୍ଠ ରୂପେ ପ୍ରତୀକ ମଧ୍ୟରେ ରୂପାୟିତ କରିଛନ୍ତି। ଉଦାହରଣ ସ୍ୱରୂପ –

"ହେ ଅକ୍ରୁର, ହେ ଉଦ୍ଧବ ସଖାମୋର ପ୍ରାଣର ଦୋସର
ରୁହ ରୁହ ଛିଡାରୁହ ପିଠିରେ ମୋ ତୁମପରି ବିଝ,
ଖୋଜି ଖୋଜି ଝରଣାର ସୁଅ,
ମୁଁ ଯିବି ତୁମରି ପରି ଖୋଜି ମୋର ପିତା ମାତା
ନିମୂଳି ନଟାରେ ଖୋଜି, ଅରୁନ୍ଧତି ତାରାର ଆଲୁଅ"।

ବିଶ୍ୱଯୁଦ୍ଧ ପରବର୍ତ୍ତୀ ଆଧୁନିକ ଯନ୍ତ୍ରଣାଦଗ୍ଧ ମଣିଷର ମୃତ୍ୟୁମୁଖୀ ଜୀବନ ବୋଧକୁ କବି ଗୁରୁପ୍ରସାଦ ସ୍ପଷ୍ଟ କରିଛନ୍ତି ପ୍ରତୀକ ପ୍ରୟୋଗ ଦ୍ୱାରା। କାଳପୁରୁଷ ମହାକାଳର ପ୍ରତୀକ। ଯୁଦ୍ଧତ୍ତୋର ପୃଥିବୀରେ ନାନା ପ୍ରାକୃତିକ ବ୍ୟୁତ୍ପାତ, ଦୁର୍ବିପାକ ଭିତରେ ଭାରତୀୟ ଜୀବନ ଧାରାକୁ ପ୍ରଭାବିତ କରିଥିବା ପାଶ୍ଚାତ୍ୟ ନିଃସଙ୍ଗତା, ଏକାକୀତ୍ୱ, ସ୍ୱପ୍ନରଙ୍ଗ, ଯୌନତା, ବିଷାଦବୋଧ ତଥା ମଣିଷର ବେଦନାପୂର୍ଣ୍ଣ ଜୀବନକୁ ମୁକ୍ତି ପାଇଁ ପଥ ଅନ୍ୱେଷଣ ଏହି କବିତା ପଂକ୍ତିରେ ପ୍ରତୀକିତ ହୋଇଛି। ମହାଭାରତ ସମୟରେ ଦ୍ୱାରିକାଧିପତି ଶ୍ରୀକୃଷ୍ଣ ଯଦୁବଂଶକୁ ରକ୍ଷା କରିବା ଲାଗି ଉପାୟ ଖୋଜିବା ତୁଲ୍ୟ ଆଧୁନିକ ମଣିଷ ଜୀବନଯନ୍ତ୍ରଣାରୁ ମୁକ୍ତ ହେବାକୁ ଅଧୀର ହୋଇଛି। ଜହ୍ନ, ତାରା ପରି ସ୍ଥିର ବସ୍ତୁ ଅନ୍ୱେଷଣରେ ବାହାରି ଯିବାକୁ ମନବଳାଇଛି। 'ଜହ୍ନ, ତାରା' ଏଠାରେ ସ୍ଥିର ବସ୍ତୁ ବା ଜୀବନର ସ୍ଥିର ଲକ୍ଷ୍ୟର ପ୍ରତୀକ ଭାବେ ବର୍ଣ୍ଣିତ। 'ଝରଣାର ସୁଅ' ସ୍ୱଚ୍ଛତାର ପ୍ରତୀକ। କବି ଏହି ପ୍ରତୀକ ମଧ୍ୟରେ ଆଧୁନିକ ମଣିଷ ଜୀବନରୁ ସ୍ୱଚ୍ଛତା ଆଜି ବିଲୁପ୍ତ ହୋଇଥିବାରୁ ପୁନଶ୍ଚ ତାହାର ପ୍ରାପ୍ତି ପାଇଁ ସେ ଖୋଜିବାର ପ୍ରୟାସ କରୁଥିବା ବିଷୟଟିର ଚମତ୍କାର ବର୍ଣ୍ଣନା ଦେଇଛନ୍ତି। 'ନିର୍ମୂଳିନଟା' ଛିନ୍ନ ମୂଳତାର ପ୍ରତୀକ। ଆଧୁନିକ ମଣିଷ ସମ୍ଭୋଗ ଐଶ୍ୱର୍ଯ୍ୟ ମଧ୍ୟରେ ମଗ୍ନ ରହି ନିଜର ମୂଳସତ୍ତା ହରାଇ ବସିଛି। ତେଣୁ ପୁଣିଥରେ ସେଇ ମୂଳସତ୍ତା ବା ଚେର ସଦୃଶ ପରମ ପିତା-ମାତାଙ୍କୁ ଆଧ୍ୟାତ୍ମିକ ଚିନ୍ତନ ମଧ୍ୟରେ ଖୋଜିବାକୁ ସ୍ୱରଉତ୍ତୋଳନ କରିଛି। ବର୍ତ୍ତମାନ ସମୟରେ ପରିବାରିକ ଜୀବନ ଅସ୍ତବ୍ୟସ୍ତ। ମଧୁମୟ ଦାମ୍ପତ୍ୟ ସୁଖଶାନ୍ତି ବିଧ୍ୱସ୍ତ, ବିପନ୍ନ, ବିଭଙ୍ଗ ହୋଇଛି। କାବ୍ୟ ନାୟକ ସେହି ଦାମ୍ପତ୍ୟ ଜୀବନର ଆନନ୍ଦକୁ ଖୋଜିବା ପାଇଁ ମଧ ବ୍ୟାକୁଳ ହୋଇଛି। କବି ଆକାଶରେ ପରିଦୃଷ୍ଟ ବିଶିଷ୍ଟ ନକ୍ଷତ୍ର ନିକଟରେ ମିଞ୍ଜି ମିଞ୍ଜି ଜଳୁଥିବା 'ଅରୁନ୍ଧତି' ତାରାକୁ ପ୍ରତୀକ ରୂପେ ବ୍ୟବହାର କରି ପରିବାରିକ ଜୀବନର ସୁଖସଂପଦ ଅନ୍ୱେଷଣ କଥା ବର୍ଣ୍ଣନା କରିଛନ୍ତି। ଅକ୍ରୂର, ଉଦ୍ଧବଙ୍କ ପରି ଆଜିର ମଣିଷ ମୁକ୍ତି ଆଶାରେ ବ୍ୟାକୁଳତା ପ୍ରକାଶ କରିଛି।

କବି ବେଣୁଧର ରାଉତ କବିତାରେ ପ୍ରତୀକ ପ୍ରୟୋଗର ସ୍ୱାତନ୍ତ୍ର୍ୟ ରହିଛି। ତାଙ୍କ ରଚିତ 'ପିଙ୍ଗଳାର ସୂର୍ଯ୍ୟ', 'କଠ ଘୋଡ଼ା ପାଣି ପି' ଇତ୍ୟାଦି କବିତା ଏକ ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ। କବି ବେଣୁଧର ଆଧୁନିକ ମଣିଷର ଭୌତିକ ବିଳାସ ଦଂଶିତ ଜୀବନରେ ଅମୃତମୟ ଆହ୍ଲାଦର ଅନୁଭବ ପ୍ରଦାନ କରିବା ପାଇଁ 'ପିଙ୍ଗଳା'କୁ ପ୍ରତୀକ ରୂପେ ଗ୍ରହଣ କରିଛନ୍ତି। ପିଙ୍ଗଳା ବେଶ୍ୟା ଅବଧୂତଙ୍କର ଚବିଶ ଗୁରୁ ମଧ୍ୟରୁ ଅନ୍ୟତମ। ସେ କାମାନ୍ଧି ହୋଇ ଏକ ନିର୍ଦ୍ଦିଷ୍ଟ ପୁରୁଷକୁ ସାରା ରାତି ଅପେକ୍ଷା କରିବା ପରେ ମିଥ୍ୟା ମାୟା ମୋହ ସାଂସାରିକ ସୁଖର ଅଳିକତାକୁ ଅନୁଭବ କରିପାରିଛି। ସଂସାରର ନଶ୍ୱରତା ତାକୁ ବୈରାଗ୍ୟମୁଖୀ କରିଛି। ସେ ପ୍ରକୃତ ଅନନ୍ଦପଥର ଅନ୍ୱଷଣ କରିଛି। ସୁତରାଂ 'ପିଙ୍ଗଳା' ବୈରାଗ୍ୟର ପ୍ରତୀକ ହୋଇ ସାଂସାରିକ ମୋହମାୟାଗ୍ରସ୍ତ ମଣିଷକୁ ପରମଆନନ୍ଦ ଲାଭର

ଦିଗଦର୍ଶକ ସାଜିଛି। କବିଙ୍କ ଫକାଠ ଘୋଡା ପାଣି ପିଇ' କବିତାରେ 'କାଠଘୋଡା' ଯନ୍ତ୍ରାନାଦଗ୍ଧ ନିର୍ବାକ୍ ଜଡ଼ ମଣିଷର ପ୍ରତୀକ ରୂପେ ବର୍ଣ୍ଣିତ ହୋଇଛି। ସେହିପରି 'ବୃହନ୍ନଳା' କବିତାଟି ମଧ୍ୟ ସାର୍ଥକପ୍ରତୀକ କ୍ଷେତ୍ରରେ ସଫଳ ସଫଳ ସୃଷ୍ଟି।

"ବୃହନ୍ନଳା ତୁ ନିଜକୁ ପାସୋରି କଲୁ ଅଜ୍ଞାତବାସ
ଉତ୍ତରାମୁଖେ କ୍ଲୀବ ହୋଇ କରୁ ନାଚ, ଧରୁ ତାନପୁରା !
ତୋହରି ଭିତରେ ମଣିଷପଣର ଅର୍ଜୁନ ଗଲା କାହିଁ ?
କାହିଁକି ସେ ସବ୍ୟସଚୀ ?
ଅବରୋଧ ଭୁଲି, ମୁକ୍ତ ଜଗତେ କିବା ତୋ ସତ୍ତା ନାହିଁ ?"

ଏଠାରେ କବି 'ବୃହନ୍ନଳା' ଚରିତ୍ରର ପ୍ରତୀକ ପ୍ରୟୋଗରେ ଆଧୁନିକ ଯୁଦ୍ଧଯନ୍ତ୍ରଣା ପିଷ୍ଟ-ଅଦିଷ୍ଟ ମଣିଷର ନିଜ ଅସ୍ତିତ୍ୱ ପାଶୋରି ଯିବା କଥାଟି ସୂଚାଇଛନ୍ତି। ବର୍ତ୍ତମାନ ମଣିଷ ଛଦ୍ମବେଶୀ ବଞ୍ଚିବା ପାଇଁ ସେ ବୃହନ୍ନଳା ବେଶ ଧାରଣ କରିଥାଏ। ତା' ନିକଟରେ ମାନବିକ ମୂଲ୍ୟବୋଧ, ଆଦର୍ଶ, ଧର୍ମବିଶ୍ୱାସ ଅଧ୍ୟାତ୍ମିକ ଚିନ୍ତନ ଇତ୍ୟାଦି ଅବାନ୍ତର। ତେଣୁ କବି ଆଜିର ମଣିଷକୁ ସମସ୍ତ ବ୍ୟର୍ଥତା, ଅସହାୟତା ସତ୍ତ୍ୱେ ନିଜର ଅସ୍ତିତ୍ୱ ସ୍ମରଣ ରଖି ବଞ୍ଚିବାର ଆନନ୍ଦ ଓ ଗୌରବ ଲାଭ କରିବା ପାଇଁ ଆହ୍ୱାନ କରିଛନ୍ତି।

ଆଧୁନିକ ଓଡ଼ିଆକବିତାରେ 'ପ୍ରତୀକ' ପ୍ରୟୋଗ କ୍ଷେତ୍ରରେ କବି ରମାକାନ୍ତ ରଥ ଜଣେ ସ୍ମରଣୀୟ ପ୍ରତିଭା। ତାଙ୍କ ପ୍ରତୀକ ଗୁଡ଼ିକ ବୌଦ୍ଧିକତାର ଘୋଡଣି ଭିତରୁ ଥାଇ ନୂତନ ଆଭାରେ ବିରାଜିତ। ତାଙ୍କ ରଚିତ 'କେତେଦିନର', 'ସନ୍ଦିଗ୍ଧ ମୃଗୟା', 'ସପ୍ତମ ଋତୁ', 'ସଚିତ୍ର ଅନ୍ଧାର', 'ଶ୍ରୀରାଧା' ଆଦି ଗ୍ରନ୍ଥରେ ପ୍ରତୀକର ପ୍ରଚୁର ବ୍ୟବହାର ରହିଛି। 'କେତେଦିନ'ର କବିତା ସଂକଳନରେ ଗରୁଡ଼, ଧର୍ମପଦ, ଅବଲୋକରା ଇତ୍ୟାଦି ପ୍ରତୀକ ପାଠକର ସ୍ମରଣକୁ ସ୍ୱତଃ ଆସିଥାଏ। "ଗରୁଡ଼" କବିତାରେ ସେ ବର୍ଣ୍ଣନା କରିଛନ୍ତି।

"ବିଶ୍ୱାସଘାତକବାଦ ଚାରିପାଖେ ଜମି ଆସେ ତାର
ସହବାସ ଲାଗି ଡ଼ାକେ ନାଗକନ୍ୟା ଭୁରୁକୁ ନଚାଇ,
ନଗ୍ନଜାନୁ, ନଗ୍ନକୁଚ, ବେହରଣ ବିଦାୟ ନେଇଛି
ଶେଯକୁ ଦେଖାଏ ହାତ ମରଣର ସଂଗମ ସୂଚାଇ"
('କେତେଦିନର')

ମଣିଷ ଭିତରେ ରହିଥିବା ଯୌନ ପ୍ରବୃତ୍ତିର ଆକର୍ଷଣରେ ଆଧୁନିକ ଜୀବନ ପ୍ରେମ, ପ୍ରଣୟର ବିରଙ୍ଗତାକୁ ଅନୁଭବ କରିବା କଥାଟି ଏଠାରେ 'ଗରୁଡ଼' ଓ 'ନାଗକନ୍ୟା ଭୁରୁ ନଚା' ପ୍ରତୀକ ମଧ୍ୟରେ ଆଧୁନିକ ମଣିଷର ଯୌନକାମନା ପ୍ରତୀକୀତ ହୋଇଛି। କବିଙ୍କର 'ଚନ୍ଦ୍ରମାର ଚୁଡ଼ି' କବିତାରେ କାଚଭଙ୍ଗା କଳା ଲଣ୍ଠନର କମ୍ ଆଲୁଅ, ଚୁଡ଼ିର ଋଣ୍ଣୁଝୁଣୁ ଶବ୍ଦ ଇତ୍ୟାଦି ପ୍ରତୀକ ମାଧ୍ୟମରେ ସ୍ୱାମୀର ମୃତ୍ୟୁପରେ ଜୀବନ ନିର୍ବାହ ପାଇଁ ଚନ୍ଦ୍ରା

ଚେହେରାଣୀ ନିଜର ସ୍ୱଚ୍ଛ ସତୀତ୍ୱକୁ ପତାରିତ କରିଛି ସତ ମାତ୍ର ସ୍ୱମୀ ପ୍ରତି ବିଶ୍ୱସ୍ତ ରହି ତାର ଶେଷ ଅନୁରୋଧକୁ ରକ୍ଷା କରି ସେ ଦ୍ୱିତୀଅ ହୋଇନାହିଁ। ଏହି ଜୀବନ୍ତ ଚିତ୍ର ବର୍ଣ୍ଣିତ ହୋଇଛି କବି ଲେଖନୀରେ।

"ଚନ୍ଦ୍ରମା କମାଏ ବତୀ ବାଟଭଙ୍ଗା
କଳା ଲଣ୍ଠନର,
ଇସ୍ପାତର ଧାର ପରି
ଦୃଷ୍ଟିକୁ ସେ ମାଜିବସେ ଅନ୍ଧାରର
ପ୍ରଶସ୍ତ ଶିଳାରେ, ମୂର୍ଦ୍ଧନାରେ ଜଭଗପି
ଚୁ ଚୁ କରେ, ଡାକେ ପୁଣି ଆନନ୍ଦ ଗଳାରେ।
ନଡିଆ ତେଲରେ ଗୋଳି କର୍ପୂର ସେ
ଯତନରେ ସାଜିଛି କବରୀ,
ପ୍ଲାଷ୍ଟିକର ଚିରିଣୀରେ ପୋଛିଦିଏ ଅମାଜିଆ
ଚୂର୍ଣ୍ଣକୁନ୍ତଳକୁ, ରୁଣୁଝୁଣୁ କରି ଚୁଡି
ହାତ ଆଉ ବାହା ଦୋହଲାଇ,
ସତେବେ କହୁଚି ଚନ୍ଦ୍ରାବେହେରାଣୀ ମରି ମରି ନାହିଁ।"

(ଚନ୍ଦ୍ରମାର ଚୁଡି)

ଅନ୍ୟ ଏକ ଉଦାହରଣରେ ଚଷମାର ମୋଟା ଫ୍ରେମ୍, ଝୁଲୁଥିବା ବାଦୁଡ଼ି ପରି ଗାଲ, ପୃଥୁଳ ଶରୀର ଆଦି ପ୍ରୟୋଗରେ କରି ମାଷ୍ଟ୍ରାଣୀ ଜୀବନର ଅନ୍ତଃର୍ଦାହକୁ ଚମତ୍କାର ରୂପଦାନ କରିଛନ୍ତି ଯଥା:-

"ଦିନେ ନାଁ ଦିନେ ମୁଁ ପ୍ରୌଢ଼ା ହୋଇଯିବି
ଏବଂ ଚଷମାର ମୋଟା ଫ୍ରେମ୍
ପଶିଯାଇଥିବା ଗାଲ ଝୁଲୁଥିବି ବାଦୁଡ଼ିପରି,
ବା ମୁଁ ଘୋଷାରି ଚାଲୁଥିବି ଅସହଜ।
ପୃଥୁଳ ଶରୀର"।

('ମାଷ୍ଟ୍ରାଣୀ')

ମାଷ୍ଟ୍ରାଣୀ ଜୀବନର ସମସ୍ତ ସୌକୁମାର୍ଯ୍ୟ ଯାନ୍ତ୍ରିକ ଗତିରେ ନିଷ୍ଠୁର ବାସ୍ତବତା ମଧ୍ୟରେ ହଜିଯାଇଛି। ଜୀବନର ସ୍ୱପ୍ନ ସବୁ ଶୂନ୍ୟ ହୋଇଛି। ସ୍ୱାଦହୀନ, ପ୍ରେମହୀନ, ଗନ୍ଧହୀନ ହୋଇ ଗତାନୁଗତିକ ବଞ୍ଚିବା ତା' ପାଇଁ ସାର ହୋଇଛି। ନିଃଶୂନ୍ୟ ହୋଇ ଆଧୁନିକ ନାରୀଟିଏ ଅପ୍ରାପ୍ତିର ଯନ୍ତ୍ରଣା ନେଇ ବଞ୍ଚିବାର ମାନସିକତାକୁ କବି ପ୍ରକାଶ କରିଛନ୍ତି। କବିଙ୍କର 'ଲଣ୍ଠନ' କବିତାଟି ମଧ୍ୟ ଆଧୁନିକ ମଣିଷର ବିଭଙ୍ଗ ଅସ୍ତିତ୍ୱକୁ ପ୍ରକାଶ କରିବାର ଏକ

ସଫଳ ପ୍ରତୀକର ପ୍ରତିକ୍ରିୟା। ଶ୍ରୀଯୁକ୍ତ ରଥଙ୍କ 'ଶ୍ରୀରାଧା'ରେ ପ୍ରେମର ସ୍ୱପ୍ନ ବ୍ୟର୍ଥତା, ଯନ୍ତ୍ରଣା,ହତାଶା, ଆନନ୍ଦ ଇତ୍ୟାଦି ଘଡ଼ଘଡ଼ି ଭୟଙ୍କର ବର୍ଷା ବିଜୁଳିର ଡାକ, ପତ୍ର ଫୁଲ ଝଡିବା ଆଦି ପ୍ରତୀକ ମାଧ୍ୟମରେ ବର୍ଣ୍ଣିତ ହେବା ସଂଗେ ସଂଗେ ମୃତ୍ୟୁମୁଖୀ କାଳସ୍ରୋତର ସୂଚନା ପ୍ରଦାନ କରିଥାଏ। ଶ୍ରରାଧାର ଚେତନା ଭିତରେ ନାନା ପ୍ରତିକ ମାଧ୍ୟମରେ ଜୀବନ ଓ ମୃତ୍ୟୁର ସମାବେଶ ସହିତ ଆତ୍ମ ସଂଘର୍ଷରୁ ଆତ୍ମଉପଲବ୍ଧି ପ୍ରତିଧ୍ୱନିତ ହୋଇଛି।

ଆଧୁନିକ ଓଡ଼ିଆକବିତାରେ କବି ସୀତାକାନ୍ତ ମହାପାତ୍ରଙ୍କ ପ୍ରତିଭା ଅନନ୍ୟ। ତାଙ୍କର ସମସ୍ତ କବିତା ମଧ୍ୟରେ ପ୍ରତୀକ ହୋଇ ମୁଖ୍ୟ ଅଙ୍ଗବିଭବ। ପ୍ରତୀକ ମାଧ୍ୟମରେ କବି ଆଧୁନିକ ମଣିଷର ଯନ୍ତ୍ରଣା, ହତାଶା, ନିରାଶା, ନିଃସଙ୍ଗତା, ମୃତ୍ୟୁଚେତନା ଓ ମୃତ୍ୟୁପରର ଅମୃତ ଅହ୍ଲାଦର ଅନୁଭବକୁ ନୂଆ ରୂପ ଦେଇଛନ୍ତି। 'ଦୀପ୍ତି ଓ ଦ୍ୟୁତ' ଗ୍ରନ୍ଥରେ କବି ବର୍ତ୍ତମାନ ସମୟରେ ଗାଁ ଦାଣ୍ଡର ବର୍ଣ୍ଣନା କରିବାକୁ ଯାଇ ଗାଇଛନ୍ତି

"ଏ ସାହିର ଗାଆଁଦାଣ୍ଡ

(ଚୁଡ଼ି କାଚହୀନ ଗୋଟେ ରାଣ୍ଡ ହାତ ପରି ଖଇ କଉଡ଼ି ବିଞ୍ଛିଛି ଆଉ କାହା ପାଇଁ କରୁଣ ଉଦାସ ସୁରେ ଓ ଯୋଡ଼ି ମହୁରୀ)

ଲମ୍ବି ଯାଇଛି ଦୂରକୁ  
ନଈକୂଳ ଝଙ୍କା ଓସ୍ତ ଗଛ ମୂଳ  
ମଶାଣି ହୁଡାକୁ, ଚିରାକଥା,  
ଭଙ୍ଗା ତୁଟା ହାଣ୍ଡି ଖପରାକୁ।"

(ଦୀପ୍ତି ଓ ଦ୍ୟୁତି)

ଏହି କବିତାଂଶଟିରେ 'ରାଣ୍ଡହାତ' ବିଧବାଜୀବନର ପ୍ରତିକ ହୋଇଚି। ନାରୀଟିଏ ସ୍ୱାମୀର ମୃତ୍ୟୁପରେ ବିଧବା ରୂପ ନେଇ ଶୁଷ୍କ ଜୀବନଧାରଣ କରିବା ପରି ଗାଁ ଦାଣ୍ଡ ଆଧୁନିକତାର ଚାକଚକ୍ୟ ପ୍ରଭାବରେ ନୁଖୁରା ହେଇ ପଡିରହିଛି। ସେଠାରେ ଆଉ କୋଳାହଳ, ହାହାଲ୍ଲା ନାହିଁ।

ସେହିପରି ବିଶ୍ୱଯୁଦ୍ଧ ପରିବର୍ତ୍ତୀ ସହରୀ ଜୀବନର ଯଥାର୍ଥ ଚିତ୍ର କବି 'ସହରରେ ଗ୍ରୀଷ୍ମ' କବିତାରେ ପ୍ରତୀକ ପ୍ରୟୋଗ ଦ୍ୱାରା ପ୍ରକାଶ କରିଛନ୍ତି। ଯଥା –

"ଏ ସହର କୁଷ୍ଠ ରୋଗୀ  
ବିକୃତ ଓ ଖଂଜାଏ ସହର  
ପୋଡ଼ା ଚମ, ବଙ୍କାହାତ  
ସ୍ୱେଦସ୍ୱିନ୍ନ ରାସ୍ତା ସବୁ ଘୁଷୁରୀର କଳା କଳା ଦେହ,  
ଅଖାରେ ଘୋଡାଇ ଅଙ୍ଗ କନାଟପି  
ବଞ୍ଚିବାର ମୋହ।"

(ସହରରେ ଗ୍ରୀଷ୍ମ)

ଏଠାରେ କୁଷ୍ଠରୋଗୀ, ପୋଡାଚମ, ବଙ୍କାହାତ, ନାକ, କାନ, ଘୁଷୁରୀର କଳା ଦେହ ଆଦି ପ୍ରତୀକ ମଧ୍ୟରେ ସହର ସଭ୍ୟତାର ରଙ୍ଗହୀନ ଓ ସ୍ୱାଦହୀନ ଜୀବନ ଚିତ୍ର ହିଁ ପରିଲକ୍ଷିତ।

ଆଧୁନିକ ଓଡ଼ିଆକବିତାରେ ଆଧୁନିକ ମଣିଷର ଜୀବନ ଚିତ୍ର ପ୍ରଦାନ କରିବାକୁ ଯାଇ କବି ସୌଭାଗ୍ୟକୁମାର ମିଶ୍ର, କମଳା କାନ୍ତ ଲେଙ୍କା, ଦୀପକ ମିଶ୍ର, ପ୍ରତିଭା ଶତପଥି, ବଂଶୀଧର ଷଡ଼ଙ୍ଗୀ, ନିତ୍ୟାନନ୍ଦ ନାୟକ ପ୍ରମୁଖ ଅଭିନବ ରୀତିରେ ପ୍ରତୀକମାନ ସୃଷ୍ଟି କରିବାରେ ସଫଳତା ଲାଭ କରିଛନ୍ତି। ସୌଭାଗ୍ୟ କୁମାର ମିଶ୍ରଙ୍କ 'ଅନ୍ଧମହୁମାଛି' ଏକ ସଫଳ ପ୍ରତୀକବାଦୀ କବିତା। ମହୁମାଛି ତୁଲ୍ୟ ମଣିଷର ଜୀବନ ତଥା ସଂଗ୍ରାମରତ। ବଞ୍ଚିବା ପାଇଁ ସେ ନାନା ବିରୋଧାଭାସ ସତ୍ତ୍ୱେ ମହୁମାଛିପରି ସଂଗ୍ରାମ, ସ୍ୱପ୍ନର ରସ ସଂଗ୍ରହ କରିଥାଏ। ମଣିଷ ମନର ନାନା ଭାବ ସଂପଦର ପ୍ରତିନିଧିତ୍ୱ କରେ କବି ସୌଭାଗ୍ୟଙ୍କ ପ୍ରତୀକ ଗୁଡ଼ିକ। ଦୀପକ ମିଶ୍ରଙ୍କ କବିତାରେ 'ଅରଣା ମାଇଁଷି', ଖରା, ବିଧବା ବିମାନ, ଶବ ଇତ୍ୟାଦି ଏକ ଏକ ଆକର୍ଷଣୀୟ ପ୍ରତୀକ, କବି କମଳାକାନ୍ତ ଲେଙ୍କାଙ୍କ 'ଖସିବାର ବେଳ', ପ୍ରସନ୍ନ ମିଶ୍ରଙ୍କ 'ସନାତନ', ପ୍ରତିଭା ଶତପଥିଙ୍କ 'ସାହାଡା ସୁନ୍ଦରୀ', 'ସବା ସାନପୁଅ', ବଂଶୀଧର ଷଡ଼ଙ୍ଗୀଙ୍କ 'ଶବରୀଚର୍ଯ୍ୟା', ନିତ୍ୟାନନ୍ଦ ନାୟକଙ୍କ 'ନଷ୍ଟ ପଦ୍ମାସନ' ଇତ୍ୟାଦି ପ୍ରତୀକବାଦୀ ରୀତିର ସାର୍ଥକ ଶିଳ୍ପବିଧି।

## ୨.୬ ଉପସଂହାର

ସର୍ବୋପରି ଓଡ଼ିଆ କବିତା କ୍ଷେତ୍ରରେ ଆଧୁନିକ ପ୍ରତୀକର ବ୍ୟବହାର ପାଶ୍ଚାତ୍ୟ ସାହିତ୍ୟ ପ୍ରଭାବରୁ ଘଟିଥିଲେ ହେଁ ଏହା ଓଡ଼ିଆ କବିମାନଙ୍କ ମନନଶୀଳତା ତଥା ଆତ୍ମିକ ଭାବସଂପଦ ପରିପ୍ରକାଶ ନିମନ୍ତେ ବିଶିଷ୍ଟ ମାଧ୍ୟମ ହୋଇଛି। ପ୍ରତୀକ ପ୍ରୟୋଗର ବୈଚିତ୍ର୍ୟ ଆଧୁନିକ ଓଡ଼ିଆକବିତାକୁ ଅର୍ଥପୂର୍ଣ୍ଣ କରିବା ସଙ୍ଗେ ସଙ୍ଗେ ନୂତନ ସ୍ୱାଦ ଓ ପ୍ରାଣ ପ୍ରାଚୁର୍ଯ୍ୟରେ ଭରିରଖିଛି।

## ୨.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (କ) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ।

୧) ପ୍ରାଚୀନ ଓଡ଼ିଆକବିତାରେ ପ୍ରତୀକର ବ୍ୟବହାର ସଂପର୍କରେ ନିଜସ୍ୱ ମତ ପ୍ରଦାନ କର।

୨) ଆଧୁନକ ଓଡ଼ିଆକବିତାରେ ପ୍ରତୀକର ପ୍ରୟୋଗ କିପରି ହୋଇଛି, ଆଲୋଚନା କର।

### (ଖ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ।

୧) ପ୍ରତିମା ନୟକର କବି କିଏ ?

୨) କବି ସଚ୍ଚିଦାନନ୍ଦ ରାଉତରାୟଙ୍କ କେଉଁ ଗ୍ରନ୍ଥରେ ପ୍ରଥମେ ଆଧୁନିକ ପ୍ରତୀକର ପ୍ରୟୋଗ ଦୃଷ୍ଟିଗୋଚର ହୋଇଥିଲା।

୩) କବି ସଚ୍ଚିଦାନନ୍ଦ କେଉଁ ପାଶ୍ଚାତ୍ୟ କବି, ଆଲୋଚକମାନଙ୍କ ପ୍ରତୀକ ଆନ୍ଦୋଳନରୁ ପ୍ରେରଣା ଲାଭ କରିଥିଲେ ପ୍ରତୀକ ପ୍ରୟୋଗ କ୍ଷେତ୍ରରେ ?

୪. ବୃହନ୍ନଳା କବିତାର କବି କିଏ ?

୫. ରମାକାନ୍ତ ରଥଙ୍କ ଦୁଇଟି କବିତା ଗ୍ରନ୍ଥର ନାକ କୁହ, ଯେଉଁ ଗ୍ରନ୍ଥରେ ସନ୍ନିବେଶିତ କବିତାଗୁଛିଡ଼ିକରେ ପ୍ରତୀକର ପ୍ରୟୋଗ ସଫଳତା ଲାଭ କରିଛି ?

## ୨.୮ ସହାୟକ ଗ୍ରନ୍ଥସୂଚୀ


୧ ସାହିତ୍ୟ ତତ୍ତ୍ୱ : ପ୍ରାଚ୍ୟ ପାଶ୍ଚାତ୍ୟ - ଅଧ୍ୟାପିକା ଜ୍ୟୋସ୍ନାମୟୀ ପ୍ରଧାନ, ୨୦୦୫, ପ୍ରକାଶନ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାର, କଟକ,

୨. ଆଧୁନିକ କାବ୍ୟ କଳ୍ପ ପ୍ରାଚ୍ୟ ପାଶ୍ଚାତ୍ୟ – ଡକ୍ଟର ଅଭୟ ବାରିକ, ୧୯୮୮, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ,

୩. ଆଧୁନିକ ଓଡ଼ିଆକବିତାରେ ପ୍ରତୀକ - ଡାକ୍ଟର ଶିବ ପ୍ରସାଦ ଦଳେଇ ୨୦୦୯ ପ୍ର.ବିଜୟିନୀ ପବ୍ଲିକେଶନ, କଟକ,

୪. ଆଧୁନିକ କବିତାର ଦିଗଦର୍ଶନ - ସଂ-ଅପୂର୍ବ ରଞ୍ଜନ ରାୟ, ପ୍ର. ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ

# ତୃତୀୟ ଏକକ : ଚିତ୍ରକଳ୍ପବାଦ

**ବିଷୟ ଗଠନ :**


୩.୧ ପଠନର ଉଦ୍ଦେଶ୍ୟ

୩.୨ ଶିକ୍ଷଣୀୟ ବିଷୟ

୩.୩ ବିଷୟ ପ୍ରବେଶ

୩.୪ ଚିତ୍ରକଳ୍ପବାଦର ଉତ୍ସ ଓ ଉନ୍ମେଷ

୩.୫ ଚିତ୍ରକଳ୍ପର ସଂଜ୍ଞା, ସ୍ୱରୂପ ଓ ବୈଶିଷ୍ଟ୍ୟ

୩.୬ ଚିତ୍ରକଳ୍ପର ପ୍ରକାରଭେଦ

୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୩.୮ ସହାୟକ ଗ୍ରନ୍ଥସୂଚୀ


## ୩.୧ ପଠନର ଉଦ୍ଦେଶ୍ୟ

'ଚିତ୍ରକଳ୍ପ' ଶବ୍ଦଟି ଇଂରାଜୀ 'Image' ଓଡ଼ିଆପ୍ରତିରୂପ। ସାହିତ୍ୟ ଜଗତରେ ଏହା ବିମ୍ବକଳ୍ପ, ରୂପକଳ୍ପ, ପ୍ରତିବିମ୍ବ, ଇତ୍ୟାଦି ନାମରେ ସୁବିଦିତ। ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରୁ ଉଭୟ ଇଂରାଜୀ କବି ଓ ସମାଲୋଚକ ଥୋମାସ୍ ଆର୍‌ନେଷ୍ଟ (Thomas Ernest Hulme) ହେଉଛନ୍ତି ଚିତ୍ରକଳ୍ପବାଦୀ ଆନ୍ଦୋଳନର ପଟ୍ଟପୁରୋଧା। ସାଧାରଣବସ୍ତୁର ଗ୍ରହଣଯୋଗ୍ୟ ଆଭାସରୂପ ମାଧ୍ୟମରେ ଚିତ୍ରର ପରିକଳ୍ପନା ଏବଂ ଏହି ଚିତ୍ରପାଠକ ମନରେ ଅଙ୍କନ କରିରଖିବାର ଅଭିପ୍ରାୟ ହିଁ ଚିତ୍ରକଳ୍ପର ପ୍ରଧାନ ଗୁଣ। ଟି.ଇ.ହ୍ୟୁମଙ୍କ ଏହି ମତ ଚିତ୍ରକଳ୍ପବାଦୀ ଆନ୍ଦୋଳନର ସୂତ୍ରପାତ ଘଟାଇଥିଲା, ୧୯୦୯ ମସିହାରୁ ଚିତ୍ରକଳ୍ପକୁ କେନ୍ଦ୍ରକରି ପ୍ରଥମ କାବ୍ୟ ଆନ୍ଦୋଳନ ଆରମ୍ଭ ହୋଇ ୧୯୧୭ ମସିହା ମଧ୍ୟରେ ପାଶ୍ଚାତ୍ୟ ସ୍ରଷ୍ଟା ଗଣଙ୍କ ଦ୍ୱାରା କବିତାରେ ଚିତ୍ରକଳ୍ପ ଏକ ସ୍ୱତନ୍ତ୍ର ରୂପ ସଂଭାର ଘେନି ପରିବେଷିତ ହେଲା। ଏହି ଆନ୍ଦୋଳନ ସମଗ୍ର ବିଶ୍ୱର କବିମାନଙ୍କୁ ଓ କାବ୍ୟଜଗତକୁ ପ୍ରଭାବିତ କରିଥିଲା। ଚିତ୍ରକଳ୍ପ ଆଧୁନିକ କବିତାର ଏକ ଶକ୍ତିଶାଳୀ ଅଙ୍ଗିକ ରୀତି ହୋଇରହିଲା। ଏଣୁ ଚିତ୍ରକଳ୍ପର ସଂଜ୍ଞା, ସ୍ୱରୂପ, ଉତ୍ସ, ଉନ୍ମେଷ, ପ୍ରକାରଭେଦ ବୈଶିଷ୍ଟ୍ୟ ଏବଂ ସଂପର୍କରେ ବିଦ୍ୟାର୍ଥୀମାନେ ଅବଗତ ହେବା ଓ ଜ୍ଞାନ ଆହରଣ କରିବା ଏହି ଏକକ ପଠନର ମୁଖ୍ୟ ଉଦ୍ଦେଶ୍ୟ।

## ୩.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ବିଦ୍ୟାର୍ଥୀମାନେ ନିମ୍ନୋକ୍ତ ବିଷୟରେ ଜ୍ଞାନଆହରଣ କରିବା ପାଇଁ ସମର୍ଥ ହୋଇପାରିବେ।

- ଚିତ୍ରକଳ୍ପ ଏବଂ ଚିତ୍ରକଳ୍ପବାଦର ସୃଷ୍ଟି ଉତ୍ସ ଓ ତାହାର ସ୍ୱରୂପ ସଂପର୍କରେ ବିଦ୍ୟାର୍ଥୀଗଣ ଶିକ୍ଷାଲାଭ ହୋଇପାରିବେ।
- ଚିତ୍ରକଳ୍ପର ପ୍ରକାରଭେଦ ଓ ଗୁଣବତ୍ତା ସଂପର୍କରେ ଶିକ୍ଷାଲାଭ କରିପାରିବେ।
- ଚିତ୍ରକଳ୍ପବାଦୀ ଆନ୍ଦୋଳନର ରୂପରେଖ ସଂପର୍କରେ ସ୍ପଷ୍ଟ ଧାରଣା ବିଦ୍ୟାର୍ଥୀମାନେ ପ୍ରାପ୍ତ ହୋଇପାରିବେ।

## ୩.୩ ବିଷୟ ପ୍ରବେଶ

ଚିତ୍ରକଳ୍ପ (Imagery) ପ୍ରଥମତଃ କଳା ଓ ଭାସ୍କର୍ଯ୍ୟ ଜଗତର ଶବ୍ଦ। ପ୍ରାୟତଃ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏହି ଚିତ୍ରକଳ୍ପ ବା ରୂପକଳ୍ପ କଳା, ଚିତ୍ର ଓ ଭାସ୍କର୍ଯ୍ୟ କ୍ଷେତ୍ରରେ ବ୍ୟବହୃତ ହେଉଥିଲା ଏବଂ ପ୍ରାଞ୍ଜଳ ଅର୍ଥ ପ୍ରକାଶ କରିବାରେ ସମର୍ଥ ଥିଲା। ଏହାର ଅର୍ଥସଂପଦ ଖୁବ୍ ବୈଚିତ୍ରମୟ। ଏହି ଶବ୍ଦଟି ଅଷ୍ଟାଦଶ ଶତାବ୍ଦୀର ଅଭିଧାନ ଗୁଡିକରେ ସାହିତ୍ୟର ପାରିଭାଷିକ ଶବ୍ଦ ରୂପେ ଗୌରବ ଲାଭ କରିଥିବା କଥା ଉଲ୍ଲେଖ ରହିଛି। ଅଭିଧାନରେ ଏହାର ଦୁଇଟି ଅର୍ଥ ସ୍ୱଷ୍ଟ ହୋଇଛି। ପ୍ରଥମତଃ ଚିତ୍ରକର ଓ ଭାସ୍କରଙ୍କ ଦ୍ୱାରା ସୃଷ୍ଟ ଚିତ୍ର ଓ ମୂର୍ତ୍ତି ଏବଂ ଦ୍ୱିତୀୟତଃ କବିଙ୍କ ଦ୍ୱାରା ସୃଷ୍ଟ କାବ୍ୟରେ ବସ୍ତୁ ଓ ଘଟଣାର ବର୍ଣ୍ଣଣାରେ ଚିତ୍ରକଳ୍ପନା। ଏହି ଚିତ୍ର, ମୂର୍ତ୍ତି ଓ ଚିତ୍ରକଳ୍ପନା ଦୃଶ୍ୟ ଓ ଶବ୍ଦ ମାଧ୍ୟମରେ ଦର୍ଶକ-ପାଠକର ମନଶ୍ଚକ୍ଷୁରେ ସତ୍ୟ ଓ ସାର୍ଥକ ରୂପ ଲାଭ କରେ। ଏହା 'Universal Etymological English Dictionary' by natham Bailey, 1931 ରେ ସୂଚୀତ ହୋଇଛି। ପୂର୍ବେ ଇମେଜ ଶବ୍ଦଟି ସାହିତ୍ୟରେ ବ୍ୟବହୃତ ହେଉ ନ ଥିଲା। ପରେ ଏହା କାବ୍ୟର ଶବ୍ଦଚିତ୍ର ବିନ୍ୟାସରେ ବର୍ଣ୍ଣିତ ବସ୍ତୁ ଓ ଘଟଣାର ଜୀବନ୍ତ ତଥା ବାସ୍ତବ ଚିତ୍ର ପାଠକ ପ୍ରାଣରେ ପ୍ରତ୍ୟକ୍ଷ ଦର୍ଶନର ଅନୁଭବ ଆଣିବାରେ ସମୁଜ୍ଜ୍ୱଳ ହୋଇଉଠିଛି। ପ୍ରଚୀନ ଅଳଙ୍କାରିକ ପଦ୍ଧତିରେ ରୂପକ ଓ ଉପମା ଇତ୍ୟାଦିର ପ୍ରତିଶବ୍ଦ ଇମେଜ ଓ ଇମେଜେରୀ ବ୍ୟବହୃତ ହେଉଥିଲେ ହେଁ ଅଷ୍ଟାଦଶ ଶତାବ୍ଦୀର ଅଭିଧାନରେ ସେହି ଅର୍ଥ ନାହିଁ। ସେ ଯୁଗରେ ଯାହା ଚିତ୍ରାତ୍ମକ ତାହାହିଁ ଇମେଜ ରୂପେ ସ୍ୱୀକୃତ ହୋଇଛି। ଇମେଜରେ ପାଠକ କଳ୍ପନା ମଧ୍ୟ ଦେଇ ସଚକ୍ଷୁରେ ପ୍ରକୃତ ବସ୍ତୁ ଓ ଘଟଣାକୁ ଉପଲବ୍ଧି କରିପାରେ। ଊନବିଂଶ ଶତାବ୍ଦୀର ମଧ୍ୟବର୍ତ୍ତୀ ସମୟରେ ମଧ୍ୟ ଚିତ୍ର ଓ ଚିତ୍ରକଳ୍ପ ଶବ୍ଦ ଦ୍ୱୟ ରୂପକ-ଉପମା ଶବ୍ଦର ସମାର୍ଥ ଶବ୍ଦ ରୂପେ କାବ୍ୟ କବିତା ଜଗତରେ ପ୍ରଚଳିତ ହୋଇଛି। ବିଂଶ ଶତାବ୍ଦୀର ଆଦ୍ୟ ପର୍ଯ୍ୟାୟରେ ଅର୍ଥାତ ୧୯୦୦ ମସିହାରୁ ୧୯୧୭ ମସିହା ଇମେଜ ଓ ଇମେଜେରୀ ଶବ୍ଦ ଆଧୁନିକ ଅର୍ଥ ବହନ କରିଛି। ଏହି ସମୟ ସୀମା ମଧ୍ୟରେ ଆମେରିକା ଓ ଇଂରେଜ ସାହିତ୍ୟର କାବ୍ୟ ରଚନା କ୍ଷେତ୍ରରେ ରୋମାଣ୍ଟିକ ସ୍ୱପ୍ନବାଦକୁ ବିରୋଧକରି ଚିତ୍ରକଳ୍ପବାଦ ଏକ ସାହିତ୍ୟିକ ଆନ୍ଦୋଳନର ରୂପ ଗ୍ରହଣ କରିଛି। ଟି.ଇ.ହ୍ୟୁମ (T.E.H) ଙ୍କ ନେତୃତ୍ୱରେ ଚିତ୍ରକଳ୍ପବାଦୀ ଆନ୍ଦୋଳନ ସଂଘଟିତ ହୋଇଛି। ପରବର୍ତ୍ତୀ ସମୟରେ ଏହି ଆନ୍ଦୋଳନ ବିଶ୍ୱ ସହିତ୍ୟକୁ ପ୍ରଭାବିତ କରିବା ସଙ୍ଗେ ସଙ୍ଗେ ନିଜର କଳାତ୍ମକ ସ୍ଥିତିକୁ ସୁଦୃଢ କରିଛି।

## ୩.୪ ଚିତ୍ରକଳ୍ପବାଦର ଉତ୍ସ ଓ ଉନ୍ମେଷ

ପ୍ରଚ୍ୟ ଜଗତର ମହାକବି କାଳିଦାସ ସ୍ୱରଚିତ 'ଅଭିଜ୍ଞାନ ଶାକୁନ୍ତଳମ୍', ୫/୯ ଶ୍ଳୋକରେ ବର୍ଣ୍ଣନା କରିଛନ୍ତି :

"ରମ୍ୟାଣି ବୀକ୍ଷ୍ୟ ମଧୁରାଂଶ୍ଚ ନିଶମ୍ୟ ଶବ୍ଦାନ୍
ପର୍ଯ୍ୟୁତ୍ସୁକୋ ଭବତି ଯତ୍ ସୁଖିତୋଽପି ଜନ୍ତୁଃ
ତଚ୍ଚେତସାଂ ସ୍ମରତି ନୂନମ ବୋଧପୂର୍ବମ୍
ଭାବସ୍ଥିରାଣି ଜନନାନ୍ତର ସୌହୃଦାନି"।

ଅର୍ଥାତ୍ ରାମ୍ୟଦୃଶ୍ୟ ଦର୍ଶନ ଓ ମଧୁର ଶବ୍ଦ ଶ୍ରବଣରେ ବ୍ୟକ୍ତ ଆନନ୍ଦ ଲାଭ କରିବାର କାରଣ ପଛରେ ସେହି ବ୍ୟକ୍ତିର ପୂର୍ବଜନ୍ମର କିଛି ସ୍ନେହ-ପ୍ରେମ-ଶ୍ରଦ୍ଧା ସଂପର୍କିତ ବିଷୟ ଏବଂ ଘଟଣା ବିଦ୍ୟମାନ। ସେହି ସବୁ ଘଟଣା ଓ ବିଷୟ ମଣିଷର ଅବଚେତନ ମନ ମଧ୍ୟରେ ସ୍ଥିରଭାବରୂପ ନେଇ ସଂଗୁପ୍ତ ରହିଥାଏ। ସେସବୁ ସୁନ୍ଦର ବସ୍ତୁ ଦର୍ଶନ ବା ମଧୁର ଶବ୍ଦ ଶବଣ ସମୟରେ ଅଚେତନ ମନରୁ ଚେତନ ସ୍ତରକୁ ଜାଗ୍ରତ ହୋଇ ଉଠିଆସେ ଏକ ଚିତ୍ରରୂପ ଧରି। ଏଥିରୁ କାବ୍ୟ ସୌନ୍ଦର୍ଯ୍ୟ ବୋଧାତ୍ମକ ଆନନ୍ଦ ଶାଶ୍ୱତ ସ୍ୱରରେ ଝଙ୍କୃତ ହୋଇଉଠେ। ପାଠକର ଭାବାନୁଭୂତିର ଦିଗ୍‌ବଳୟ ସଂପ୍ରସାରିତ ହୋଇଯାଏ। ବୌଦ୍ଧିକ ଚିନ୍ତନ ଓ ଭାବାବେଗ ସହିତ ସେ କାବ୍ୟାସ୍ୱାଦନରେ ମଗ୍ନ ରହେ। କେବଳ ପ୍ରାଚ୍ୟ ଜଗତରେ ନୁହେଁ ପାଶ୍ଚତ୍ୟ ଦାର୍ଶନିକ କବି, ଆଲୋଚକମାନଙ୍କର ମଧ୍ୟ କାବ୍ୟାସ୍ୱାଦନ ପାଇଁ ରମ୍ୟ ଦୃଶ୍ୟଦର୍ଶନ ତଥା ମଧୁର ଶବ୍ଦ ଶ୍ରବଣ ପାଇଁ ଅହେତୁକ ଆକର୍ଷଣ ସର୍ବବିଦିତ। ଏଥିପାଇଁ ଲୋଡ଼ା ଶବ୍ଦଶକ୍ତି ଓ ଭାଷା ପ୍ରୟୋଗ। କବି ନିଜର ଭାବାନୁଭୂତିକୁ ଶବ୍ଦର ବ୍ୟଞ୍ଜନା ମଧ୍ୟରେ ଆରୋପିତ କରି ଏକ ଚିତ୍ରକଳ୍ପାତ୍ମକ ଉପଲବ୍ଧି ସହିତ କବିତାରେ ବର୍ଣ୍ଣିତ ବସ୍ତୁ ଓ ଘଟଣାକୁ ସଂଯୁକ୍ତ କରିଥାନ୍ତି। କବିତାରେ ଚିତ୍ରକଳ୍ପ ଦ୍ୱାରା ବସ୍ତୁର ଉଭୟ ଜ୍ଞାନ ଏବଂ ଭାବର ଉଦ୍ରେକ ହୋଇଥାଏ। ଏହି ଚିତ୍ରକଳ୍ପ ପାଠକକୁ ଅଭିଭୂତି କରିବାର ଶକ୍ତି ଧାରଣ କରିଥାଏ। ସମଗ୍ର ବିଶ୍ୱରେ ଇଂରାଜୀ କବି ଓ ସମାଲୋଚକ ଥୋମାସ୍ ଆର୍‌ନେଷ୍ଟ ହ୍ୟୁମ୍ (Thomas Ernest Humle, 1883-1917)ଙ୍କ ନେତୃତ୍ୱରେ ଚିତ୍ରକଳ୍ପବାଦୀ ଆନ୍ଦୋଳନ ସଂଘଟିତ ହୋଇଛି। ୧୯୦୯ ମସିହାରେ ଇଂଲଣ୍ଡ ରେଫ୍ଲିଷ୍ଟ (F.S.Flint) ଷ୍ଟୋରର୍ (E.Storer) ଫାର୍ (F.Fara), ଟ୍ରକ୍ରିଡ଼ (F.Tracred) ଏବଂ ଏଜ୍‌ରା ପାଉଣ୍ଡ (Ezra Pound) ଆଦି କବି ହ୍ୟୁମଙ୍କ ସହିତ ମିଳିତ ହୋଇ ପ୍ରଚଳିତ କାବ୍ୟରୀତି ବିରୋଧରେ ଲେଖନୀ ଚାଳନା କରିବା ସଙ୍ଗେ ସଙ୍ଗେ କାବ୍ୟକବିତାରେ ଚିତ୍ରକଳ୍ପ ପରିବେଷଣ ଉପରେ ଗୁରୁତ୍ୱରୋପ କରିଛନ୍ତି। ଆମେରିକ ଓ ଇଂରାଜୀ ସାହିତ୍ୟ ହୋଇଛି ଆଧୁନିକ ଚିତ୍ରକଳ୍ପର ଉତ୍ସ ଓ ଉନ୍ମେଷ ଭୂମି। ଟି.ଇ. ହ୍ୟୁମ୍ ଥିଲେ ଏହି ଚିତ୍ରକଳ୍ପବାଦୀ ଆନ୍ଦୋଳନର ଆଦି ପ୍ରବର୍ତ୍ତକ ବା ରିଙ୍ଗ୍ ଲିଡ଼ର। ଇଂରାଜୀ କବି ତଥା ଚିତ୍ରକଳ୍ପବାଦୀ ଆନ୍ଦୋଳନର ଅନ୍ୟତମ ପୁରୋଧା ଫ୍ଲିଣ୍ଟ (Frank Stuart Flint) ତାଙ୍କ 'Furlher Specularions' ଗ୍ରନ୍ଥରେ ଲେଖିଛନ୍ତି " In all this Hume was the ringleader." ଚିତ୍ରକଳ୍ପବାଦୀ କବିମାନଙ୍କ ମତରେ ଇନ୍ଦ୍ରିୟାନୁଭୁତି ହେଉଚି କବିତାର ମର୍ମକଥା ଏବଂ ତାହାର ପରିପାଟୀ ପ୍ରକାଶ ଲାଗି ମୂଳ ଉପାଦାନ ହେଉଚି ଚିତ୍ରକଳ୍ପ। ଆଧୁନିକ କବିତା ପ୍ରାଚୀନ କବିତାର ଛନ୍ଦ, ଲୟ ଓ ଗାନଯୋଗ୍ୟ ଗୁଣଧର୍ମ ତ୍ୟାଗକରି ପଠନଯୋଗ୍ୟ ହୋଇଛି। କବି ଏଜରା ପାଉଣ୍ଡ କବିତାକ୍ଷେତ୍ରରେ ଚିତ୍ରକଳ୍ପ ସୃଜନକୁ ଦୃଢ କରିଛନ୍ତି। ଏହି ଆନ୍ଦୋଳନରେ ୧୯୧୧ ମସିହାରେ ହ୍ୟୁମ୍, ଫ୍ଲିଣ୍ଟ, ଫାର୍ ଓ ପାଉଣ୍ଡଙ୍କ ସହିତ ଏଚ.ଡି (Hilda Doolittle) ଏବଂ ଆଲଡିଙ୍ଗଟନ (Richard Aldigton) ଯୋଗ ଦେଇଛନ୍ତି। ପରବର୍ତ୍ତୀ କାଳରେ ଆମି ଲୋଏଲ୍ (Amy Lowell) ଏହି ଦଳ ସହ ସଂଯୁକ୍ତ ହୋଇଛନ୍ତି। ଏଜରା ପାଉଣ୍ଡ ଏହି ଦଳଟିକୁ 'ଚିତ୍ରକଳ୍ପବାଦୀ' ଦଳ ରୂପେ ସାହିତ୍ୟ ଜଗତରେ ପରିଚିତ କରାଇଛନ୍ତି। ତାଙ୍କଦ୍ୱାରା ସଂପାଦିତ "Des Imagist Anthology" ଗ୍ରନ୍ଥ ଚିତ୍ରକଳ୍ପବାଦୀ ଆନ୍ଦୋଳନର ପ୍ରଥମ କାବ୍ୟକୃତ ଭାବେ ପ୍ରକାଶିତ ହୋଇଛି। ଏହି କବିଗଣ ଚିତ୍ରକଳ୍ପର କାବ୍ୟାଦର୍ଶ, ରୀତିରୂପ, ନିୟମ ନିର୍ଦ୍ଦେଶ ଆଧାରରେ ତିନୋଟି କବିତା ସଂକଳନ ଯଥାକମେ ୧୯୧୫, ୧୮୬୬ ଏବଂ ୧୯୧୭ ମସିହାରେ ପ୍ରକାଶ କରିଛନ୍ତି। ଏହି ସଂକଳନରେ ସ୍ଥାନିତ କବିତା ମାନଙ୍କରେ ଚଳନ୍ତି କଥ୍ୟ ଭାଷାର ଶବ୍ଦଚିତ୍ର ପ୍ରୟୋଗ, ଚିତ୍ରକଳ୍ପର ସ୍ପଷ୍ଟତା, ଇଙ୍ଗିତଧର୍ମୀ ଅଭିବ୍ୟକ୍ତି,

ମୁକ୍ତଛନ୍ଦର ବ୍ୟବହାର ଇତ୍ୟାଦି ରୂପଲାଭ କରିଛି । ସମଗ୍ର ବିଶ୍ୱସାହିତ୍ୟ ଏହି ଚିତ୍ରକଳ୍ପବାଦୀ କାବ୍ୟାନ୍ଦୋଳନ ଦ୍ୱାରା ପ୍ରଭାବିତ ଓ ଅନୁପ୍ରାଣିତ ହେବା ସଙ୍ଗେ ସଙ୍ଗେ କାବ୍ୟ କବିତା ନୂତନ ପରିପାଟୀରେ ବିଭୂଷିତ ହୋଇଛି । କବି କଲମରେ କାବ୍ୟକବିତାରେ କେବଳ ପ୍ରାକୃତିକ ବିଶ୍ୱସ୍ତ ସୁନ୍ଦର ଚିତ୍ରଟିରେ ବର୍ଣ୍ଣନା ଯଥେଷ୍ଟ ହୋଇରହିନାହିଁ, ତହିଁରେ କବିମନର ଭାବାବେଗ ଓ କଳ୍ପନାର ନିବିଡ଼, ତୀକ୍ଷଣ ସଂପୃକ୍ତି ପରିଲକ୍ଷିତ ହୋଇଛି । କଳ୍ପନା ବଳରେ ଚିତ୍ରସହ ଭାବସଂବେଗର ଘନିଷ୍ଠତା କାବ୍ୟକବିତାକୁ ସଫଳତାର ସ୍ୱାଦ ପ୍ରଦାନ କରିଛି । ଚିତ୍ରକଳ୍ପ ସୃଷ୍ଟି ଦ୍ୱାରା ଆଧୁନିକ କବିତା ବହିର୍ମୁଖୀ ନହୋଇ ଅନ୍ତର୍ମୁଖୀ ହୋଇଛି । କବିତାର ପ୍ରାଣ କେନ୍ଦ୍ର ହୋଇଛି 'ଚିତ୍ରକଳ୍ପ' । ପାଶ୍ଚାତ୍ୟ ଜଗତର କବି, ଦାର୍ଶନିକ, ବିଦ୍ୱାନମାନଙ୍କ ଦ୍ୱାରା ଆଧୁନିକ 'ଚିତ୍ରକଳ୍ପ' ସମୟସ୍ରୋତରେ ପ୍ରତ୍ୟେକ ଦେଶ ଓ ରାଜ୍ୟ ଭାଷା ସାହିତ୍ୟ ସମ୍ମୁଖରେ ନୂତନ ଦିଗନ୍ତ ଉନ୍ମୁକ୍ତ କରିଛି । ଚିତ୍ରକଳ୍ପର ସୃଷ୍ଟି ନୈପୁଣ୍ୟ ପ୍ରତିଟି ଭାଷାର କାବ୍ୟକବିତାକୁ ନୂତନ ଆଙ୍ଗିକ ଓ ଆତ୍ମିକ ଭାବ ସଂପଦରେ ମଣ୍ଡିତ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

## ୩.୫ ଚିତ୍ରକଳ୍ପର ସଂଜ୍ଞା, ସ୍ୱରୂପ ଓ ବୈଶିଷ୍ଟ୍ୟ

ଚିତ୍ରକଳ୍ପର ପରିସୀମା ବ୍ୟାପକ । ତେଣୁ ଏହାର କୌଣସି ସ୍ପଷ୍ଟ ରୂପ ଦେଇ ସଂଜ୍ଞା ନିର୍ଣ୍ଣୟ କରିବା କଷ୍ଟକର ବ୍ୟାପାର । ତେବେ ପାଶ୍ଚାତ୍ୟ ସମାଲୋଚକମାନଙ୍କ ମତଗୁଡ଼ିକୁ ଚିତ୍ରକଳ୍ପର ସଂଜ୍ଞା ଓ ସ୍ୱରୂପ ନିର୍ଣ୍ଣୟ ନିମନ୍ତେ ଆଲୋଚନା ପରିସରଭୁକ୍ତ କରାଯାଇପାରେ ।

(କ) ପାଶ୍ଚାତ୍ୟ କବି ଏଜରା ପାଉଣ୍ଡଙ୍କ ମତରେ " If is better to present one image in a life time than to produce voluminous work". ଅର୍ଥାତ୍ କବିତାରେ ବିଶାଳକାୟ କାର୍ଯ୍ୟ କରିବା ଠାରୁ ଆଜୀବନ ଗୋଟିଏ ଚିତ୍ରକଳ୍ପ ସୃଷ୍ଟିକରିବା ସର୍ବୋତ୍ତମ ।

(ଖ) ଷ୍ଟିଫେନ୍ ଜେ. ବ୍ରାଉନ୍ କହନ୍ତି (Stephen J.Brown) କହନ୍ତି କବିତାର ପ୍ରାଣ ହେଉଚି ଚିତ୍ରକଳ୍ପ । "This must surely be obvious as regards poetry, imagery is its Very Life." (The world of Imagenary)

(ଗ) ଟି.ଇ.ହ୍ୟୁମ (T.E.Hulme) ମତଦିଅନ୍ତି "Images in verse are not mere decoration, but the very essence of intnitive Language" ('Speculation'-p-138) ଅର୍ଥାତ୍ ଚିତ୍ରକଳ୍ପ କେବଳ ସାଧାରଣ ଶବ୍ଦଚିତ୍ର ନୁହେଁ; ବରଂ ତା'ଠାରୁ ଅଧିକ ବ୍ୟଞ୍ଜନାପୂର୍ଣ୍ଣ ।

(ଘ) ଇଂରାଜୀ କବି ଡ୍ରାଇଡ଼େନ୍ ଚିତ୍ରକଳ୍ପକୁ କବିତାର ଆତ୍ମା ବୋଲି ବିଚାର କରନ୍ତି; Imagery is in itself the very height and life of poetry."

(ଙ) ସି.ଡେ.ଲୁଇସ୍ (C.Day Lewis) ତାଙ୍କ 'Poetic Image' ଗ୍ରନ୍ଥରେ, ମତଦିଅନ୍ତି "A word picture charged with emotion and passion". ଲୁଇସ୍ ପୁନଶ୍ଚ କହନ୍ତି "It is picture made of words. An epithet, a metaphor, a simile may creat an image, or an image may be presented to us in a phrase or passage on the face of it purely

deseriptive, but conveying to our imagination something more than accurate reflection of an external reality.” ଅର୍ଥାତ୍ ଚିତ୍ରକଳ୍ପ ଏକପକ୍ଷରେ ଶବ୍ଦଚିତ୍ର ବା ମଟାଫଂର୍ ହୋଇପାରେ ଏବଂ ଅନ୍ୟପକ୍ଷରେ ବର୍ଣ୍ଣନାତ୍ମକ ମଧ୍ୟ ହୋଇପରେ। ତେବେ ସବୁଠାରେ ତାହାର ଇନ୍ଦ୍ରିୟବୋଧ ର ସ୍ୱାଦ ପ୍ରକାଶିତ ହୋଇଥାଏ। ହୃଦୟର ଆବେଗ ସହିତ ଇନ୍ଦ୍ରିୟବୋଧର ସଂପର୍କ ହିଁ ଚିତ୍ରକଳ୍ପର ଶେଷକଥା। ସଜୀବତା, ତୀକ୍ଷଣ୍ତା, ସତେଜତା ଓ ତୀବ୍ରତା ଉପରେ ଚିତ୍ରକଳ୍ପର ସାଫଲ୍ୟ ନିର୍ଭର କରେ।

(ଚ) ଏଜରା ପାଉଣ୍ଡ ପୁନଶ୍ଚ ମତଦିଅନ୍ତି “An image is that which presents an intellectual and emotional complex in an instant of time.” ଗୋଟିଏ ମୁହୂର୍ତ୍ତରେ ବୁଦ୍ଧି ଓ ଆଗେଗତ ଜଟିଳତା ଚିତ୍ରକଳ୍ପରେ ଉପସ୍ଥାପିତ ହୋଇଥାଏ।

(ଛ) ହିଉ କେନର (Hugh Kenner) ଚିତ୍ରକଳ୍ପର ସଂଜ୍ଞା ଦେଇ କହନ୍ତି ‘what the words actually name.” ଏବଂ “That the word mean what they say.” ଅର୍ଥାତ୍ ଯାହା ଶବ୍ଦ ନାମିତ କରେ ତାହାହିଁ ଚିତ୍ରକଳ୍ପ। କବିତାରେ ଭାବଜଗତକୁ ଅଭିବ୍ୟକ୍ତି କରିବା ପାଇଁ ବସ୍ତୁଜଗତର ଶବ୍ଦ ବ୍ୟବହୃତ ହୋଇଥାଏ ଏବଂ ସେହି ଶବ୍ଦରୁ ଅର୍ଥ ବୁଝିବାକୁ ହୁଏ। ଶବ୍ଦର ପ୍ରତ୍ୟେକ୍ଷ ବା ଅକ୍ଷରିକ ଅର୍ଥ ନ ବୁଝି ତାହାର ଲକ୍ଷ୍ୟାର୍ଥକୁ ବୁଝିବା ଆବଶ୍ୟକ। ପ୍ରାୟତଃ ଶବ୍ଦ ସର୍ବଦା ବସ୍ତୁର କଥା କହେ ଓ ସଠିକ୍ ଅର୍ଥ ପ୍ରକାଶ କରିବାର ଶକ୍ତି ବହନ କରିଥାଏ। ସୁତରାଂ ବସ୍ତୁ ମାଧ୍ୟମରେ ଚିତ୍ରକଳ୍ପରେ ଶବ୍ଦର ଅର୍ଥ ସ୍ପଷ୍ଟ ଓ ପ୍ରାଞ୍ଜଳ ହୋଇଥାଏ। ହିଉ କେନର (Huge kenner)ଙ୍କ ମତାନୁଯାୟୀ ବସ୍ତୁର ନାମୋଲ୍ଲେଖ ପାଇଁ ଯେଉଁ ଶବ୍ଦଗୁଡ଼ିକୁ କବି ନିପୁଣତାର ସହ ସଂଯୋଜନା କରିଥାନ୍ତି। ଏବଂ ସେଥିରୁ ଅର୍ଥ ସ୍ପଷ୍ଟ ପ୍ରକାଶିତ ହୋଇପାରିଲେ ତାହା ଚିତ୍ରକଳ୍ପ ହୋଇଥାଏ।

(ଜ) କଲେରିଜ୍ ଇମେଜର ଚିତ୍ରାତ୍ମକ ସଂଜ୍ଞା ପ୍ରଦାନ କରି କହନ୍ତି “Image, however beautiful, though faithfully copied from nature, and as accurately represented in words, do not themselves characteries the poet.” କବି କଲମରେ ପ୍ରାକୃତିକ ବିଶ୍ୱର ସୁନ୍ଦର ଚିତ୍ରଟିଏ କେବଳ କାବ୍ୟକବିତା ରଚନା ପାଇଁ ଯଥେଷ୍ଟ ନୁହେଁ। ସେଥିରେ କବିମନର କଳ୍ପନା ଓ ଭାବାବେଗର ସଂଯୋଜନା ପ୍ରୟୋଜନ।

ବସ୍ତୁତଃ ପାଶ୍ଚାତ୍ୟ କବି, ଆଲୋଚକମାନଙ୍କ ପ୍ରଦତ୍ତ ମତ ବିଶ୍ଳେଷଣରୁ ବୁଝାଯାଏ ଯେ କାବ୍ୟକବିତାରେ ମୁକ୍ତଛନ୍ଦ ଦ୍ୱାରା ଇନ୍ଦ୍ରିୟାନୁଭୂତି ସଂପନ୍ନ ବ୍ୟାବହାରିକ ଭାଷାରୁ ଶବ୍ଦ ଗ୍ରହଣ କରି ସାର୍ଥକ ଚିତ୍ରକଳ୍ପ ସୃଷ୍ଟି କରିବା କବି କର୍ମର ଏକ ବିଶିଷ୍ଟ କୌଶଳ ଏବଂ ଚିତ୍ର କଳ୍ପ ଆଧୁନିକ କବିତାର ଏକ ଶିଳ୍ପଗତ ବିଭବ। ପାଠକ ପ୍ରାଣରେ ସମ୍ମୋହନ ସୃଷ୍ଟିକାରୀ ଶବ୍ଦଶକ୍ତି। ଏହା ମଧ୍ୟରେ କବିତାର ଅନ୍ତରାତ୍ମା ଭାବପୂର୍ଣ୍ଣ ହୋଇଥାଏ। ଶବ୍ଦ ଭାବକୁ ଓ ଭାବଶବ୍ଦକୁ ବ୍ୟଞ୍ଜିତ କରିଥାଏ। ଦୂରବସ୍ତୁକୁ ନିକଟତର କରିବା ଚିତ୍ରକଳ୍ପର ନିଜସ୍ୱ ଗୁଣ। ଏହି ଗୁଣ ହିଁ ଶବ୍ଦରେ ଭାବ ଭରିରଖେ। କବିର ଅନ୍ତଃଚେତନାର ପ୍ରତିରୂପକୁ ଶବ୍ଦରେ ଶବ୍ଦରେ ଚିତ୍ର ଅଙ୍କନ କରି ସେଥିରେ ଏକ ତୁଳନାତ୍ମକ ଅର୍ଥପ୍ରଦାନ କରିବାରେ ସମର୍ଥ ହୁଏ ଚିତ୍ରକଳ୍ପ। ଚିତ୍ରକଳ୍ପ ବସ୍ତୁକେନ୍ଦ୍ରିକ ମାନସିକ ଭାବଚେତନା ପ୍ରକାଶର ଏକକ ମୂର୍ତ୍ତ ମାଧ୍ୟମ। ସୁତରାଂ କବି କର୍ମ ଶବ୍ଦଚାତୁର୍ଯ୍ୟ ହିଁ ଚିତ୍ରକଳ୍ପ।

## ଚିତ୍ରକଳ୍ପର ସ୍ୱରୂପ ଓ ବୈଶିଷ୍ଟ୍ୟ :

ଚିତ୍ରକଳ୍ପର ସ୍ୱରୂପ ବିଶ୍ଳେଷଣରେ କବିତାର ଗାଠନିକ ରୂପରେଖ (Structure) ଅର୍ଥାତ ଆଙ୍ଗିକ ଓ ଅତ୍ମିକ ଅନୁଶୀଳନ ବାଞ୍ଛନୀୟ। କବିତାର ପ୍ରତ୍ୟେକଟି ଶବ୍ଦ ହୁଏ ଚିତ୍ର କଳ୍ପାତ୍ମକ। କବିର ଆବେଗାନୁଭୂତି ବୌଦ୍ଧିକ ସଂବେଗର ଚିତ୍ରରୂପ ଧାରଣ କରି ପାଠକକୁ ବିମୋହିତ କରିବା ସଙ୍ଗେ ସଙ୍ଗେ କାବ୍ୟରସ ଆସ୍ୱାଦନ କରାଇଥାଏ। ଚିତ୍ରକଳ୍ପ ସ୍ୱରୂପ ବିଶ୍ଳେଷଣରେ ତାହାର ମହତ୍ୱ ଓ ବୈଶିଷ୍ଟ୍ୟ ନିମ୍ନମତେ ଉଲ୍ଲେଖ କରାଯାଇପାରେ।

୧. କବିକର୍ମର ଶବ୍ଦଚାତୁର୍ଯ୍ୟ ହିଁ ଚିତ୍ରକଳ୍ପ। ଯେ କୌଣସି ଗୋଟିଏ ଚିତ୍ରକଳ୍ପ ମାଧ୍ୟମରେ ବସ୍ତୁର ସ୍ୱଚ୍ଛ ଓ ଭାବ ଉଦ୍ଦୀପକ ଶକ୍ତିଶାଳୀ ଚିତ୍ରଟିଏ ଚିତ୍ରକଳ୍ପ ହିଁ ପାଠକ ମନରେ ସୃଷ୍ଟି କରିଥାଏ।

୨. ଚିତ୍ରକଳ୍ପର ଗୁଣାଧର୍ମ ହେଉଛି ଦୂରବସ୍ତୁକୁ ନିକଟତର କରିବା।

୩. ମାନବୀୟ ଆବେଗ ଚିତ୍ରକଳ୍ପ ମାଧ୍ୟମରେ ତୀବ୍ର ଓ ତୀକ୍ଷଣ ରୂପେ ସଂଚାରିତ ହୋଇଥାଏ। ଅନୁଭୂତି ଓ ଚିନ୍ତନର ସମନ୍ୱୟ ଚିତ୍ରକଳ୍ପରେ ସ୍ପଷ୍ଟ।

୪. ବ୍ୟଞ୍ଜନା ଚିତ୍ରକଳ୍ପର ପ୍ରାଣଧର୍ମ। ବ୍ୟଞ୍ଜନାଧର୍ମୀ ଶବ୍ଦର ସମାହାର ହେଉଚି ଚିତ୍ରକଳ୍ପ। ଏଥିରେ ଉଦ୍ଦୀପକ ଶକ୍ତି ପର୍ଯ୍ୟାପ୍ତ। ସେ.ଡେ.ଲୁଇସଙ୍କ ମତରେ “A word picture charged with emotion and passion.”

୫. ଚିତ୍ରକଳ୍ପବାଦୀ ସ୍ରଷ୍ଟାଗଣ କବିତାରେ ଶବ୍ଦକୁ ଏକ ଏକ ନୂତନ ଓ ସାର୍ଥକ ଅର୍ଥ ପ୍ରଦାନ କରିଥାନ୍ତି।

୬. ଚିତ୍ରକଳ୍ପ କବି ଓ ପାଠକ ଉଭୟଙ୍କ ଅବଚେତନ ତଥା ଅଚେତନ ମନ ଓ ସୂକ୍ଷ୍ମବୋଧର ସଫଳ ଚିତ୍ର ଅଙ୍କନ କରିଥାଏ। ତେଣୁ ଜୀବନର ଅନ୍ତର୍ନିହିତ ସତ୍ୟ ଉଦ୍‌ଘାଟନ କରିବାରେ ସମର୍ଥ।

୭. ଏହାଦ୍ୱାରା କବିତାରେ ଦୃଶ୍ୟମାନ ବାସ୍ତବତା ସହିତ ସଂଯୋଜିତ ବାସ୍ତବତାର ସମନ୍ୱୟ ସାଧିତ ହୋଇଥାଏ ଏବଂ ରୋମାଣ୍ଟିକ ଭାବପ୍ରବଣତା ପରିବର୍ତ୍ତେ ବାସ୍ତବାନୁଭୂତିର ଚିତ୍ର ପ୍ରଦତ୍ତ ହୋଇଥାଏ।

୮. କବିତାରେ ତୁଳନାତ୍ମକ ଚିତ୍ରପ୍ରଦାନ ପୂର୍ବକ ଚିତ୍ରକଳ୍ପ ବୈଷମ୍ୟ ମଧ୍ୟରେ ସାମ୍ୟ ପ୍ରତିଷ୍ଠାର ଗୁଣବତ୍ତା ବହନ କରିଥାଏ।

୯. ଚିତ୍ରକଳ୍ପ ରୂପ-ରସ-ଗନ୍ଧ-ସ୍ୱାଦ-ସ୍ପର୍ଶ ସନ୍ନିହିତ ଶବ୍ଦ ଚିତ୍ର ମାଧ୍ୟମରେ ପାଠକର ସର୍ବେନ୍ଦ୍ରିୟକୁ ଆନ୍ଦୋଳିତ କରିବାରେ ସମର୍ଥ ହୋଇଥାଏ। ଚିତ୍ରକଳ୍ପ ମଣିଷର ଅନ୍ତନିର୍ହିତ ଭାବାନୁଭୂତିକୁ ଇନ୍ଦ୍ରିୟ ପ୍ରତ୍ୟକ୍ଷ କରାଇଥାଏ।

୧୦. ଇନ୍ଦ୍ରିୟବୋଧ ସହ ହୃଦୟାବେଗର ନିବିଡ଼ ସଂପୃକ୍ତି ହିଁ ଚିତ୍ରକଳ୍ପର ବୈଚିତ୍ର୍ୟ ଓ ବୈଶିଷ୍ଟ୍ୟ।

୧୧. ଏହା ଇନ୍ଦ୍ରିୟ ସଂବେଦନା ସୃଷ୍ଟିକାରୀ ଓ  ଗଭୀର ଅର୍ଥ ସଂକେତ ବହନକାରୀ ହୋଇ କବି ମନର ଜଟିଳ ଅନୁଭବର ସରଳ ପ୍ରକାଶନ ସାଜିଥାଏ। ତେଣୁ ଚିତ୍ରକଳ୍ପର ଇନ୍ଦ୍ରିୟ ସମ୍ବେଦ୍ୟ ଗୁଣ ପାଠକ ଚିତ୍ତକୁ ଆକର୍ଷିତ ତଥା ଆମୋଦିତ କରିଥାଏ।

୧୨. ଚିତ୍ରକଳ୍ପ କବିର ବୌଦ୍ଧିକ ଓ ଆବେଗପୂର୍ଣ୍ଣ ପ୍ରକାଶ କରିବାରେ ସମର୍ଥ । ଏହା ବୁଦ୍ଧିର ଜଟିଳତା ସହିତ ଭାବାବେଗର ସାର୍ଥକ ରୂପଦାନ କରିପାରେ। ଏଜରା ପାଉଣ୍ଡଙ୍କ ଭାଷାରେ "An image is that which presents an intellectual and emotional complex in an instsnt of time." ଏଠାରେ complex ଶବ୍ଦର ଅର୍ଥ ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ବୁଝିବାକୁ ହେବ।

୧୩. କବିତାରେ ମୁକ୍ତଛନ୍ଦ ଓ ବ୍ୟଞ୍ଜନାତ୍ମକ ଶବ୍ଦ ପ୍ରୟୋଗର ଚିତ୍ରକଳ୍ପ କବିତାର ଅନ୍ତଃବକ୍ତବ୍ୟକୁ ସ୍ପଷ୍ଟ ତଥା ପ୍ରାଞ୍ଜଳ କରିଥାଏ।

୧୪. କବିତାରେ ଦୁର୍ବୋଧତାର ଅନ୍ୟତମ କାରଣ ହୋଇ ଚିତ୍ରକଳ୍ପ ଆଲୋଚନା ପରିସରକୁ ଆସିଥିଲେ ହେଁ ଏହା କବିକର୍ମର ବିଶିଷ୍ଟ ସାଧନ ରୂପେ ଗୃହୀତ।

୧୫. ଚିତ୍ରକଳ୍ପ ଯେପରି ଦୃଶ୍ୟଧର୍ମୀ, ସେପରି ଚେତନାଧର୍ମୀ।

୧୬. ଚିତ୍ରକଳ୍ପ ବସ୍ତୁକଳ୍ପ ବର୍ଣ୍ଣନା କରେ ନାହିଁ, ବ୍ୟଞ୍ଜନା ମାଧ୍ୟମରେ ଉପଲବ୍ଧି କରାଏ।

୧୭. କବିର ସୌନ୍ଦର୍ଯ୍ୟବୃତ୍ତି ପ୍ରକାଶର ଏହା ଏକ ମାଧ୍ୟମ। ଚିତ୍ରକଳ୍ପ କବିତାରେ କଳାତ୍ମକ ସୌନ୍ଦର୍ଯ୍ୟ ସଂପାଦନ କରିପାରେ।

ସର୍ବୋପରି ଚିତ୍ରକଳ୍ପ ହିଁ କବିତାର କଳାଶକ୍ତି। ଭାବ, ଅର୍ଥ ଓ ସୌନ୍ଦର୍ଯ୍ୟବୋଧର ବ୍ୟଞ୍ଜନାଧର୍ମୀ ସାରଲ୍ୟ ଏହାର ବୈଶିଷ୍ଟ୍ୟ।

## ୩.୬ ଚିତ୍ରକଳ୍ପର ପ୍ରକାରଭେଦ

ସମୟସ୍ରୋତରେ କ୍ରମେ ବିଶ୍ୱବ୍ୟାପୀ ଜ୍ଞାନବିଜ୍ଞାନର ଦିଗନ୍ତ ଉନ୍ମୋଚିତ ହୋଇଛି। ଦର୍ଶନ, ବିଜ୍ଞାନ, ମନସ୍ତତ୍ତ୍ୱ ମଣିଷର ଚିନ୍ତାଚେତନାରେ ନୂଆ ନୂଆ ସିଦ୍ଧାନ୍ତ ନେଇ ଆଲୋଡ଼ନ ସୃଷ୍ଟି କରିଛି। ପ୍ରଥମ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରୁ ହିଁ ପାଶ୍ଚାତ୍ୟ ସାହିତ୍ୟରେ ନୂତନ ଭାବ ଓ ଶୈଳୀପ୍ରକରଣ ପରିଲକ୍ଷିତ ହୋଇଛି। ସାହିତ୍ୟ ଜଗତରେ ଦର୍ଶନ, ମନସ୍ତତ୍ୱ ଓ ନାନା ଭାବଚେତନା ତଥା 'ବାଦ'ର ପରୀକ୍ଷା ନୀରିକ୍ଷା ଆରମ୍ଭ ହୋଇଛି। ନଗର ଭିତ୍ତିକ ଜୀବନ ଚଳଣିରେ ଈଶ୍ୱରଙ୍କ ପ୍ରତି ବିଶ୍ୱାସବୋଧ ଲୁପ୍ତ ହୋଇଛି। ମଣିଷର ଏକାକୀତ୍ୱବୋଧ ଅନ୍ୱେଷଣ, ସ୍ଥିତିପାଇଁ ସଂଘର୍ଷ, ମୃତ୍ୟୁଚେତନା ଇତ୍ୟାଦିର ପ୍ରକାଶ ଲାଗି ସାହିତ୍ୟରେ ବର୍ଣ୍ଣନାତ୍ମକ ଧାରା ପରିବର୍ତ୍ତେ ତୀର୍ଯ୍ୟକ ଶୈଳୀ ଓ ସୂଚନାତ୍ମକ ବାକ୍‌ଭଙ୍ଗୀର ପ୍ରୟୋଗ ଘଟିଛି। ପ୍ରତୀକ, ଚିତ୍ରକଳ୍ପ ଆଦି ଆଧୁନିକ ମଣିଷ ମନସ୍ତତ୍ତ୍ୱ ଉଦ୍‌ଘାଟନରେ ଏକଏକ ଅଭିନବ କାବ୍ୟପ୍ରକରଣ ରୂପେ ପରିବେଷିତ ହୋଇଛି। ଚିତ୍ରକଳ୍ପଗୁଡ଼ିକ ସାଂକେତିକ ଚିତ୍ର ହୋଇଥିବାରୁ ଏବଂ ତାହା ମଣିଷର ଇନ୍ଦ୍ରିୟମାନଙ୍କୁ ଆକର୍ଷିତ କରି ବସ୍ତୁ, ଚରିତ୍ର, ଧାରଣା କିମ୍ବା କାର୍ଯ୍ୟର ବର୍ଣ୍ଣନା କରୁଥିବାରୁ ଆଲୋଚକ ଗଣ ତାହାର ନାନ ପ୍ରକାର ବିଭାଗୀକରଣ ଦର୍ଶାଇଛନ୍ତି। ୧୯୪୯ ମସିହାରେ ପ୍ରକାଶିତ "The Imagery of keats and shelley" ଗ୍ରନ୍ଥରେ ଆଲୋଚକ ରିଚାର୍ଡ ହାରଟର ଫୋଗଲ (Richard Harter Fogle) କବି କୀଟ୍‌ସ ଏବଂ ଶେଲିଙ୍କ କବିତାରେ ଚିତ୍ରକଳ୍ପ ସୃଷ୍ଟିର ସମୀକ୍ଷା କରି ଚିତ୍ରକଳ୍ପ ଗୁଡ଼ିକୁ ମୁଖ୍ୟତଃ ପାଞ୍ଚ ଭାଗରେ ବିଭକ୍ତ କରିଛନ୍ତି। ସେଗୁଡ଼ିକ ହେଲା –

(୧) ଇନ୍ଦ୍ରିୟଗ୍ରାହୀ ଚିତ୍ରକଳ୍ପ (Imagery of Sensation) । ଏକପ୍ରକାର ଚିତ୍ରକଳ୍ପ ହେଉଚି ସାଙ୍କେତିକ ଚିତ୍ର । ଏହା ମଣିଷର ଇନ୍ଦ୍ରିୟଗୁଡ଼ିକୁ ଆକର୍ଷିତ କରି ଏକ ବସ୍ତୁ, ଧାରଣା, ଚରିତ୍ର, କିମ୍ବା କାର୍ଯ୍ୟକୁ ବର୍ଣ୍ଣନା କରିଥାଏ । ଇନ୍ଦ୍ରିୟଗ୍ରାହ୍ୟ ଚିତ୍ରକଳ୍ପ ତାହା, ଯାହା ଇନ୍ଦ୍ରିୟମାନେ ଅନୁଭବ କରିପାରନ୍ତି କିମ୍ବା ଯାହା ଇନ୍ଦ୍ରିୟମାନଙ୍କୁ ଆକର୍ଷିତ କରିପାରେ । ପୁନଶ୍ଚ ଏହି ଇନ୍ଦ୍ରିୟଗ୍ରାହ୍ୟ ଚିତ୍ରକଳ୍ପ (Imagery of Sensation) କୁ ପାଞ୍ଚଭାଗରେ ବିଭକ୍ତ କରାଯାଇଛି ଯଥା –

(କ) ଦୃଶ୍ୟଧର୍ମୀ ଚିତ୍ରକଳ୍ପ (Visual Imagery) : ସାଧାରଣତଃ କବିତା ପାଠ କରାଯାଏ ଓ ଶୁଣାଯାଏ । ମାତ୍ର ଚିତ୍ରକଳ୍ପ ପ୍ରୟୋଗରେ କବିତା କେବଳ ପାଠ୍ୟ ବା ଶ୍ରାବ୍ୟ ନୁହେଁ, ଦୃଶ୍ୟ ମଧ୍ୟ । ଅକ୍ଷର ସଜ୍ଜିକରଣ ଦ୍ୱାରା ତାହାର କଂକ୍ରିଟରୂପ ଦୃଶ୍ୟ ହୋଇଥାଏ । ଅକ୍ଷରସଜ୍ଜା ବା ଲେଖା (Writing) କବିତାକୁ ଦୃଶ୍ୟମାନ ହୋଇଥାଏ । ଆକାଶରୁ ବର୍ଷା ଧାରଧାର ହୋଇ ଝରିପଡିବା ପରି କବିତାର ଅକ୍ଷର ସଜ୍ଜା ହୋଇଥାଏ । ଓଡ଼ିଆକବିତାର ଗୋଟିଏ ଉଦାହରଣ ଦୃଶ୍ୟଧର୍ମୀ ଚିତ୍ରକଳ୍ପର ସ୍ପଷ୍ଟତା ଲକ୍ଷ୍ୟ କରାଯାଇପାରେ ।

"ସମୀରେ ଅଞ୍ଚଳମାଳା ସ୍ଫୀତ କରି
ଦକ୍ଷଣୁ ଆସିଲା ଶତ ଶତ ତରୀ,
ମଧ୍ୟେ ଶୋହେ ତରୀ ଅତି ମନୋହର
ଗଜଦନ୍ତେ ଗଢା ଯାର କଳେବର
ରଙ୍ଗ ଚନ୍ଦ୍ରାତପ ସ୍ୱର୍ଣ୍ଣ ତାରକତ
ସ୍ଫଟିକ ଯଷ୍ଟିରେ ଉର୍ଦ୍ଧ୍ୱେ ବିଲମ୍ବିତ ।"

(ଚିଲିକା – କବି ରାଧାନାଥ ରାୟ)

ଏହି କବିତାଂଶଟିରେ ଶହ ଶହ ତରୀ ଭିତରେ ଗୋଟିଏ ଗଜଦନ୍ତ ନିର୍ମିତ ତରୀପ୍ରତି ପାଠକର ଦୃଷ୍ଟି ଆକର୍ଷଣ ରହିଛି । ସେହି ତରୀ ଉପରେ ସ୍ୱର୍ଣ୍ଣ ତାରକତ ଚନ୍ଦ୍ରାତପ ଓ ସେହି ଚନ୍ଦ୍ରାତପକୁ ସ୍ଫଟିକ ଯଷ୍ଟି ଧାରଣ କରିଛି । ତେଣୁ ନିର୍ଦ୍ଦିଷ୍ଟ ତରୀଟି ପାଠକର ଦୃଷ୍ଟି ସମ୍ମୁଖରେ ଭସି ଯାଉଛି ।

କିମ୍ବା ଅନ୍ୟଏକ ଦୃଷ୍ଟାନ୍ତ ମଧ୍ୟ ଏଠାରେ ଉଲ୍ଲେଖ କରାଯାଇପାରେ ।

"ଏ ସହର କାନ୍ଥ ଯାକ
ଜହ୍ନମାରେ ଜହାର ପୋଷ୍ଟର" (ସେ ସହର, ହେ ଶୋର ସହର –ଭାନୁଜୀ ରାଓ)

କିମ୍ବା ଅନ୍ୟ ଏକ ଦୃଷ୍ଟାନ୍ତରେ –

"ମାଆ ପ୍ରଜାପତି ଉଡ଼ିଗଲା ଏବଂ ଯିବା ପଛେ ବଣର ଦୁଆର କିଳି ଦେଇ ଚାଲଗଲା ।"

(ବାଘ ଶିକାର – କବି ରମାକାନ୍ତ ରଥ)

ମାଆ ପ୍ରଜାପତି ଉଡିଯିବା ସହିତ ବଣର ଦ୍ୱାରା କିଳିଦେଇ (ବନ୍ଦ କରି) ଚାଲିଯିବା ବର୍ଣ୍ଣନାରେ ପାଠକର ଦର୍ଶନେନ୍ଦ୍ରିୟ ଏଠାରେ ସ୍ୱତଃ ମୂର୍ତ୍ତିମନ୍ତ ହୋଇଯାଇଥାଏ।

(ଖ) ଶ୍ରବଣଧର୍ମୀ ବା ଶ୍ରାବ୍ୟ ଚିତ୍ରକଳ୍ପ (Auditory Imagery) : ଶବଢଧର୍ମୀ ବା ଶ୍ରାବ୍ୟ ଚିତ୍ରକଳ୍ପରେ ଶବ୍ଦର ଧ୍ୱନି ହେଉଚି ମୁଖ୍ୟ, ଶବ୍ଦର ଉଚ୍ଚାରଣ ପ୍ରକ୍ରିୟା ଉପରେ ନିର୍ଭରଶୀଳ ଏହି ଶବଣଧର୍ମୀ ଚିତ୍ରକଳ୍ପ। ଯଥା –

"ଧାରାସ୍ରାବୀ, ଭୀମରାବୀ, ତଡ଼ି ବନ୍ତ
ପର୍ଜନ୍ୟ ଗର୍ଜନେ କମ୍ପିଲା ଦିଗନ୍ତେ।"

ଏଠାରେ ପର୍ଜନ୍ୟ ଗର୍ଜନେ କମ୍ପିଲେ ଦିଗନ୍ତେ ଇତ୍ୟାଦି ଶବ୍ଦଧ୍ୱନି ମାଧମରେ ଭୀମରାବୀ ମେଘର ଗୁରୁ ଗମ୍ଭୀର ସ୍ୱର ପାଠକ ଶୁଣିପରେ।

(ଗ) ଗନ୍ଧଧର୍ମୀ ବା ନାସିକ୍ୟ ଚିତ୍ରକଳ୍ପ (Olfactory Imagery) : କବିତାର ଶବ୍ଦରୁ ଗନ୍ଧଧର୍ମୀ ବା ଘ୍ରାଣ୍ୟ ଚିତ୍ରକଳ୍ପର ଗନ୍ଧକୁ ପ୍ରକୃତପକ୍ଷେ ଆଘ୍ରାଣ କରିହୁଏ ନାହିଁ। ଜୀବନ୍ତ ଅନୁଭବର କଳ୍ପନା ନେଇ କବିତାର ଶବ୍ଦଚିତ୍ରରେ ଫୁଲର ବାସ ଅବା ଭିଜା ମାଟି ଗନ୍ଧ କୁ ଆଘ୍ରାଣ କରିପାରିଥାଏ। ଚିତ୍ରକଳ୍ପଧର୍ମୀ ଶବ୍ଦରେ ହିଁ ଫୁଲର ବାସ ପ୍ରସାରିତ ହୋଇଥାଏ। କବି ଚିତ୍ରଶବ୍ଦରେ ପାଠକର ସୁଗନ୍ଧ-ଭାବନାକୁ ଆକର୍ଷିତ କରିଥାନ୍ତି।

(ଘ) ସ୍ୱାଦଧର୍ମୀ ଚିତ୍ରକଳ୍ପ (Gustatory Imagery) : ପ୍ରକୃତପକ୍ଷେ ଏହି ସ୍ୱାଦଧର୍ମୀ ଚିତ୍ରକଳ୍ପରେ ପ୍ରତ୍ୟକ୍ଷ ରୂପେ କୌଣସି ସ୍ୱାଦ ଫୁଟି ଉଠେ ନାହିଁ, ତାହା ସ୍ପର୍ଶେନ୍ଦ୍ରିୟର ଉପଲବ୍ଧି ମଧ୍ୟରେ କଳ୍ପନାର ପାଟବତ୍ତା ଦେଇ ପ୍ରକାଶିତ ହୋଇଥାଏ। ଶବ୍ଦ ଚିତ୍ରର କ୍ରିୟାତ୍ମକ ଗୁଣ ଏହି ଉପଲବ୍ଧି ପାଠକକୁ ଆଣିଦେଇଥାଏ।

(ଙ) ସ୍ପର୍ଶଧର୍ମୀ ଚିତ୍ରକଳ୍ପ (Tactile Imagery) : କବି, ଲେଖକମାନେ ତାଙ୍କ ସ୍ୱରଚିତ ଲେଖାରେ ପାଠକର ଶରୀର ଭିତରେ ଅନୁଭବ କରିପାରିବା ଭଳି କିଛି ବର୍ଣ୍ଣନା ଦେଇ ପାଠକର ସ୍ପର୍ଶେନ୍ଦ୍ରିୟ ବା ସ୍ପର୍ଶଭାବନାକୁ ଆକର୍ଷିତ କରିଥାନ୍ତି। ଶାରୀରିକ ସମ୍ବେଦନଶୀଳତା ଏଥି ସହିତ ସଂଯୁକ୍ତ ରହିଥାଏ। ତେଣୁ କବିତାରେ ବର୍ଣ୍ଣିତ ସ୍ପର୍ଶଧର୍ମୀ ଚିତ୍ରକଳ୍ପ ଗୁଡିକ ପାଠକକୁ ସିଧାସଳଖ ସ୍ପର୍ଶଭାବନାର ବିହ୍ୱଳିତ କରିବାରେ ସମର୍ଥ ହୋଇଛନ୍ତି।

ଆଲୋଚକ ଫୋଗଲ ଇନ୍ଦ୍ରିୟଗ୍ରାହ୍ୟ ଚିତ୍ରକଳ୍ପ ବ୍ୟତୀତ (୨) ମୂର୍ତ୍ତ ଚିତ୍ରକଳ୍ପ (Concrete Imagery) ସଂପର୍କରେ ବିଶ୍ଳେଷଣ କରିଚନ୍ତି। ଏହି ଶ୍ରେଣୀୟ ଚିତ୍ରକଳ୍ପରେ ରଙ୍ଗ, ବସ୍ତୁ, ବର୍ଣ୍ଣନା, ଭାବନା, ଧାରଣା, ଦୃଶ୍ୟ ଇତ୍ୟାଦିକୁ ପ୍ରତିଧ୍ୱନିତ କରୁଥିବା ଶବ୍ଦ ବ୍ୟବହୃତ ହୁଏ। ପାଠକ କବିତା ପଢିବା ସମୟରେ ଏହି ଶବ୍ଦ ସବୁ ସେମାନଙ୍କ ମସ୍ତିଷ୍କରେ ଏକ ଏକ ଶକ୍ତିଶାଳୀ ଚିତ୍ର ଅଙ୍କନ କରିବାରେ ସାହାର୍ଯ୍ୟ କରିଥାନ୍ତି। ମୂର୍ତ୍ତ ବା ବାସ୍ତବ ଚିତ୍ରଗୁଡିକ ସମ୍ବେଦନଶୀଳ ଭାଷାରେ ବର୍ଣ୍ଣିତ ହୋଇଥାଏ ; ଯାହା ପାଠକର ଇନ୍ଦ୍ରିୟମାନଙ୍କୁ ସ୍ୱଭାବିକରୂପ ଆକର୍ଷିତ କରିପାରେ।

(୩) ଅମୂର୍ତ୍ତ ଚିତ୍ରକଳ୍ପ (Abstract Imagery) ଏହି ଅମୂର୍ତ୍ତ ଚିତ୍ରକଳ୍ପ ପ୍ରଥମତଃ ସ୍ଥାପତ୍ୟ ଓ ସାଜସଜା କଳା ସହିତ ଜଡ଼ିତ ଥିଲା । ବିଂଶ ଶତାବ୍ଦୀରେ ଯେତେବେଳେ କ୍ୟୁବିଜିମ୍, ଏକସପ୍ରେସନିଜିମ, ଫିୟୁଚିରିଜିମ୍ ଇତ୍ୟାଦି ଭାବଚେତନାର ସ୍ରୋତ ସାହିତ୍ୟ କ୍ଷେତ୍ରରେ ପ୍ରବାହିତ ହେଉଥିଲା, ସେତେବେଳେ ଜର୍ମାନର ଅଭିବ୍ୟକ୍ତିବାଦୀ W.Kandinasky ଓ P. Kell ଙ୍କ ଦ୍ୱାରା ୧୯୧୦ ରୁ ୧୯୧୩ ମସିହା ମଧ୍ୟରେ ଏହି ଅମୂର୍ତ୍ତ ଚିତ୍ରକଳ୍ପର ପେଣ୍ଟିଂ ସୃଷ୍ଟି ହୋଇଥିଲା । ଅମୂର୍ତ୍ତ ଚିତ୍ରରେ ବହୁ ବିପରୀତ ତଥା ଭିନ୍ନ ଭିନ୍ନ ବିଷୟ ଏକାଠି ପରିବେଷଣ କରାଯାଇଥାଏ । ଚିତ୍ରକର ଓ କବିର ବ୍ୟକ୍ତିଗତ ଧାରଣା ଏହି ଚିତ୍ରକଳ୍ପରେ ପ୍ରକାଶ ଲାଭ କରେ । କବିତାରେ ବର୍ଣ୍ଣିତ ବିଷୟଟିକୁ ପାଠକ କିପରି ଗ୍ରହଣ କରିବ ତାହାହିଁ ଅମୂର୍ତ୍ତ ଚିତ୍ରକଳ୍ପର ମୁଖ୍ୟକଥା ।

(୪) ସମ୍ବେଦନଶୀଳ ବା ସମାନୁଭୂତି ବୋଧକ ଚିତ୍ରକଳ୍ପ (Empathi Imadery) ଏହି ଶ୍ରେଣୀୟ ଚିତ୍ରକଳ୍ପରେ ପଠକ ନିଜକୁ ଅନିଚ୍ଛାକୃତ ରୂପେ ଗୋଟିଏ ବସ୍ତୁ ମଧ୍ୟରେ ବିନ୍ୟାସ ବା ଏକତ୍ର କରି ରଖିଥାଏ । ପାଠକ ଭିତରେ ଥିବା ଶାରୀରିକ ସମ୍ବେଦନଶୀଳତାରୁ ସେ ତାର ଚେତନା ଅନୁଯାୟୀ ବସ୍ତୁ, ଦୃଶ୍ୟ ଓ ଘଟଣା ଭାବସଂପଦକୁ ତାହାର ସୀମା ବାହାରେ ଜାଣିବାରେ ସକ୍ଷମ ହୋଇଥାଏ । ଏହି ଚିତ୍ରକଳ୍ପ ଶବ୍ଦ ଶକ୍ତି ଦ୍ୱାରା ପାଠକ ତା'ର ଅସ୍ତିତ୍ୱର ଆନନ୍ଦ ଓ ଅନ୍ତରର ଦୁଃଖ ସାହାନୁଭୂତିର ସହିତ ଅନୁଭବ କରିଥାଏ । ତେବେ ସମ୍ବେଦନଶୀଳ ଚିତ୍ରକଳ୍ପର ପ୍ରମୁଖ ତତ୍ତ୍ୱଟି ହେଉଚି – ଦୁଇଗୋଷ୍ଠୀ ବା ଦୁଇ ବ୍ୟକ୍ତି ଯଥା ପୁରୁଷ ନାରୀ, ସ୍ୱାମୀ ସ୍ତ୍ରୀ, ବୃଦ୍ଧ ଯୁବକ, ସକ୍ଷମ ଭିନ୍ନକ୍ଷମ, ନାସ୍ତିକ ଆସ୍ତିକ, ପଡୋଶୀ ସହକର୍ମୀ, ଦେଶବାସୀ ପ୍ରବାସୀ ଇତ୍ୟାଦି ପରସ୍ପରର ନିକଟତର ଭାବନାସହ ସଂଯୁକ୍ତ ହେବା ଏବଂ ଅନ୍ୟର ଭାବନାଭୂତିକୁ ପ୍ରକୃତରେ ସମ୍ବେଦନଶୀଳ ହୋଇ ବୁଝିବାକୁ ଚେଷ୍ଟା କରବା । କବି କବିତାରେ ଏପରି ଭାବ ବର୍ଣ୍ଣନାକୁ ଜୀବନ୍ତ କରିପାରିଲେ ସମ୍ବେଦନଶୀଳ ଚିତ୍ରକଳ୍ପର ସୃଷ୍ଟି ଓ ବ୍ୟବହାର ଲାଭ କରିଥାଏ ।

(୫) ସମନ୍ୱୟ ଚିତ୍ରକଳ୍ପ ଶରୀରର ଏକ ଅଙ୍ଗକୁ ଉଦ୍ଦୀପିତ ବା ଉତ୍ତେଜିତ କରି ଅନ୍ୟ ଅଂଗରେ ତାହାର ଅନୁଭୂତି ସୃଷ୍ଟି କରିବା ହେଉଚି ଏହି ସମନ୍ୱୟୀ ଚିତ୍ରକଳ୍ପର ଗୁଣଧର୍ମ । ଅର୍ଥାତ୍ କୌଣସି ନିର୍ଦ୍ଦିଷ୍ଟ ଧ୍ୱନି ଶୁଣିବା ସଙ୍ଗେ ସଙ୍ଗେ ଚକ୍ଷୁ ସମ୍ମୁଖରେ ଧ୍ୱନିସଂଲଗ୍ନ ଦୃଶ୍ୟଟି ତଡିତ୍‌ବେଗରେ ଦୃଶ୍ୟାୟିତ ହୋଇଥାଏ ଏହି ଚିତ୍ରକଳ୍ପ ପ୍ରୟୋଗ ଦ୍ୱାରା । ଏଥିରେ ବକ୍ତବ୍ୟ, ବର୍ଣ୍ଣନା, ବସ୍ତୁ, ଧାରଣା, କାର୍ଯ୍ୟ, ଘଟଣା, ଦୃଶ୍ୟ, ଚରିତ୍ର ପ୍ରଭୃତି ପ୍ରକୃତ ଧାରଣା ସହିତ ଏକ ଦ୍ୱିତୀୟ ଚେତା ବୋଧ ବା ଇନ୍ଦ୍ରିୟ ସର୍ବଦା ପ୍ରଭାବିତ ହୋଇଥାଏ ।

ସର୍ବୋପରି ବୁଦ୍ଧି, ଆବେଗ ଓ ଯୁକ୍ତି ଦେଇ କବି ଏହି ନାନା ପ୍ରକାର ଚିତ୍ରକଳ୍ପ ମାଧ୍ୟମରେ ସତ୍ୟ ସୌନ୍ଦର୍ଯ୍ୟର ସଂଧାନ ଅନ୍ୱେଷଣରେ ମଗ୍ନ ରହିଥାନ୍ତି । ଭାବଚେତନାକୁ ବର୍ଣ୍ଣନା କରିଥାନ୍ତି । ତେବେ ସର୍ବପ୍ରକାର ଚିତ୍ରକଳ୍ପରେ କବି ଓ ପାଠକ ଉଭୟଙ୍କର ମାସନିକ ଅନୁଭବ ସର୍ବାଧିକ ରୂପାୟିତ ହୋଇଥାଏ । ଚିତ୍ରକଳ୍ପ କବିତାର ଏକ ଅଭିନବ ଓ ଅନନ୍ୟ ସାଧନ ବା କାବ୍ୟପ୍ରକରଣ ।

## ୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(କ) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ ।**

(୧) ଚିତ୍ରକଳ୍ପର ସଂଜ୍ଞା,ସ୍ୱରୂପ ଓ ବୈଶିଷ୍ଟ୍ୟ ଆଲୋଚନା କର ?

(୨) ଚିତ୍ରକଳ୍ପବାଦର ଉତ୍ସ ଓ ଉନ୍ମେଷ ସଂପର୍କରେ ବିଶ୍ଳେଷଣ କର ?

(୩) ଚିତ୍ରକଳ୍ପର ପ୍ରକାରଭେଦ ଦର୍ଶାଅ ।

**(ଖ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ ।**

(୧) ଚିତ୍ରକଳ୍ପ ଇଂରାଜୀ ଭାଷାର କେଉଁ ଶବ୍ଦର ପ୍ରତିରୂପ ?

(୨) ସାହିତ୍ୟ ଜଗତରେ ଚିତ୍ରକଳ୍ପ ଅନ୍ୟ କେଉଁ କେଉଁ ନାମରେ କଥିତ ?

(୩) ଚିତ୍ରକଳ୍ପବାଦୀ ଆନ୍ଦୋଳନର ମୁଖ୍ୟ ପୁରୋଧା କିଏ ?

(୪) ଅଷ୍ଟାଦଶ ଶତାବ୍ଦୀର ଅଭିଧାନ ଗୁଡ଼ିକରେ ଚିତ୍ରକଳ୍ପର କେଉଁ ଦୁଇଟି ଅର୍ଥ ପ୍ରଦତ୍ତ ହୋଇଛି ?

(୫) ଏଜରା ପାଉଣ୍ଡ ଚିତ୍ରକଳ୍ପ ସଂପର୍କରେ କେଉଁ ମତ ପ୍ରଦାନ କରିଥିଲେ ?

(୬) ଦୃଶ୍ୟଧର୍ମୀ ଚିତ୍ରକଳ୍ପର ଗୁଣଧର୍ମ କଣ ?

## ୩.୮ ସହାୟକ ଗ୍ରନ୍ଥସୂଚୀ

(୧) ଆଧୁନିକ କାବ୍ୟଜିଜ୍ଞାସା ଚିତ୍ରକଳ୍ପ ଦାଶରଥି ଦାସ : ୧୯୭୪, ପ୍ର : ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ

(୨) ଆଧୁନିକ ଓଡ଼ିଆ କବିତାରେ ଚିତ୍ରକଳ୍ପର ଚିତ୍ରଲିପି – ପ୍ରାବଧିକା ଡକ୍ଟର ରୁଦ୍ରାଣୀ ମହାନ୍ତି, ୧୮୧୮, ସାହିତ୍ୟ ବିମର୍ଶ – ସଂପାଦନା- ଶାନ୍ତନୁ କୁମାର ନାୟକ ଓ ସସ୍ମିତା ଦାଶ, ପ୍ରକାଶକ-ପ୍ରଜ୍ଞାନ ପବ୍ଲିକେଶନ, ଜାରକା, ଯାଜପୁର ।

(୩) ସାହିତ୍ୟ ତତ୍ତ୍ୱ : ପ୍ରାଚ୍ୟପାଶ୍ଚାତ୍ୟ ଅଧାପିକା ଜ୍ୟୋସ୍ନାମୟୀ ପ୍ରଧାନ ୨୦୦୫, ପ୍ରକାଶକ ପ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ ।

# ଚତୁର୍ଥ ଏକକ : ଓଡ଼ିଆ କବିତାରେ ଚିତ୍ରକଳ୍ପର ପରିଚର୍ଚ୍ଚା

**ବିଷୟ ଗଠନ :**

୪.୧ ପଠନର ଉଦ୍ଦେଶ୍ୟ
୪.୨ ଶିକ୍ଷଣୀୟ ବିଷୟ
୪.୩ ବିଷୟ ପ୍ରବେଶ
୪.୪ ପ୍ରଚୀନ ଓଡ଼ିଆକାବ୍ୟକବିତାରେ ଚିତ୍ରକଳ୍ପର ଚର୍ଚ୍ଚା
୪.୫ ଆଧୁନିକ ଓଡ଼ିଆକବିତାରେ ଚିତ୍ରକଳ୍ପର ପ୍ରୟୋଗ ଓ ପରିଚର୍ଚ୍ଚା
୪.୬ ଉପସଂହାର
୪.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୪.୮ ସହାୟକ ଗ୍ରନ୍ଥସୂଚୀ

## ୪.୧ ପଠନର ଉଦ୍ଦେଶ୍ୟ

ଓଡ଼ିଆସାହିତ୍ୟର ଯୁଗବିଭାଗରେ ପ୍ରାଚୀନରୁ ମଧ୍ୟଯୁଗ ବା କାବ୍ୟଯୁଗ ପର୍ଯ୍ୟନ୍ତ ଓଡ଼ିଆକାବ୍ୟକବିତାରେ 'ଉପମା' ବ୍ୟବହାର ମାଧ୍ୟମରେ ଚିତ୍ରକଳ୍ପନାର ସ୍ଥିତି ପରିଲକ୍ଷିତ ହୋଇଥାଏ। ଉପମାରେ ଉପମାନ ଓ ଉପମେୟ ମଧ୍ୟରେ ସାଦୃଶ୍ୟ କଥିତ ହୋଇଥାଏ। ଏହି ସାଦୃଶ୍ୟ ବର୍ଣ୍ଣନାରେ ପ୍ରକୃତ ବସ୍ତୁ ଓ ଅପ୍ରକୃତ ବସ୍ତୁ ମଧ୍ୟରେ ଯୋଗାଯୋଗ ଥାଏ। ମାତ୍ର ଚିତ୍ରକଳ୍ପପରି ଉପମା ଦ୍ୱାରା କବିତାର ଆତ୍ମିକ ଆବେଗ ଓ ଭବଗତ ତଥା ଅର୍ଥଗତ ସାଦୃଶ୍ୟ ସୃଷ୍ଟ ହୋଇପାରି ନଥାଏ। ତେଣୁ 'ଚିତ୍ରକଳ୍ପ ସ୍ୱତନ୍ତ୍ର, ମୌଳିକ, ନୂତନ ଓ ଏକକ ସୃଷ୍ଟି କର୍ମର ଦ୍ୟୋତିକ' ବୋଲି ଚିତ୍ରକଳ୍ପବାଦୀ କବି ଏଜରାପାଉଣ୍ଡ ମତବ୍ୟକ୍ତ କରିଥାନ୍ତି। ଆଧୁନିକ ଓଡ଼ିଆକବିତାରେ ସ୍ୱାଧୀନତାର ପରବର୍ତ୍ତୀ ସମୟଥିଲା ବିଶ୍ୱସାହିତ୍ୟ ସଂପୃକ୍ତି ସହିତ ସମନ୍ୱୟ ରକ୍ଷା ପୂର୍ବକ ନାନା ଭାବଚେତନା ଓ କାବ୍ୟକୌଶଳ ପ୍ରୟୋଗ ଦ୍ୱାରା ସ୍ୱକୀୟ କାବ୍ୟାଦର୍ଶ ନିର୍ମାଣ କରିବାର ପ୍ରସ୍ତୁତିକାଳ। କବି ସଚ୍ଚିଦାନନ୍ଦ ରାଉତରାୟ ହିଁ କବିତାରେ ପୂର୍ବ ପ୍ରଚଳିତ ବସ୍ତୁରୂପର ଗତାନୁଗତିକ ଅର୍ଥ ପରିବର୍ତ୍ତନ କରି ପ୍ରତୀକ ଚିତ୍ରକଳ୍ପ ପ୍ରୟୋଗ ଦ୍ୱାରା ଶବ୍ଦରେ ନୂତନ ଅର୍ଥ ଚେତନା ଭରିଦେବାରେ ଅଗ୍ରଦୂତ ଥିଲେ। କବିଙ୍କ 'ପାଣ୍ଡୁଲିପି' ଗ୍ରନ୍ଥ ରଚନା ସହିତ ଆଧୁନିକ ଓଡ଼ିଆକବିତାରେ ପ୍ରୟୋଗବାଦୀ ଧାରାର ଶୁଭାରମ୍ଭ ଘଟିଛି। ରୂପକ, ପ୍ରତୀକ, ଚିତ୍ରକଳ୍ପ ଆଦି ଅଭିନବ କାବ୍ୟରୀତିର ପ୍ରୟୋଗ କବିତାକୁ ନୂତନ ରୂପଦାନ କରିଛି। ଓଡ଼ଆ କବିତାରେ ଗତାନୁଗତିକ ଆଙ୍ଗିକ ପରିବର୍ତ୍ତେ ସ୍ୱାଧୀନୋତ୍ତର ମଣିଷର ଅନ୍ତଃଚେତନାରେ ବୌଦ୍ଧିକତା ପରିବର୍ତ୍ତେ ସ୍ୱାଧୀନୋତ୍ତର ମଣିଷର ଅନ୍ତଃଚେତନାରେ ବୌଦ୍ଧିକତା ସଂଯୋଗ ବସ୍ତୁଦୃଷ୍ଟି ଓ ଶବ୍ଦଚିତ୍ର ନୂତନ ରୂପ ନେଇ ପ୍ରକାଶିତ ହୋଇଛି। ଚିତ୍ରକଳ୍ପ ଆଧୁନିକ କବିତାର ଏକ ଅଙ୍ଗିକ ବୈଭବ ଓ ଆତ୍ମିକ କଳା ଭାବେ ପ୍ରତିଭାତ ହୋଇଛି। ବିଦ୍ୟାର୍ଥୀମାନେ ଓଡ଼ିଆକବିତାରେ ଚିତ୍ରକଳ୍ପର ପ୍ରୟୋଗ ରୀତି ସଂପର୍କରେ ଅବଗତ ହେବା ସଂଗେ ସଂଗେ ପ୍ରାଚୀନ କାବ୍ୟକବିତା ତଥା ଆଧୁନିକ କବିତାରେ ଚିତ୍ରକଳ୍ପ ସୃଷ୍ଟି, ତାହାର ବୈଚିତ୍ର୍ୟ, ଗୁରୁତ୍ୱ ଏବଂ ଚିତ୍ରକଳ୍ପ ପ୍ରୟୋଗ ଦ୍ୱାରା ଆଧୁନିକ ଓଡ଼ିଆକବିତାର ନୂତନ ରୂପରେଖ ସଂପର୍କରେ ଜ୍ଞାନଲାଭ କରିବା ହେଉଚି ଏହି ଏକକ ପଠନର ଉଦ୍ଦେଶ୍ୟ।

## ୪.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ବିଦ୍ୟାର୍ଥୀମାନଙ୍କ ନିମନ୍ତେ ଶିକ୍ଷଣୀୟ ବିଷୟ ହେଉଚି –

- ପ୍ରଚୀନ ଓ ମଧ୍ୟଯୁଗ କବିତାରେ ବ୍ୟବହୃତ ଚିତ୍ରକଳ୍ପର ରୂପରେଖ ସଂପର୍କରେ ଅବଗତ ହେବା ।
- ଆଧୁନିକ କବିତାରେ ରାଧାନାଥ ଯୁଗଠାରୁ ସବୁଜ ଓ ପ୍ରଗତି ଯୁଗ ପର୍ଯ୍ୟନ୍ତ ଚିତ୍ରକଳ୍ପର ଅସ୍ତିତ୍ୱ ସଂପର୍କରେ ଶିକ୍ଷା ଲାଭ କରିବା ।
- ସ୍ୱାଧୀନତା ପରବର୍ତ୍ତୀ ସମୟରେ କବି ସଚ୍ଚିଦାନନ୍ଦ ରାଉତରାୟ ଆଧୁନିକ ଚିତ୍ରକଳ୍ପ ସର୍ଜନାର ଆଦିସ୍ରଷ୍ଟା ରୂପେ ଯଶ ଲାଭ କରି କବିତାରେ ନୂଆ ନୂଆ ଶବ୍ଦ ଚିତ୍ର ସୃଷ୍ଟି କରିବା ସଂପର୍କରେ ଜ୍ଞାନ ଲାଭ କରିବା ।
- ସ୍ୱାଧୀନତା ପରବର୍ତ୍ତୀ କାଳରୁ ଉତ୍ତରଅଶୀ ପର୍ଯ୍ୟନ୍ତ ବହୁ କବିମାନଙ୍କ କବିତାରେ ଚିତ୍ରକଳ୍ପର ସର୍ଜନା ଓ ପ୍ରୟୋଗ ସଂପର୍କରେ ଶିକ୍ଷାଲାଭ କରିବା ।

## ୪.୩ ବିଷୟ ପ୍ରବେଶ

ଆଧୁନିକ ଓଡ଼ିଆକବିତାର ବିକାଶଧାରାରେ ପଶ୍ଚିମରୁ ଆହୃତ କାବ୍ୟଅଙ୍ଗିକ ଚିତ୍ରକଳ୍ପର ଭୂମିକ ଅତ୍ୟନ୍ତ ଗୁରତ୍ୱପୂର୍ଣ୍ଣ । ଆମେରିକ ଓ ଇଂରେଜୀ ସାହିତ୍ୟରେ ପ୍ରଥମେ ଚିତ୍ରକଳ୍ପର ଆଧୁନିକରୂପ ପରିଦୃଷ୍ଟ ହୋଇଛି । ଇଂରାଜୀ କବି ଟି.ଇ.ହ୍ୟୁମ ଚିତ୍ରକଳ୍ପବାଦୀ ଆନ୍ଦୋଳନର ଆଦି ପ୍ରବକ୍ତା ଥିଲେ । ତାଙ୍କ ସହିତ ପାଶ୍ଚାତ୍ୟ ଭୂଖଣ୍ଡର କବି, ଦାର୍ଶନିକ, ଆଲୋଚକ ଫ୍ଲିଣ୍ଟ, ଷ୍ଟୋରର୍, ଫାର୍ ଟ୍ରାଙ୍କିଡ଼୍, ଏଜରା ପାଉଣ୍ଡ, ଗ୍ଲୁମ୍ ପ୍ରଭୃତି ମିଳିତ ହୋଇ ଏହି ଆନ୍ଦୋଳନକୁ ସଫଳ କରିଛନ୍ତି । ଉନବିଂଶ ଶତାବ୍ଦୀର ଶେଷ ଭାଗରେ ପ୍ରତୀକ ଆନ୍ଦୋଳନ ସମୟରେ ଚିତ୍ରକଳ୍ପ ଶବ୍ଦଟି ନୂତନ ଅର୍ଥ ସହିତ ପ୍ରତିଭାତ ହୋଇଛି । ତାର ମୂଳରୂପ ତୁଳନାକୁ ଗୁରୁତ୍ୱ ଦିଆଯାଇଛି । ପାଶ୍ଚାତ୍ୟ ଚିତ୍ରକଳ୍ପବାଦୀ ଆନ୍ଦୋଳନ ଦ୍ୱାରା ଉଦ୍‌ବୃଦ୍ଧ ହୋଇ ଓଡ଼ିଆକବିମାନେ ମଧ୍ୟ ଓଡ଼ିଆକବିତାକୁ ଏକ ଭିନ୍ନ ପରିପାଟୀ ପ୍ରଦାନ କରିଛନ୍ତି । ୧୯୫୦ ମସିହା ପରବର୍ତ୍ତୀ ସମୟର କବିତାରେ ବିଭିନ୍ନ ବାଦ ଧାରା ଦେଖାଯାଇଛି । ବହୁ ପରୀକ୍ଷା ନିରୀକ୍ଷା ହୋଇଛି । ୧୮୪୭ ମସିହା 'ପାଣ୍ଡୁଲିପି' ଏବଂ ୧୯୫୫ ମସିହାରେ ନୂତନ କବିତା ଓଡ଼ିଆ କବିତାର ରୂପ ପରିବର୍ତ୍ତନ କରିଛନ୍ତି । କବିତା ପୂର୍ବବତ୍ କଳ୍ପନା ପ୍ରଧାନ ନ ହୋଇ ହେଲା ଚିତ୍ରପ୍ରଧାନ । ୧୮୮୦ ମସିହାରୁ ୧୯୫୫ ମସିହା ମଧ୍ୟରେ ଦୁଇଦୁଇଟି ବିଶ୍ୱଯୁଦ୍ଧୋର ଜୀବନର ଚିତ୍ର, ସହରୀ ଅବହାଓ୍ୱା, ପ୍ରେମର ଅବିଶ୍ୱାସ, ସନ୍ଦେହ, ଯୌନ ଲାଳସା, ପାରଂପରିକ ମୂଲ୍ୟବୋଧ, ନିଃସଙ୍ଗତା, ଜଟିଳତା ଇତ୍ୟାଦି ନାନା ଭାବ ଅନୁଭାବ କବିତାରେ ସୂଚନାତ୍ମକ ଓ ଚିତ୍ରାତ୍ମକ ଶବ୍ଦର ବ୍ୟବହାର ମୁକ୍ତଛନ୍ଦ ତଥା ବାକ୍‌ରୀତି ବ୍ୟବହାର ଗୁରୁପ୍ରସାଦ ମହାନ୍ତି, ଭାନୁଜୀରାଓ, ରାଜେନ୍ଦ୍ରପଣ୍ଡା, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ଦୀପକ ମିଶ୍ର, ସୌଭାଗ୍ୟ କୁମାର ମିଶ୍ର, ଶରତଚନ୍ଦ୍ର ପ୍ରଧାନ, ପ୍ରତିଭା ଶତପଥିଙ୍କ କବିତାଗୁଡ଼ିକରେ ଚିତ୍ରକଳ୍ପର ପ୍ରଚୁଳ ଓ ସଫଳ ବ୍ୟବହାର ରହିଛି । କବି ଗୁରୁପ୍ରସାଦ ମାହାନ୍ତିଙ୍କ କବିତାରୁ ଗୋଟିଏ ଦୃଷ୍ଟାନ୍ତ ଏଠାରେ ପ୍ରଦତ୍ତ ।

"ବିବର୍ଣ୍ଣ ବେଳାର ପରେ ଢେଉପରେ ଭାଙ୍ଗେ ଯେତେ ଢେଉ
ବାଲିର ପାଚେରୀଯାଏ ଭିନ୍ନ ଭିନ୍ନ ସମତୁଲ ହୋଇ,
ଓଠର ଗୋଲାପୀ ରଙ୍ଗ ଏ ଆକାଶ ଶୋଷିନେଲାପରେ
ଯୋତାର ଗୋଲାପୀ ଦୃଶ୍ୟ ଓ ଢେଉରେ ଭାସିଗଲାପରେ
ନିଛାଟିଆ ଗଳିମୋଡ ଛାଇ ତାର ଗିଳିଦେଲାପରେ
ରହିଯାଏ ଅଭବ ତଥାପି।"

('ଗୋବର ଗଣେଶ' – ଗୁରୁପ୍ରସାଦ ମାହାନ୍ତି)

ସମୟସ୍ରୋତରେ ଯୁଦ୍ଧଭୋର ଓଠରେ ଗୋଲାପୀ ରଙ୍ଗର ଆଉ ଆକର୍ଷଣ ନାହିଁ। ନିଃସଙ୍ଗତା , ଶୂନ୍ୟତା ଭିତରେ ବସନ୍ତ ଋତୁ, ଲାଲରଙ୍ଗର ଆଧୁନିକ ମଣିଷ ପାଇଁ ଅର୍ଥହୀନ। ଚାରିଆଡ଼ ହାହାକାର ମୟ। ଅଭାବବୋଧରେ ପରିପୂର୍ଣ୍ଣ ଅନ୍ତର। ମଣିଷ ମନର ଏହି ସକଳ ବିଭଙ୍ଗଭାବନାକୁ କବି ଚିତ୍ରକଳ୍ପ ପ୍ରୟୋଗରେ ଚମତ୍କାର ରୂପେ ବର୍ଣ୍ଣନା କରିଛନ୍ତି। ଆଧୁନିକ କବିଗଣ ଚିତ୍ରକଳ୍ପ ନିର୍ମାନ କରି କବିତାକୁ ନୂତନରୂପ ଓ ବିସ୍ତୃତିପ୍ରଦାନ କରିବାରେ ସଫଳତା ଲାଭ କରିଛନ୍ତି।

## ୪.୪ ପ୍ରଚୀନ ଓଡ଼ିଆ କାବ୍ୟକବିତାରେ ଚିତ୍ରକଳ୍ପର ଚର୍ଚ୍ଚା

ସଂସ୍କୃତ କାବ୍ୟ ଓ ପ୍ରାଚୀନ ଓଡ଼ିଆକାବ୍ୟକବିତାରେ ଚିତ୍ରକଳ୍ପର ଅସ୍ତିତ୍ୱ ପରିଲକ୍ଷିତ ହେଲେ ହେଁ ତାହା ମୁଖ୍ୟତଃ ଉପମାଧର୍ମୀ ଉପମା ଚିତ୍ରକଳ୍ପ ପରି ଅନେକାଂଶରେ ସ୍ୱତଃସ୍ଫୁର୍ତ୍ତ। କାବ୍ୟକବିତାରେ ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ଅଳଙ୍କାର ରୂପରେ ଉପମା ବ୍ୟବହୃତ ହୋଇଛି। ବେଦ, ଉପନିଷଦ, ରାମାୟଣ, ମହାଭାରତ ଆଦି ଏବଂ ଭବଭୂତି, କାଳିଦାସ, ଭାରବୀ, ଶ୍ରୀହର୍ଷ, ମାଘ, ବାଣଭଟ୍ଟ ପ୍ରଭୃତିଙ୍କ ରଚନାରେ ରାଶିରାଶି ଉପମାଧର୍ମୀ ଚିତ୍ରକଳ୍ପର ଦୃଷ୍ଟାନ୍ତ ରହିଛି। ମଣିଷ ମନର ଅବଚେତନା ସ୍ତର ସହିତ ଉପମାର ସଂପର୍କ ନିବିଡ଼। ସାଦୃଶ୍ୟକଥନ ହେଉଚି ଉପମାର ପ୍ରାଣ। ଚିତ୍ରକଳ୍ପରେ ମଧ୍ୟ କେତେକାଂଶରେ ସାଦୃଶ୍ୟ କଥନର ଗୁଣ ରହିଛି। ଉପମା ଆଧାରରେ ପ୍ରାଚୀନ କାବ୍ୟକବିତାରୁ ଚିତ୍ରକଳ୍ପ ବ୍ୟବହାର କରାଯାଇପାରେ।

'ରାମାୟଣ'ରେ ପ୍ରବାହମାନ ଗଙ୍ଗାନଦୀର ବର୍ଣ୍ଣନା ଚିତ୍ରକଳ୍ପ ଦ୍ୱାରା ଚମତ୍କାରିତା ଲାଭ କରିଛି। ଅଯୋଧ୍ୟା କାଣ୍ଡ, ୫୦/୧୬,୧୭ ଶ୍ଳୋକରେ ବାଲ୍ମୀକି ବର୍ଣ୍ଣନା କରିଚନ୍ତି;

"ପ୍ରମାଦମିବ ଧନ୍ୟେନ ଭୂଷିତାମ୍ ଭୂଷଣୋତ୍ତମୈଃ"

ଅର୍ଥାତ୍ କବିବର୍ଣ୍ଣନାରେ ଗଙ୍ଗାନଦୀ ସଯତ୍ନଭୂଷିତ। ପ୍ରମାଦଟିଏ ପରି ପ୍ରବାହିତ ହେଉଛି। ପୁନଶ୍ଚ କବି ଲେଖନୀରେ –

"କ୍ୱଚିତ୍ ଗମ୍ଭୀର - ନର୍ଘୋଷାମ୍ କ୍ୱଚିଦଭୈଦେର ବନିସ୍ୱନାମ୍"

ଜଳପ୍ରବାହର ନିର୍ଘୋଷରେ ଗଙ୍ଗା କେବେ ଫାଟିପଡୁଚି ଓ କେବେ ନିର୍ମଳ ଫେନ ହାସିନୀ। କେବେ ଗମ୍ଭୀତ କେବେ ବେଗମତୀ। ଜଳଧାରାର ଗତିବେଗ ସହିତ ପ୍ରମଦାର ଚିତ୍ତବେଗ ଫୁଟି ଉଠୁଛି।

ପ୍ରାଚୀନ ଚିତ୍ରକଳ୍ପ ବ୍ୟବହାର କ୍ଷେତ୍ରରେ ମାହାକବି କାଳିଦାସ ଜଣେ ଅସାମାନ୍ୟ ଶିଳ୍ପୀ। ତାଙ୍କ ଚିତ୍ରକଳ୍ପରେ ଥିବା ଇନ୍ଦ୍ରିୟ ସମ୍ବେଦଗୁଣ କାବ୍ୟମୋଦୀ ପାଠକଙ୍କୁ ବିସ୍ମିତ କରେ। କବି କାଳୀଦାସଙ୍କ ଚିତ୍ରକଳ୍ପଗୁଡ଼ିକ ରୂପ-ରସ-ରଙ୍ଗ-ସ୍ପର୍ଶର କଥା ଶବ୍ଦଚିତ୍ରଦ୍ୱାରା ଅଙ୍କନ କରିବାରେ ସମର୍ଥ। 'କୁମ୍ଭାର ସମ୍ଭବ'ର ପଞ୍ଚମ ସର୍ଗରେ କବି ଶିବ ଦେବୀ ପାର୍ବତୀଙ୍କ ପ୍ରେମରେ ନିଷ୍ଠାଭାବ ପରୀକ୍ଷା କରିବା ପ୍ରସଙ୍ଗରେ ବର୍ଣ୍ଣନା କରିଛନ୍ତି –

"ତଂ ବୀକ୍ଷ୍ୟ ବେପଥୁମତୀ ସରସାଙ୍ଗଯଷ୍ଟି
ର୍ନିକ୍ଷେପଣାୟ ପଦମୁଦ୍‌ଧୃତ ମୁଦ୍ ବହନ୍ତୀ
ମାର୍ଗା ଚଳାବ୍ୟତିକରାଦ୍ଧକୁଳ ତେବ ସିନ୍ଧୁଃ
ଶୈଳା ଧିରାଜତନୟା ନ ଯଯୌ ନ ତ ସ୍ଥୌ।"

(କୁମାର ସମ୍ଭବ, ୫/୮୫)

ଏକଦା ଶିବ ଦେବୀ ପାର୍ବତୀଙ୍କ ପ୍ରେମର ନିଷ୍ଠାକୁ ପରୀକ୍ଷା କରିବା ଉଦ୍ଦେଶ୍ୟରେ ବ୍ରହ୍ମଚାରୀର ଛଦ୍ମ ବେଶ ଧାରଣ କରି ପାର୍ବତୀଙ୍କ ସମ୍ମୁଖରେ ଶିବଙ୍କ ନିନ୍ଦାଗାନ କରିବା ସହିତ କଟୁମନ୍ତବ୍ୟ ରଖିଛନ୍ତି। ଏଥିରେ ଅତିଷ୍ଠ ହୋଇ ପାବ୍ରତୀ ସେଠାରୁ ଚାଲିଯିବାକୁ ଉଦ୍ୟତ ହେବାରୁ ଶବି ନିହସ୍ୱ ରୂପ ଧାରଣ ପୂର୍ବକ ସ୍ମିତ ହସି ସହି ପାର୍ବତୀଙ୍କ ହାତ ଧତ ଧରି ପକାଇଛନ୍ତି। ତପସ୍ୟାର ଫଳ ସତେ ସମ୍ମୁଖରେ ଉପସ୍ଥିତ। ପାର୍ବତୀ ଏହି ସୌଭାଗ୍ୟ ଲାଗି ସତେ ଯେପରି ସହସା ପ୍ରସ୍ତୁତ ନ ଥିଲେ। ଏହାଦ୍ୱାରା ପାର୍ବତୀ ଆଗକୁ ଯାଇପାରୁ ନାହାଁନ୍ତି କିମ୍ବା ପଛକୁ ଫେରିପାରୁ ନାହାଁନ୍ତି। ପାର୍ବତୀଙ୍କ ଏହି ଅବସ୍ଥାର ଚିତ୍ର ଅତ୍ୟନ୍ତ ମନୋଜ୍ଞ ଭାବେ କବି ଚିତ୍ରକଳ୍ପ ମଧ୍ୟମରେ ଉପସ୍ଥାପନ କରିଛନ୍ତି। ଦେବୀ ଉମାଙ୍କର ଏହି ନ ଯଯୌ ନ ତସ୍ଥୌ ଅବସ୍ଥା କବିଙ୍କ ବର୍ଣ୍ଣନାରେ ସାଗର ସହିତ ନଦୀ ଯେପରି ଆଗକୁ ବଢିପାରେନାହିଁ କି ପଛକୁ ଫେରିପାରେ ନାହିଁ, ସେହିପରି ଅବସ୍ଥା ପାର୍ବତୀଙ୍କର ହୋଇଛି। ଶିବଙ୍କ ସାନ୍ନିଧ୍ୟରେ ଅଙ୍ଗେ ଅଙ୍ଗେ ତାଙ୍କର ପିଲକ। ଅଥଚ ଉଠାଇଥିବା ପାଦ ଆଗକୁ ବା ପାଛକୁ ପରିପାରୁନାହାନ୍ତି।

ସେହିପରି ବିଚିତ୍ରରାମାୟଣକାର କବି ବିଶ୍ୱନାଥ ଖୁଣ୍ଟିଆ ଶ୍ରୀରାମ ଚନ୍ଦ୍ର, ଲକ୍ଷ୍ମଣ, ସୁଗ୍ରୀବ ଇତ୍ୟାଦିଙ୍କ ଗହଣରେ ବସିଥିବାର ଦୃଶ୍ୟ ବର୍ଣ୍ଣନା ପାଇଁ ଇନ୍ଦ୍ରିୟଗ୍ରାହ୍ୟ ଅନୁଭୂତି ଉଦ୍ରେକ କରିବାରେ ସମର୍ଥ ଶବ୍ଦଚିତ୍ର ପ୍ରୟୋଗ କରିଛନ୍ତି।

"ବିଚିତ୍ର ମୃଗ ଛାଲ ପରେ ସୁଗ୍ରୀବ ଉରେ ଆଉଜିଣ
ଦକ୍ଷିଣ ଭୁଜ ତାରା ସୁତ କନ୍ଧରେ
ହନୁ ଚାପେ ବାମଚରଣ।
ଲଙ୍କା ଗଡ଼ରେ, ପଡ଼ିଛି କୋପ ନେତ୍ର କୋଣ।
ଶ୍ରୀରାମ ବାମ ପାରୁଶରେ ବସିଣ ଶର ସଳଖାନ୍ତି ଲକ୍ଷ୍ମଣ।"

ପ୍ରଭୁ ଶ୍ରୀରାମ ବିଚିତ୍ର ମୃଗ ଛାଲ ଉପରେ ସୁଗ୍ରୀବଙ୍କ 'ଉରେ ଆଉଜଣି' ବସିଛନ୍ତି। ତାଙ୍କର 'ଦକ୍ଷିଣଭୁଜା ତାରା ସୁତ କାନ୍ଧରେ' ରହିଛି। ଭକ୍ତ ହନୁମାନ ତାଙ୍କ 'ବାମଚରଣ'କୁ ଚାପି ସେବାରତ। ଶ୍ରୀରାମଙ୍କ ବାମପାଶ୍ୱରେ ବସି ଲକ୍ଷ୍ମଣ ଶର ସଳଖୁଛନ୍ତି ଆଦି ବର୍ଣ୍ଣନା ଦ୍ୱାରା ସମଗ୍ର ଦୃଶ୍ୟଟି ପାଠକ ସମ୍ମୁଖରେ ଚିତ୍ରିତ ହୋଇଛି।

କବି ସମ୍ରାଟ ଉପେନ୍ଦ୍ରଭଂଜଙ୍କ 'ଲାବଣ୍ୟବତୀ' କାବ୍ୟରେ ନାରୀରୂପେ ସୌନ୍ଦର୍ଯ୍ୟ ଚିତ୍ରଉପମା ମାଧ୍ୟମରେ ଅତ୍ୟନ୍ତ ମନୋଜ୍ଞ ହୋଇଛି।

"ଅଣିମାଦି ସୁଖଦାୟୀ ଶୋଇଅଛ ଅଣି ହୋଇ
ପଲ୍ୟଙ୍କ ଅଙ୍କରେ ଦିଶେ ଏମନ୍ତ ଶୋଭା
ରସାଣ ରଜତବାଡ଼େ କନକଲତାକି ଜଡ଼େ
ବିଷଦ ଘନରେ କି ସେ ଚପଳା ପ୍ରଭା
ବାମକରେ କପୋଳ ତଳ
କେନ୍ଦୁ ପଲ୍ଲବେ ଥୁଆ କି ଫୁଲ୍ଲ କମଳ"।
(ଲାବଣ୍ୟବତୀ – ଉପେନ୍ଦ୍ର ଭଂଜ)

'ଲାବଣ୍ୟବତୀର ସ୍ୱପ୍ନଦର୍ଶନ' ଛାନ୍ଦରେ ନାୟିକା ଲାବଣ୍ୟବତୀ ଚିନ୍ଦିନୀ ରାତ୍ରୀରେ ପଲ୍ୟଙ୍କ ଉପରେ 'ଅଣିହୋଇ' ବା ଏକପାଖକୁ ଢଳିକରି ଶୋଇଅଛି।' କେନ୍ଦୁ ପଲ୍ଲବେ ଥୁଆ କି ଫିଲ୍ଲ କମଳ' ଇତ୍ୟାଦି ଚକ୍ଷୁସ୍ପର୍ଶୀ ଓ ମର୍ମସ୍ପର୍ଶୀ ହୋଇଛି। କବିସମ୍ରାଟଙ୍କ ଚିତ୍ରକଳ୍ପନା ଏଠାରେ ଜୀବନ୍ତ ଓ ଗତିଶୀଳ। 'ବୈଦେହୀଶ ବିଳାସ' କାବ୍ୟର ଅନ୍ୟ ଏକ ଦୃଷ୍ଟାନ୍ତରେ ;

"ବଲ୍ଲଭୀ ବୋଲି ମୋର ତାକୁ ଚିହ୍ନିବ ଯେ ଶର୍ଯ୍ୟା କରିଥିବଧରା
ବିଶୀର୍ଣ୍ଣ ଶାଣବସା ରତ୍ନ ଗଣ୍ଠିରୁ ଫୁଟି ପତନ ହେଲାପରା"

ଭଂଜ କବି ଏହି ପାଦ ମଧ୍ୟରେ ବର୍ଷାକାଳରେ ଶ୍ରୀରାମ ମାଲ୍ୟବନ୍ତ ପାର୍ବତ ଶିଖରରେ ବର୍ଷାଯାପନ କରିବାର ଦୃଶ୍ୟ ବର୍ଣ୍ଣନା କରିଛନ୍ତି। ଆକାଶରେ ଭାସମାନ ନୂଆ ମେଘମାଳା। ବର୍ଷାଋତୁ ମିଳନ ଓ ବିରହ ଉଭୟ ଭାବ ସଂଶ୍ଲେଷର ଋତୁ। ମାତ୍ର ରାମଙ୍କ ପ୍ରାଣପ୍ରିୟା ସୀତା ଅପହୃତା ରକ୍ଷପୁରୀରେ ସେ ହୁଏତ ଅଯତ୍ନ ଅସମ୍ମାନରେ ଭରବଭ ଉପରେ ଲୋଟି ପଡ଼ିଥିବେ। ଏହି କୋମଳମତ ଭାବଟି କବି ଲେଖନୀରେ "ବିସ୍ତିର୍ଣ୍ଣ ଶାଣବସା ରତ୍ନ ଗଣ୍ଠିରୁ ଫୁଟି ପତନ ହେଲା ପରା" ଶବ୍ଦଚିତ୍ର ବ୍ୟବହାର ଦ୍ୱାରା ଚିତ୍ରିତ ହୋଇଛି। ଗଣ୍ଠିରୁ ଫିଟି ଭୂଇଁ ଉପରେ ଖସି ପଡିଛି ରୂପକାନ୍ତି, ଚିର ଉଜ୍ଜ୍ୱଳ ସତୀତ୍ୱ ଓ ଆତ୍ମାର ପବିତ୍ରତା। ରାମ ମେଘକୁ ଦୂତକରି ପଠାଇଛନ୍ତି ଓ ପ୍ରାଣପ୍ରୀୟା ସୀତାଙ୍କୁ ଚିହ୍ନିବା ପାଇଁ ସେ ମେଘ ସମ୍ମୁଖରେ ଚିତ୍ରକଳ୍ପଟିଏ ତୋଳିଧରିଛନ୍ତି।

ବସ୍ତୁତଃ ଷୋଡ଼ଶ, ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀର ଓଡ଼ିଆକାବ୍ୟକବିତାରେ ଅଂସଖ୍ୟ ଉପମା ଓ ରୂପକଧର୍ମୀ ଚିତ୍ରକଳ୍ପ ଅଭିବ୍ୟଞ୍ଜିତ ହୋଇଛି। କବି ଦୀନ କୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତ ସିଂହାର ପ୍ରଭୃତିଙ୍କ କାବ୍ୟସମୂହରେ ଉପମାଧର୍ମୀ ଚିତ୍ରକଳ୍ପର ପ୍ରାବଲ୍ୟ ଯଥେଷ୍ଟ। ତେବେ ଚିତ୍ରକଳ୍ପ କାବ୍ୟକବିତାରେ ଚିତ୍ରକଳ୍ପର ସ୍ଥିତି 'ଉପମା', 'ରୂପକ' ଅଳଙ୍କାର ମଧ୍ୟରେ ଦୃଶ୍ୟ ହୋଇଥାଏ।

# ୪.୫ ଆଧୁନିକ ଓଡ଼ିଆ କବିତାରେ ଚିତ୍ରକଳ୍ପର ପ୍ରୟୋଗ ଓ ପରିଚର୍ଚ୍ଚା

ଊନବିଂଶ ଶତାବ୍ଦୀର ଶେଷଦଶକରେ ଆଧୁନିକ ଓଡ଼ିଆକବିତାର ନବ ଉନ୍ମେଷର କାଳ। ଇଉରୋପର ବିଶିଷ୍ଟ ଚିନ୍ତାନାୟକ, ବୈଜ୍ଞାନିକ, ଦାର୍ଶନିକ,ଶିଳ୍ପୀମାନଙ୍କର ଜଗତ ସଂପର୍କରେ ନୂତନ ଭାବଧାରା ଓ ଦର୍ଶନ ବିଶ୍ୱସ୍ତରର ସଂସ୍କୃତି, ସମାଜ ଓ ସାହିତ୍ୟକୁ ପ୍ରଭାବିତ କରିବା ସଙ୍ଗେ ସଙ୍ଗେ ବୌଦ୍ଧିକ ବିପ୍ଳବର ସୂତ୍ରପାତ ଘଟାଇଲା। ଡାରଉଇନ୍‌ଙ୍କ ବିବର୍ତ୍ତନବାଦ ମଣିଷକୁ ଏ ବିଶାଳ ଜୀବଜଗତ ମଧ୍ୟରେ ଏକ ସାମାନ୍ୟ, ସାଧାରଣ ଓ ଅସହାୟ ଜନ୍ତୁ ରୂପେ ଉପସ୍ଥାପିତ କଲା। କାର୍ଲମାର୍କ୍ସଙ୍କ ଦର୍ଶନ ମଣିଷର ସାମାଜିକ ତଥା ଅର୍ଥନୈତିକ ଅବସ୍ଥା ପ୍ରତି ନୂତନ ମାନବିକ ଦୃଷ୍ଟିଭଙ୍ଗୀର ସମ୍ଭାବନା ସୃଷ୍ଟି କଲା। ସିଗ୍‌ମଣ୍ଡ ଫ୍ରଏଡ ବୈଜ୍ଞାନିକ ପଦ୍ଧତିରେ ବିଶ୍ଳେଷଣ କରି ମଣିଷର ଅବଚେତନ ସ୍ତରର ପ୍ରବୃତ୍ତି, ଇଚ୍ଛା ଓ ଚିନ୍ତାଧାରାକୁ ଗୁରୁତ୍ୱ ପ୍ରଦାନ କଲେ। ସାର୍ତ୍ତ,କାମ୍ୟୁ ଆଦି ଚିନ୍ତାନାୟକ ମଣିଷର ସ୍ଥିତି, ବ୍ୟକ୍ତିତ୍ୱ ଓ ତାର ଭବିଷ୍ୟତ ଉପଲବ୍ଧି  କରିବାର ଦାୟିତ୍ୱ ଈଶ୍ୱର ବା ଜୀବତତ୍ତ୍ୱ ଦ୍ୱାରା ନିର୍ଦ୍ଧାରିତ ନୁହେ. ଇରଂ ସେ ସ୍ୱୟଂ ତା ସ୍ଥିତିର ଅର୍ଥ ସ୍ଥିର କରିବା ଦାୟିତ୍ୱ ବହନ କରୁଥିବା ବିଷୟ ସ୍ଥିତିବାଦୀ ଦର୍ଶନରେ ପ୍ରତିଷ୍ଠା କଲେ। ଇଉରୋପୀୟ ଏହି ନୂତନ ମତବାଦ, ଚିନ୍ତା ଚେତନା ଦ୍ୱାରା ମଣିଷର ଅନ୍ତଃ ସଂଘର୍ଷ ସହ ଚିତ୍ତ ସଂଘର୍ଷ ଫଳରେ ବ୍ୟକ୍ତିହାଲା ଆତ୍ମକୈନ୍ଦ୍ରିକ ଓ ସମ୍ବେଦନଶୂନ୍ୟ ଯନ୍ତ୍ରମାନବ। ଶିଳ୍ପ ସଭ୍ୟତାର ଚିତାକର୍ଷକ ଆହ୍ୱାନରେ ମୋହଗ୍ରସ୍ତ ମଣିଷ ଈଶ୍ୱରଙ୍କଠାରେ ଆସ୍ଥା ହରାଇ ଯାନ୍ତ୍ରିକ ଇଂଜିନ୍‌ର ଧୂଆଁଳିଆ ଭୌତିକ ପ୍ରାଚୁର୍ଯ୍ୟକୁ ଆଦର କରି ବସିଲା। ବ୍ୟକ୍ତି ଜୀବନ ସମ୍ଭୋଗପୂର୍ଣ୍ଣ ହେବା ସହ ତା ଚତୁଃପାର୍ଶ୍ୱ ପରିବେଷ୍ଟିତ ଯୁଗଯୁଗଧରି ପ୍ରତିଷ୍ଠିତ ସଦ୍‌ଭାବନା, ସ୍ନେହ, ପ୍ରୀତି, ମୈତ୍ରୀ, ଦୟା, କରୁଣା, କ୍ଷମା ଆଦି ସମ୍ବେଦନଶୀଳ ବୃତ୍ତିର ସରହଦ ଭୁଷୁଡ଼ିଗଲା। ତତ୍‌ସହିତ ଭାରତୀୟ ସମାଜରେ ବିଶ୍ୱଯୁଦ୍ଧର ପରିଣତି ଜନିତ ଭୟାବହ ଅଶଙ୍କା, ମୃତ୍ୟୁ ଚେତନା ନଗର କୈନ୍ଦ୍ରିକ ଜୀବନ ଯାପନର ମୋହରେ ଯୌଥ ପରିବାର ଭଙ୍ଗ, ଗ୍ରାମ୍ୟ ସଭ୍ୟତା ପ୍ରତି ଅନାଦର ଭାବ, ପାଶ୍ଚାତ୍ୟ ଶୀକ୍ଷା, ସଭ୍ୟତା, ସାହିତ୍ୟର ନୂତନ ଭାବ ଚେତନାର ପ୍ରଭାବ ଇତ୍ୟାଦି ମଣିଷକୁ ନିଃସଙ୍ଗ କରିବା ସହ ମୃତ୍ୟୁ ଚିନ୍ତାରେ ଜୀବନର ଅର୍ଥହୀନତାକୁ ସୂଚାଇ ଦେଲା ତେବେ ପାଶ୍ଚାତ୍ୟ ଶିକ୍ଷା, ସଭ୍ୟତା, ଦର୍ଶନ, ଜ୍ଞାନ, ବିଜ୍ଞାନ, ଓଡ଼ିଆସମାଜ, ସଂସ୍କୃତି ଓ ସାହିତ୍ୟକୁ ପରିବର୍ତ୍ତନ ଦିଗରେ ଘେନିଯିବା ସହିତ ନୂତନତ୍ୱର ସ୍ୱାଦ ଆନିଦେଲା। ସକଳ କ୍ଷେତ୍ରପରି ଓଡ଼ିଆ କବିତା ମଧ୍ୟ ପାଶ୍ଚାତ୍ୟ ଭାବଭଙ୍ଗୀର ଅନୁସରଣ, ଅନୁକରଣ ଏବଂ ଆହରଣରେ ଆଙ୍ଗିକ-ଆତ୍ମିକ ପରିବର୍ତ୍ତନ ଦେଇ ପୁରାତନରେ ନୂତନତା ଓ ଆହୃତିରେ ମୌଳିକତା ଘେନି ଅଭନବ ଭାବଭଙ୍ଗୀରେ ଆବିର୍ଭୁତ ହେଲା।

ଆଧୁନିକ ଓଡ଼ିଆ କବିତାର ଆଦ୍ୟପର୍ଯ୍ୟାୟରେ ବର୍ଣ୍ଣନାତ୍ମକ ଚାତୁର୍ଯ୍ୟ ପରିବର୍ତ୍ତେ ବ୍ୟଞ୍ଜନାତ୍ମକ ଶବ୍ଦ, ଭାଷା, ଶୈଳୀ ଓ ଭାବ ହିଁ କବିତାର କଳାତ୍ମକ ସୌନ୍ଦର୍ଯ୍ୟ ସଂପାଦନରେ ମାନ୍ୟତା ଲାଭ କରିଛି। ବିଶ୍ୱଯୁଦ୍ଧ ପରବର୍ତ୍ତୀ ପରବର୍ତ୍ତୀ ରାଜନୈତିକ, ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, ମନସ୍ତାତ୍ତ୍ୱିକ, ଧର୍ମୀୟ ଓ ବୌଦ୍ଧିକ ସ୍ତରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିବା ସହିତ ମାନବୀୟ ଅନୁଭବରେ ନିଃସଙ୍ଗତା ଓ ବିଚ୍ଛିନ୍ନତାର ପରାଭାବ ଦେଖାଦେଲା। ଜୀବନର ବଫଳତା, ଅସହାୟତା, ଅର୍ଥହୀନତା, ଶୂନ୍ୟତା, ଅନିଶ୍ଚିତତାର ତୀବ୍ରଭାବ ଉପସ୍ଥାପନ ପାଇଁ ଆବଶ୍ୟକ ହେଲା ବ୍ୟଞ୍ଜନାତ୍ମକ ଶୈଳୀ। ତେଣୁ ରୂପକ, ପ୍ରତୀକ, ଚିତ୍ରକଳ୍ପ ଆଦି ଅଭିନବ ସଂରଚନାତ୍ମକ କାବ୍ୟ କୌଶଳର ପ୍ରୟୋଗ କବିତାକୁ ଦେଲା ନୂତନ ରୂପ। ଓଡ଼ିଆକବିତା କ୍ଷେତ୍ରରେ ସ୍ୱାଧୀନତାର ପରବର୍ତ୍ତୀ

ସମୟଥିଲା ବିଶ୍ୱ ସାହିତ୍ୟ ସଂପୃକ୍ତି ସହିତ ସମନ୍ୱୟ ରକ୍ଷାପୂର୍ବକ ନାନା ଭାବ ଚେତନା ଓ କାବ୍ୟକୌଶଳ ପ୍ରୟୋଗ ଦ୍ୱାରା ସ୍ୱକୀୟ କାବ୍ୟାଦର୍ଶ ନିର୍ମାଣ କରିବାର ପ୍ରସ୍ତୁତିକାଳ। ନିର୍ବିବାଦରେ ଉଲ୍ଲେଖ କରାଯାଇପାରେ ଯେ କବି ସଚ୍ଚିଦାନନ୍ଦ ରାଉତରାୟ ହିଁ କବିତାରେ ପୂର୍ବପ୍ରଚଳିତ ବସ୍ତୁରୂପରେ ଥିବା ଗତାନୁଗତିକ ଅର୍ଥ ପରିବର୍ତ୍ତିତ କରି ପ୍ରତୀକ, ରୂପକ ବା ଚିତ୍ରକଳ୍ପ ପ୍ରୟୋଗ ମାଧ୍ୟମରେ ନୂତନ ଅର୍ଥଚେତନା ଭରିଦେଲେ। ବାକ୍‌ରୀତି ସହ କାବ୍ୟିକରୀତିର ମିଳନରେ କବିତାରେ ବ୍ୟବହୃତ ହେଲା ମୁକ୍ତ ଛନ୍ଦ। ଆଧୁନିକ ଭାବ ସଂପନ୍ନ ଚିତ୍ରକଳ୍ପ ପ୍ରୟୋଗର ଆଦ୍ୟପ୍ରତିଶ୍ରୁତି ବହନ କରି ପ୍ରକାଶିତ ହେଲା 'ପାଣ୍ଡୁଲିପି' (୧୯୪୭)। ଓଡ଼ିଆକବିତାରେ ଗତାନୁଗତିକ ଆଙ୍ଗିକଧାରା ପରିହାର କରି କବି ସଚ୍ଚିରାଉତରାୟ ବୌଦ୍ଧିକତା ସମନ୍ୱୟରେ ତା'ର ଜୀବନ ଓ ଜିଇଁବାର ମୂଲ୍ୟାଙ୍କନ କରିଛନ୍ତି। ମଣିଷର ନିଗୂଢ଼ ମନସ୍ଥିତି ବସ୍ତୁଦୃଷ୍ଟି ମଧ୍ୟଦେଇ ଶବ୍ଦଚିତ୍ରରେ ନୂତନ ରୂପ ଗ୍ରହଣ କଲା।

"ବାହାରେ କଳହରତ ଭିଖାରୀ ଦି'ଜଣ
ଉପରେ ଟିଣର ଜହ୍ନ
ଯାଏ ବୁଡ଼ି ଇଷତ୍ କୁହୁଡ଼ି"।

('ଲାବଣ୍ୟବତୀଙ୍କୁ ଚନ୍ଦ୍ରଭାନୁର ଚଟାଉ'
ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ -ପୃ-୧୩୩)

'ଟିଣର ଜହ୍ନ' ପ୍ରକୃତି ଜହ୍ନ ପରି ଆହ୍ଲାଦକାରୀ ନୁହେଁ, ଏହା ନୀରସ, ନିଷ୍ପ୍ରାଣ। କାବ୍ୟନାୟକର ମାନସିକ ସ୍ଥିତି। ବର୍ତ୍ତମାନର ଶୂନ୍ୟତା, ଭିକାରୀର କ୍ଷୁଧାଜନିତ କଳହ ମଧ୍ୟ ସଦା ନିଷ୍ଫଳ ଓ ମୂଲ୍ୟହୀନ, ଜହ୍ନର ପାରଂପରିକ ଶବ୍ଦରୂପ 'ରୂପଥାଳି' ଯୁଗଯନ୍ତ୍ରଣାରେ ପରିପର୍ତ୍ତିତ ହୋଇଛି 'ଟିଣର ଜହ୍ନ' ଚିତ୍ରକଳ୍ପରେ। ଚନ୍ଦ୍ରଭାନୁ ଲାବଣ୍ୟବତୀଙ୍କୁ ଲେଖୁଥିବା ଚିଟାଉରେ ଜହ୍ନର ଆବେଗପୂର୍ଣ୍ଣ ଶୀତଳତା ଆଉ ସ୍ଥାନିତ ହେବାଯୋଗ୍ୟ ନୁହେଁ। କାରଣ ଏବେ ଚତୁପାର୍ଶ୍ୱରେ 'ଇଷତ୍ କୁହୁଡ', ସ୍ୱପ୍ନ ଓ ବାସ୍ତବତାର କରୁଣ ଝଙ୍କାର। ମଧ୍ୟଯୁଗୀୟ ଆକାଶରେ ପ୍ରେମବିଳାସର ପ୍ରତୀକ 'ଜହ୍ନ' ଏବେ ଭିକାରୀର ହଜିଲା ଭିକ୍ଷାଥାଳି; ଯାହା ଟିଣରେ ତିଆରି। ଫକଳହ'ର ଶବ୍ଦ ହିଁ କେବଳ ଜୀବନ୍ତ, ଅନ୍ୟସବୁ ମୃତ। ଶବ୍ଦଚିତ୍ର ଗୁଡ଼ିକ ଇନ୍ଦ୍ରିୟ ସମ୍ବେଦନା ସୃଷ୍ଟି କରିବା ସହ ଗଭୀର ଅର୍ଥ ସଂକେତ ବହନକାରୀ ମଧ୍ୟ।

କବି ରାଉତରାୟଙ୍କ 'ପ୍ରତିମାନୟକ'ରେ ଜହ୍ନ ପୁଣି "ସାବୁନ୍‌ର ଫେଣପରି ସଫା"। ସ୍ୱାଧୀନୋତ୍ତର ପୃଥିବୀର ବାସ୍ତବ ରୂପକଳ୍ପ/ଚିତ୍ରକଳ୍ପ ରୂପେ 'ପ୍ରତିମାନାୟକ' ପୁରାତନ ସମାଜର ନାରୀ ତୁଲ୍ୟ ସୁଲଭ ସୌନ୍ଦର୍ଯ୍ୟର ଔଜ୍ଜ୍ୱଲ୍ୟରେ ଉଦ୍‌ଭାସିତ ନୁହେଁ; ବରଂ ଏବେ ସେ ନକଲି ପରିପାଟିରେ ସଜ୍ଜିତା। 'ମୁଖତାର ବ୍ରଣଦ୍ରଷ୍ଟ', ହାତରେ ତା' ଚମଡ଼ାର ବ୍ୟାଗ / ଶୀର୍ଣ୍ଣ ସାଦାଗାଲେ ଫୁଟେ ବ୍ୟର୍ଥତାର ଅକପଟ ଦାଗ / ତନୁତାର ରୋଗଜୀର୍ଣ୍ଣ, ବ୍ରଣେ ତା'ର ମ୍ଳାନ ମୁହଁଯାକ ଶ୍ଳଥ, ରଜ୍ଜୁ ଦ୍ରେହ ଶିଖା ତାଙ୍କୁ ଅଛ ଖାକୀର ପୋଷାକ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ସଂଘର୍ଷମୟ ବାସ୍ତବଶର ମୂର୍ତ୍ତ ପ୍ରତିନିଧି ସେ। ପୁରୁଷ ପ୍ରଧାନ ସମାଜର ଅର୍ଗଳି ଭିତରେ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିବା ସଂଘର୍ଷରେ ତଥାପି ତା' ଓଠରେ ଲାଖିରହିଛି 'ହସ'। ସେ ହସ ପୁଣି 'ଖାକୀର ହସ'। କବି ରାଉତ୍‌ରାୟ

ନୂତନ ରୂପେ ଦୃଶ୍ୟଧର୍ମୀ ଚିତ୍ରକଳ୍ପ ମଧ୍ୟରେ 'ପ୍ରତିମାନୟକ'କୁ କରିଚନ୍ତି ଯୁଗଜୟୀ। ଠିକ୍ ସେମିତ ତାଙ୍କର 'ଅଳକା ସାନ୍ୟାଲ'। ଆଧୁନିକ ନାରୀ ସତ୍ତାର ପ୍ରତିନିଧି। ବିଦେହରୁ ବାରୁଣବନ୍ତ ଯାତ୍ରା କରି ଭଂଗା ନୂଆଖାଲିରେ ଆବିଷ୍କୃତ ହୋଇଛି ସେ। ଯୁଦ୍ଧ ପରବର୍ତ୍ତୀ ପୃଥବୀର ଭୟ, ଆଶଙ୍କା, ଅଶାନ୍ତି, ଅସହାୟତା, ରୋଗ, ଶୋକ, ନିରାଶା, ନିଃସଙ୍ଗ, ଜୀବନ ଛବି ହିଁ ଚିତ୍ରକଳ୍ପର ବ୍ୟଞ୍ଜନା ମଧ୍ୟରେ ସ୍ପଷ୍ଟ ଅଙ୍କନ କରିଛନ୍ତି କବି।

ଚିତକଳ୍ପ ମାଧ୍ୟମରେ ଜୀବନର ଜଟିଳତାକୁ ରୂପଦାନ କରିବାରେ କବି ରାଉତରାୟ ଥିଲେ ଧୂରୀଣ। ତାଙ୍କ କବିକର୍ମରେ 'ଜହ୍ନ ପୁଣି' ଅତି ପରିଚ୍ଛନ୍ନ / ବବର୍ଚ୍ଚିର ପଗଡ଼ିପରି ସାଦା (ଚନ୍ଦ୍ରବତୀ) 'ବସନ୍ତର ନିଛକ ଜିଲ୍ଲାରେ' ତାଙ୍କର 'ବସନ୍ତ ଆସେ ଯେ ଠେଲି' / ଧକ୍କାଖାଇ କୁକୁଡାର ଦେହେ ଭାଙ୍ଗି ବହୁ ମହୁର ସୋରେଇ, ଅବା ସଂଜବେଳେ/ଏକ ହାସ୍‌ପାତଳର ମିଶୂନ୍‌ହଣ / ଏ ଦେହଟା / ତା'ଉପରେ ଚୁପ୍‌ଚାପ ହୋଇ / ଶୋଇ ରହିଛି / ଅଶାନ୍ତମନ / ଯେମିତି ଅବା ହଜିଯାଇଥିବା ବ୍ୟାଡ୍‌ମିଣ୍ଟନ କର୍କଟା / ପଡ଼ିରହିଥାଏ / କେଉଁ କଣ୍ଟା ଅରମା ଭିତରେ / ରକ୍ତାକ୍ତ ହୋଇ, (କବିତା-୧୯୬୨)। ମାନବୀୟ ସଂବେଦନଶୂନ୍ୟ ମଣିଷର ପାରସ୍ପରିକ ସଂପର୍କ ଏବେ ଆଉ ଅନ୍ତରଙ୍ଗଭାବଯୁକ୍ତ ନୁହେଁ ବରଂ ବାହ୍ୟତଃ, ଲୋକ ଦେଖାଣିଆ। ରୋଗରେ ଘାଣ୍ଟି ହୋଇ ଡାକ୍ତରଖାନା ବିଛଣା ଉପରେ ଅଶାନ୍ତ ମନ ନେଇ ଚୁପ୍‌ଚାପ ଦୟନୀୟ ଏକାକୀତ୍ୱ ଅନୁଭବରେ ଶୋଇ ରହିଥିବା ସଂପର୍କୀୟଟି ପରିବାର ପାଇଁ ବୃଥା ବୋଝ ପାଲଟି ଯାଇଛି। କଣ୍ଟା ଅରମାରେ ଜଯିଯାଇଥିବା 'ବ୍ୟାଡ୍‌ମିଣ୍ଟନ କର୍କ' ପରି ତା' ଜୀବନର ସକଳ ସୁଖ, ଶାନ୍ତି ମୃତ୍ୟୁ ଚେତନାର ଚଉହଦି ମଧ୍ୟରେ ଧ୍ୱସ୍ତବିଧ୍ୱସ୍ତ। ବର୍ତ୍ତମାନଟା ତା' ପାଇଁ ଛାୟାଦାନରେ ଅସମର୍ଥ ଏକ ଥୁଣ୍ଟା ଗଛ କେବଂଳ। କାବ୍ୟନାୟକର ସ୍ଥିତି କବିଙ୍କ ଚେତନାଧର୍ମୀ ଚିତ୍ରକଳ୍ପରେ ହିଁ ଚିତ୍ରିତ।

ମନସ୍ତାତ୍ତ୍ୱିକଧର୍ମୀ ଚିତ୍ରକଳ୍ପ ସୃଷ୍ଟି କରିବାରେ କବି ରାଉତରାୟଙ୍କର ଅସାଧାରଣ ଧୀଶକ୍ତି ଥିଲା। ଏହି ପରିପ୍ରେକ୍ଷୀରେ ତାଙ୍କ ଏକ / ଉତ୍ତୀର୍ଣ୍ଣ ଶ୍ରାବଣ (କବିତା ୧୯୬୨) କବିତାର କେତୋଟି ପାଦ ମର୍ମସ୍ପର୍ଶ କରେ। "ବୃଷ୍ଟିଆଗୁ ତରତର କଳସୀଟି ଛଳଛଳ / ବେଗବତୀ ଦେହଟିଏ ଦିଶେ / ତକ୍‌ତକ୍ ଗ୍ରସ୍ତ ଦ୍ୱିଜଟିଏ / (ଟ୍ରାଫିକର ସବୁଜ ଆଲୁଅ ନିଭି ଆସିବା ଆଗରୁ / ଏଜ ମଦାଳସୀ ନିର୍ଜନ ଯେଉଁପରି / ବେଗି ବେଗି ରାସ୍ତା ପାର ହୁଏ।"

କବିତାରେ ଚିତ୍ରକଳ୍ପ ପ୍ରୟୋଗର ଯେଉଁ ଭିତ୍ତିସ୍ଥାପନ କେଲେ କବି ସଚ୍ଚିରାଉତରାୟ ; ତାହାର ପୂର୍ଣ୍ଣରୂପ ପ୍ରତିଭାତ ହୋଇଥିଲା। ୧୯୫୫ ମସିହାରେ ପ୍ରକାଶିତ 'ନୂତନକବିତା'ର ଅନ୍ୟତମ ସ୍ରଷ୍ଟା ଗୁରୁପ୍ରସାଦ ମହାନ୍ତିଙ୍କ ଅନନ୍ୟ ପ୍ରତିଭାସ୍ପର୍ଶରେ। କବିତାର ଶବ୍ଦ, ଭାଷା, ଅର୍ଥ ସଂଯୋଜନା ଓ ମୁକ୍ତଛନ୍ଦ ଆଦିର ଶିଳ୍ପରୀତି ମଧ୍ୟରେ ଆବେଗ ଓ ବୁଦ୍ଧି ସମ୍ମିଶ୍ରିତ ହୋଇ ଚିତ୍ରକଳ୍ପ ପାଠକମନରେ ନୂତନ ଆଶା ତଥା ସଂଭାବନା ସଂଚାର କଲା। ଗୁରୁପ୍ରସାଦଙ୍କ ଫକାଳପୁରୁଷ' ଚିତ୍ରକଳ୍ପ ପ୍ରୟୋଗର ଏକ ମନୋଜ୍ଞ ଚିତ୍ରଶାଳା, "ହେ ଅକ୍ରୂର ହେ ଉଦ୍ଧବ ସଖାମୋର ପ୍ରାଣର ଦୋସର / ରୁହ ରୁହ ଛିଡ଼ା ରୁହ ପିଠିରେ ମୋ ତୁମପରି ବୋଝ / ମୁଁ ଯିବି ତୁମରି ପରି ତାରା ଖୋଜି, ଜହ୍ନ ଖୋଜି / ଖୋଜି ଖୋଜି ଝରଣାର ସୁଅ।" କିମ୍ବା "ସଂଧ୍ୟା ଆସେ ଦୂରାଗତ କ୍ଳାନ୍ତ ବାଟୋଇରେ / ନିସ୍ତେଜ ଆଖିରେ ଆଣି ଅସରନ୍ତି ବାଟର ନିରାଶା।" କବି ପୌରାଣିକ ଚରିତ୍ର ଉଦ୍ଧବ, ଅକ୍ରୂରଙ୍କୁ ଯନ୍ତ୍ରଣାକ୍ଳିଷ୍ଟ ମାନବଆତ୍ମାର ଅଭିଜ୍ଞତା ସଂପନ୍ନ ଜଣେ ପ୍ରତିନିଧି ରୂପେ ଗ୍ରହଣ ପୂର୍ବକ ସେମାନଙ୍କ ମାନସିକ ସ୍ଥିତିର ଦହନ ଓ ଜଟିଳତାକୁ ଶବ୍ଦଚିତ୍ର ସହ କାବ୍ୟିକ ଆବେଗଭରି ପରିବେଷଣ କରିଛନ୍ତି। ବିଶ୍ୱଯୁଦ୍ଧ ପରବର୍ତ୍ତୀ ପୃଥିବୀର ମଣିଷଟି ସତେ

କେତେ କ୍ଳାନ୍ତ ନାନା ମାନସିକ ସଂଘାତରେ। ଅଥଚ ତା' ସମ୍ମୁଖରେ ଚାଲିବା ପାଇଁ ଅସରନ୍ତି ବାଟ। ନିରାଶାରେ ନିସ୍ତେଜ ହୋଇଆସେ ଆଖିରେ ପୁଣି ପାଛୁଡ଼ା ଧାନର ଚୋପା ଛାଇଯାଏ ଆକାଶ ଆକାଶ / ହଳଦିଆ ସୋରିଷ କିଆରି ଅଶ୍ୱତଥ୍ ଗଛର ଖରା / ନିଛାଟିଆ ଖଜୁରୀ ଗଛର / ପାରୁଡ଼ା ଧାନର ଚୋପା ଆକାଶର ଏପାରି ସେ ପାରି / ନରମ ଆକାଶ ଆଉ ନାଲି କଇଁ ଶୂନ୍‌ଶାନ୍ ବେଣା ପବିଚର / ନିଛାଟିଆ ଜୋର ପାଣି ନିଛାଟିଆ ନେଳି ଶିଉଳିରେ / ହଳଦିଆ ଏଇ ଦି'ପ୍ରହର, ବାରମ୍ବର ବ୍ୟବହୃତ ନିଛାଟିଆ ଶବ୍ଦଟି ନରମ ଆକାଶରୁ ଧାନକ୍ଷେତ ଆଉ ବେଣାବାଲିଚର ପର୍ଯ୍ୟନ୍ତ ଚତୁଃପାର୍ଶ୍ୱର ବିଜନତା ସହ ମଣିଷ ମନର ଶୂନ୍ୟତାକୁ ପ୍ରକାଶ କରିଛି। ଚିତ୍ରକଳ୍ପଟି ବୌଦ୍ଧିକ ପୂର୍ଣ୍ଣ।

କବି ଗୁରୁପ୍ରସାଦଙ୍କ କବିସତ୍ତା ପାଶ୍ଚାତ୍ୟ କାବ୍ୟପରଂପରା ପ୍ରଭାବିତ ହେଲେ ହେଁ ଚିତ୍ରକଳ୍ପ ପ୍ରୟୋଗ କ୍ଷେତ୍ରରେ ଦକ୍ଷ ଚିତ୍ରଶିଳ୍ପୀ ସେ। "ପତ୍ରସବୁ ଝରିପଡ଼ନ୍ତି / ବ୍ୟାଟେରୀ ନଥିବା ଟର୍ଚ୍ଚ ଲାଇଟ ପରି / ସୂର୍ଯ୍ୟ ବୁଡ଼ିଯାନ୍ତି"। ପୁଣି "ଅନ୍ଧାର ଆସେ ଘାରି ହୋଇ କୁହୁଡ଼ିରେ / ଜହ୍ନ ଆସେ ନିଛାଟିଆ ଅତଡ଼ା ଉପରେ"। କବି ମହାନ୍ତିଙ୍କ ଚିତ୍ରକଳ୍ପ ଗୁଡ଼ିକ କେବଳ ଦୃଶ୍ୟଧର୍ମୀ ନହୋଇ ଚେତନାଧର୍ମୀ ହେବାର ଗୁଣ ମଧ୍ୟ ଧାରଣ କରିଥାଏ। ଆଧୁନିକ ମଣିଷ ବଞ୍ଚିରହିବାର ନିଭୃତ ଅଭିଳାଷର ପ୍ରତିମୁହୂର୍ତ୍ତରେ ମୃତ୍ୟୁର ଯନ୍ତ୍ରଣା ଭୋଗୁଥାଏ। କାରଣ ଚଉଦିଗ ତାର ନିଶୂନ ଓ ନିଃସଙ୍ଗ ନିଃସଙ୍ଗ ଭାବ। ପ୍ରେମ ଦେହଧର୍ମୀ, ତେଣୁ ପ୍ରୀତି ହୀନ, ସୁଖ ଓ ସନ୍ତୋଷହୀନ, ଆନନ୍ଦ ଆହ୍ଲାଦହୀନ, ତ୍ୟାଗସମର୍ପଣହୀନ, ସଂସାରର ସକଳ ସଂପର୍କ ତା ଆତ୍ମାକୁ ଅହରହ ବିଦୀର୍ଣ୍ଣ କରିପକାଉଥିବା ଶୀତଳ ଶୂନ୍ୟତାପରି ଠିଆ। ପରିଦୃଶ୍ୟମାନ ବସ୍ତୁସମୂହରୁ ଚିତ୍ର ସହ ଜୀବନର ଆନ୍ତଃମାନସିକତା ସଂଯୋଗରେ ବ୍ୟଞ୍ଜନାତ୍ମକ ଚିତ୍ରକଳ୍ପ ସୃଜନ କବି ଗୁରୁପ୍ରସାଦଙ୍କ କାବ୍ୟକର୍ମର ବୈଶିଷ୍ଟ୍ୟ ଓ ବୈଚିତ୍ର୍ୟ।

କବି ସଚ୍ଚିରାଉତରାୟ ଓ ଗୁରୁପ୍ରସାଦ ମହାନ୍ତିଙ୍କ ପରେ ପରେ କବିତାରେ ଚିତ୍ରକଳ୍ପ ପ୍ରୟୋଗ ବିଧିକୁ କଳାତ୍ମକ ପରିପାଟୀରେ ପରିବେଷଣ କରିଛନ୍ତି ଭାନୁଜୀ ରାଓ, ଜ୍ଞାନୀନ୍ଦ୍ର ବର୍ମା, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ସୌଭାଗ୍ୟ କୁମାର ମିଶ୍ର, ଦୀପକ ମିଶ୍ର ରାଜେନ୍ଦ୍ର କିଶୋର ପଣ୍ଡା ଇତ୍ୟାଦି ସ୍ରଷ୍ଟାଗଣ। ବାହ୍ୟ ବସ୍ତୁରୂପ ସହିତ ମଣିଷର ଭାବାନୁଭୂତିକୁ ଇନ୍ଦ୍ରିୟସଂବେଦୀ କରି ଚିତ୍ରକଳ୍ପ ଜରିଆରେ ପାଠକ ସମ୍ମୁଖରେ ପରିବେଷଣର ନିଜସ୍ୱ ଭଙ୍ଗୀରେ ଏମାନେ ଅନନ୍ୟ। କବି ରମାକାନ୍ତ ରଥ ଶବ୍ଦଚିତ୍ର ନିର୍ମାଣ ଦିଗରେ ନୂତନ ଦିଗନ୍ତର ସନ୍ଧାନୀ ସାଜିଛନ୍ତି। ତାଙ୍କର 'କେତେଦିନର', 'ଅନେକ କୋଠରି', 'ସଂଦିଗ୍ଧ ମୃଗୟା', 'ସପ୍ତମ ଋତୁ' ଆଦି କବିତା ସଂକଳନରେ ରାଶିରାଶି ଚିତ୍ରକଳ୍ପ ପରିଦୃଷ୍ଟ। ଚିତ୍ରଯୁକ୍ତ ହୋଇ ଶବ୍ଦମାନେ / ଆପେ ମଧ୍ୟ ଧ୍ୱଂସ ହେଉଥିଲେ / ଶବ୍ଦମାନେ ଭାସୁଥିଲେ କେଉଁ ଏକ କୁଳୁକୁଳୁ ସୁନ୍ଦର ନଈରେ / ହାଲୁକା ଜାହାଜପରି ସ୍ରୋତର ବିପକ୍ଷେ। ('ବାଘଶିକାର' - ଅନେକ କୋଠରୀ)। ଚିତ୍ରକଳ୍ପ ସୃଷ୍ଟିରେ ସିଦ୍ଧହସ୍ତ କବି ରମାକାନ୍ତ ତୀବ୍ର ଭାବାବେଗର ପ୍ରବାହ ସୃଷ୍ଟି ଉଦ୍ଦେଶ୍ୟରେ ଇନ୍ଦ୍ରିୟଗତ ଆସକ୍ତି ସଂଜାତ ଚିତ୍ରକଳ୍ପ ସୃଷ୍ଟି କ୍ଷେତ୍ରରେ ସଚେତନ ହୋଇଛନ୍ତି। ବ୍ୟକ୍ତିଜୀବନର ଯନ୍ତ୍ରଣାପୂର୍ଣ୍ଣ ଭାବାବେଗ ଚିତ୍ରକଳ୍ପ ମାଧ୍ୟମରେ ଜୀବନ୍ତ ଓ ସମ୍ବେଦନଶୀଳ, "ଅଶ୍ଳେଷର ହରିକାଠେ ଚନ୍ଦ୍ରମାର ଅନୁଭୂତି ମଲା / ଝାଳର ଗନ୍ଧରେ ତାର ଲୁପ୍ତ ହେଲା ସକଳ ଚେତନା / ଚୁମ୍ବନର ଚାବୁକ୍‌ରେ ଗାଲ ଆଉ ଛାତିରୁ ଜୀବନ / କୃପଣର ଧନସରି ଅନ୍ଧାରର ସିନ୍ଦୁକେ ଲୁଚିଲା" (ଚନ୍ଦ୍ରମାର ଚୂଡ଼ା)। ଜୀବନାନୁଭବର ଚିତ୍ରକୁ ନେଇ

ମନସ୍ତାତ୍ତ୍ୱିକ ଭଙ୍ଗୀରେ ସଂକେତଧର୍ମୀ ଶବ୍ଦ ଚିତ୍ର ସୃଷ୍ଟି କରିବା କବି ରମାକାନ୍ତଙ୍କ ନିଜସ୍ୱ ରୀତି । "ସର୍କସର ବାଘପରି ଏ ଦୁର୍ଦ୍ଦାନ୍ତ ନିଆଁ ସୁନାପିଲା / ସତେ ବା ଏ କଳା କଳା ଟିଣ ସଙ୍ଗେ ପରିଚୟ ନାହିଁ / ସତେ ବା ଏ ଜାଣେ ନାହିଁ କିପରି ଏ ଲଣ୍ଠନ ତାତିଲା" (ଲଣ୍ଠନ) । ଆଧୁନିକ ଜୀବନର ଯୌନବସତା, ପାପବୋଧ, ପ୍ରବୃତ୍ତିଜନିତ ପରକୀୟା ଦେହଜ ପ୍ରେମର ସହରୀକରଣ ପୁଣି ସମାଜଜୀବନରେ ନାନା ସଂକଟ ମଧ୍ୟରେ କବି ରମାକାନ୍ତ ରଥ ନୂଆ ନୂଆ ଚିତ୍ରକଳ୍ପ ସୃଷ୍ଟି କରିବାର ସଚେତନ ପ୍ରୟାସ ଜାରି ରଖିଛନ୍ତି । କେତେକ ସମାଲୋଚକ କରି ରଥଙ୍କ କବିତା ଜଟିଳ ଓ ଦୁର୍ବୋଧ୍ୟ କାରଣ ତାଙ୍କର ଚିତ୍ରକଳ୍ପ ବୋଲି ମତ ନେଇଥାନ୍ତି ।

ମିଥ୍‌ର ସରହଦ୍ ଭିତରେ ଚିତ୍ରକଳ୍ପ ସଂଯୋଗର ଯାଦୁକାରୀ ପ୍ରୟୋଗ କବି ସୀତାକାନ୍ତଙ୍କ କବିତାକୁ କରିଛି ବୈଚିତ୍ର୍ୟ ମଣ୍ଡିତ । ଆଧୁନିକ ମଣିଷର ଅନ୍ତଃଚେତନାକୁ ଶବ୍ଦଚିତ୍ର ମାଧ୍ୟମରେ ଭାଷାର ଆବେଗ ସହ ବୌଦ୍ଧିକତାର ପ୍ରଲେପ ନେଇ କବିତାରେ ପ୍ରକାଶ କରିଛନ୍ତି । ଯୁଗଯନ୍ତ୍ରଣାରେ ଅହରହ ମ୍ରିୟମାଣ ତାଙ୍କ କାବ୍ୟନାୟକ ପାରଂପାରିକ ମୂଲ୍ୟବୋଧର ପୁନଃ ପ୍ରତିଷ୍ଠା ପାଇଁ ଚେଷ୍ଟିତ । କବିଙ୍କ 'ଅଷ୍ଟପଦୀ', 'ଶବ୍ଦର ଆକାଶ', 'ସମୁଦ୍ର', ଚିତ୍ରନଦୀ, ଆଦି କବିତା ସଂକଳନରେ ମଥ୍ ପ୍ରୟୋଗ କୌଶଳ ମୁଖ୍ୟ ଉପାଦାନ ହେଲେ ହେଁ ଚିତ୍ରକଳ୍ପର ଚିତ୍ରିତ ରୂପ ଚାତୁର୍ଯ୍ୟପୂର୍ଣ୍ଣ । 'ଅଷ୍ଟପଦୀ' ସଂକଳନର 'ତ୍ରିଶଙ୍କୁର ମଧ୍ୟସ୍ୱର୍ଗ', କବିତାରେ ଅନେକ ବସ୍ତୁର ଭିଡ଼ / ଅନେକ ଧାରଣା / ଦ୍ୱିପହର ଦୀର୍ଘାୟିତ ମାଲଗାଡ଼ି କଷ୍ଟେ କଷ୍ଟେ / ଘୁଷୁରି ଘୁଷୁରି ଯାଏ / ତାରା ଓ ସୂର୍ଯ୍ୟ, ପୃଥିବୀ / ଅନ୍ଧାରର ଆଲୋକରେ ସତେ ପଥବଣା, ମାଲଗାଡ଼ି କଷ୍ଟେମଷ୍ଟେ ଘୁଷୁରୀ ଘୁଷୁରୀ ଯିବା ପରି ସୂର୍ଯ୍ୟ-ତାରା-ପୃଥିବୀର ଗତି ପ୍ରତ୍ୟୟ ହୋଇଛି । ତଥାପି "ଦେବତାମାନେ ଧାଇଁଲେ କଅଁଳା ବାଛୁରୀ ପରି" (ଘାସଫୁଲ) ଅବା "ମଲା ଓଟ ଶୀର୍ଣ୍ଣ ହାଡ଼ ପଞ୍ଜରେ / ଲୁଚିବସି ସେ ଦୁବଘାସ / ଆଖିରୁ ଝରାଇ ଲୁହ ବାହୁନେ ଓ ଝୁରେ / ମରୁଭୂମି ବାଲିକୁ ବଚାରେ / ସମୁଦ୍ର ଠିକଣା ତୁମେ ଜାଣିଚ କି / କେଉଁଠି ତା ନୀଳଦୀପ ଜଳେ ?" (ସମୁଦ୍ର) । କବି ନିଜର ଅଭିବ୍ୟକ୍ତିକୁ ଚିତ୍ରକଳ୍ପ ଜରିଆରେ ଉଜ୍ଜୀବିତ କରିବାର ପ୍ରୟାସ ଜାରିରଖିଚନ୍ତି । ଆଧୁନିକ ଯୁଗଯନ୍ତ୍ରଣାରୁ ମୁକ୍ତିପାଇଁ ପୌରାଣିକ ମୂଲ୍ୟବୋଧର ପୁନଃପ୍ରତିଷ୍ଠା ଲାଗି ସେ ବ୍ୟାକୁଳ ହୋଇଛନ୍ତି । ବୌଦ୍ଧିକ ଉତ୍ତେଜନାପୂର୍ଣ୍ଣ ପ୍ରକାଶଭଙ୍ଗୀରେ ଚିତ୍ରକଳ୍ପ ତିଆରି କବିତାରେ କିଛି ନୂତନ ସ୍ଥାପନାରେ ମନନିବେଶ କରିଚନ୍ତି । ବଉଦର କ୍ଳାନ୍ତ ଢେଉ / ଚିକ୍ ଚିକ୍ ରୂପାରଙ୍କ ଖରା / ଅରା ଅରା ନିଝୁମ ଆକାଶ / ସନସନ ଶୂନ୍ୟତାର ନିରୁଦ୍‌ବିଘ୍ନ ଇଲାକାରୁ / ତଳେ ଦିଶେ ଚରାମାଟି / ପରିଚିତ ନଈଛାତି / ଧଳାଗାର-ନେଳିଗାର / ଧୋବତୁଠ-ଦଉଡିରେ ଶୁଖାଲୁଗା ଢେଉ / ଦୋଳିରେ ଗାଁରଝିଅ / ଲଙ୍ଗଳ ଠିରିକା ମାଟି / ନଣନ୍ଦର ମୁଣ୍ଡବାନ୍ଧେ ନୂଆ ଭାଉନୋଭ । (ଏରୋଡ୍ରମ, ଶବ୍ଦର ଆକାଶ) ଚିତ୍ରକଳ୍ପ ଗୁମ୍ଫନରେ କବିଙ୍କର ସ୍ୱରଲିପି ଏଠାରେ ଶବ୍ଦମୟ ।

କବିତାରେ ଚିତ୍ରକଳ୍ପ ପ୍ରୟୋଗ ପ୍ରବଣତାର ପ୍ରାବଲ୍ୟ କବି ସୌଭାଗ୍ୟ ମିଶ୍ରଙ୍କଠାରେ ମଧ୍ୟ ପରିଦୃଷ୍ଟ ହୁଏ । ଆଧୁନିକ ମଣିଷର ଛଦ୍ମରୂପ, ପ୍ରବଞ୍ଚନା, ପ୍ରତିରଣା ମଧ୍ୟରେ ନିଃସଙ୍ଗତା, ପ୍ରେମହୀନତା, ମୃତ୍ୟୁଚିନ୍ତାର ଆଶଙ୍କା ଓ ଜଡ଼ତାକୁ ମର୍ମେ ମର୍ମେ ଅନୁଭବ କରିଛି । 'ଆମ୍ଭ ନେପଦୀର' 'ଦ୍ୱିପ୍ରହର'ରେ ଭାବାବୃତ ତାଙ୍କର ଚିତକଳ୍ପ ମଧ୍ୟମରେ ଲମ୍ବିଯାଇଛି "ନଇହୁଡା ବରଗଛ ପତ୍ରଝଡା ଥୁଣ୍ଟା ଡାଳେ ଡାଳେ / ବାଦୁଡ଼ିର ଚେଁ ଚାଁ, କପୋତର ତରୁଣ କଣ୍ଠରେ / ଦ୍ୱିପ୍ରହର ସମାଧି ଉପରେ" । ସାଧାରଣ ଭାବେ ବଞ୍ଚିରହିବାର ଦୁଃଖ ଭିତରେ ଆତ୍ମ ନିରିକ୍ଷଣ କରି

ମଣିଷର ସାମାଜିକ ଓ ନୈତିକ ସଂପର୍କର ଦ୍ୱନ୍ଦକୁ 'ଜନାର୍ଦ୍ଦନା ଦାସ' ଓ ତାର ପୁଅର ମାନସିକ ସ୍ଥିତି ଆଧାରରେ ବିଶ୍ଳେଷଣ କରିଛନ୍ତି । ବ୍ୟକ୍ତି-ପରିବାର-ସମାଜ-ରାଷ୍ଟ୍ର ବଳୟରେ ଆଧାତ୍ମିକ ଓ ନୈତିକ ଭାବସଂପଦ ଜୀବନରେ ଅସରନ୍ତି ପ୍ରତ୍ୟୟ ପୁଣି ବିରୋଧାଭାସର ପ୍ରଶ୍ନ ସୃଷ୍ଟି କରିଥାଏ । "ଆଉ କେଉଁ ଦୁଃଖ କହ ଜନାର୍ଦ୍ଦନଦାସ ତମ ପଗ ଗାମୁଛାରେ ଖଇରର କଷ ? ନଡ଼ିଆ ଗଛର ଗରା ଶୁଖିଯିବା ? ବାଡ଼ି ପଖୋରୀର / ବଙ୍କୋଦ୍ଧାର ଢ଼େରି ହେବା ?/ ନାତୁଣୀ ଗୋଡ଼ରେ ଘା" ? ଦିଅଁ ଘରେ ମଳାମୂଷା ? / ଆଉ କେଉଁ ଦୁଃଖ କହ ? ('ଜନାର୍ଦ୍ଦନଦାସ' – ମଧ୍ୟପଦଲୋପୀ) । ତଥାପି ଜୀବାନୁଭୂତିର ଚିତ୍ରଶାଳାରେ ଧୋବପାରା ଓ ଯୌବନର ଦ୍ୟୁତିପୂର୍ଣ୍ଣ ଖରା କେଉଁଠି ଅଟକେ ନାହିଁ । "ବେଳେ ବେଳେ ମଧ ଆସ୍ତେ ଆସ୍ତେ ଯାଏ / ଖାରା, ଧୋବପାରା କହାକୁ ନି ଦିଏ ଧାରା / ଚାହା ଦୋକାନରେ ବେଞ୍ଚ ; / ସୁନୀଳ କାଞ୍ଚୁଲି ପିନ୍ଧି ଯାଏ ଯେଉଁ ଝିଅ / ଓ ବେକାର କୁଆ ବଗିଚା ବାଛରେ / ନିଜ ନିଜ ଛାଇଧରି ସବୁ ଆତ୍ମହରା" । (ଖରା ଓ କାଠଯୋଡ଼ି – ମଧ ପଦଲୋପୀ)

ବାସ୍ତବରେ ଲକ୍ଷ୍ୟ କରାଯାଏ କବି ସୌଭାଗ୍ୟଙ୍କ ଚିତ୍ରଭାଷା ଅଧିକ ସମ୍ବେଦନଶୀଳ ଓ ଆତ୍ମିକ । ନିତି ବ୍ୟବହୃତ କଥିତ ଭାଷାରେ ଜଟିଳ ଚିତ୍ରକଳ୍ପ ଗୁଡ଼ିକୁ କବିତାରେ ପ୍ରାୟତଃ ସ୍ୱଚ୍ଛନ୍ଦ କରି ତୋଳିଛନ୍ତି । କବି ଦୀପକ ମିଶ୍ରଙ୍କ 'ନିଷିଦ୍ଧ ହ୍ରଦ', 'ନିର୍ଜନ ନକ୍ଷତ୍ର', 'ମଧ୍ୟାହ୍ନର ଛାଇ', ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଗୌଣ ଦେବତା ଆଦି କବିତା ଗ୍ରନ୍ଥରେ ଆଧୁନିକ' ଜୀବନ ଯନ୍ତ୍ରଣାର ଅନୁଭବ ପୂର୍ଣ୍ଣ ପର୍ଯାୟ 'ଚିତ୍ରକଳ୍ପ' ମଧମରେ ରୂପାୟିତ ୧୯୪୭ ମସିହାରୁ ୧୯୮୦ ପର୍ଯ୍ୟନ୍ତ ସମୟ ସୀମା ମଧରେ ଓଡ଼ିଆ କବିତା କ୍ଷେତ୍ରରେ ପାଶ୍ଚାତ୍ୟ କାବ୍ୟାଦର୍ଶ ଅନୁପ୍ରାଣିତ କବିଙ୍କୁ ଚିତ୍ରକଳ୍ପ/ ରୂପକଳ୍ପ ପ୍ରତିଧ୍ୱାନଯୁକ୍ତ କରିଛି । ଶବ୍ଦରେ ଚିତ୍ର ସଂଯୋଜନା ପ୍ରତି ଓଡ଼ିଆ ସନାବ୍ୟ କବିତାର ଏକ ଅନନ୍ୟ ବିଭବ ହୋଇଥିଲେ ହେଁ ୧୯୪୭-୫୦ ମସିହା ପରବର୍ତ୍ତୀ ସମୟରେ ବହୁ ସୁନାମଧନ୍ୟ କବି କବିତାରେ ଚିତ୍ରକଳ୍ପର ବୌଦ୍ଧିକ ଯୁଗ ଯାନ୍ତ୍ରିକ ପ୍ରୟୋଗ କରି ନୂତନଧାରା ସୃଷ୍ଟି କରିଛନ୍ତି । ତେବେ ଚିତ୍ରକଳ୍ପ ତତ୍ତ୍ୱବିଧି ପାଶ୍ଚାତ୍ୟ ଜଗତରୁ ଅମଦାନୀ ହେତୁ ଓଡିଶୀ ମାଟି, ପାଣି, ପବନରେ ଅନେକ ଅସଂଗତ ମନେ ହୋଇଛି, ଅନେକ ଦରବୁଝା ହୋଇରହିଛି । ବୌଦ୍ଧିକ ଚିନ୍ତା ଚେତନାଯୁକ୍ତ ଚିତ୍ରମୟ ଭାଷାଅର ଚିତ୍ରକଳ୍ପ ଗୁଡ଼ିକ କବିତାର ଆର୍ମାରେ ଏକାଧିକ ଅଂସଲଗ୍ନ ଚିତ୍ର ଆଙ୍କି କବିତାକୁ ଭାରାକ୍ରାନ୍ତ କରିବା ସହ ପାଠକକୁ ମଧ ବିମୁଖ କରି ରଖିଛି ଆଧୁନିକ କବିତାପ୍ରତି ।

## ୪.୬ ଉପସଂହାର

ସର୍ବୋପରି ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟଙ୍କଠାରୁ କବିତାରେ ଚିତ୍ରକଳ୍ପ ପ୍ରୟୋଗ ପାଶ୍ଚାତ୍ୟ କାବ୍ୟାଦର୍ଶାନୁସାରୀ ହୋଇଥିଲେ ହେଁ ୧୯୮୦ ମସିହା ପରବର୍ତ୍ତୀ ସମୟରେ ଭାରତୀୟ ଚିନ୍ତା ଚେତନା , ଭାବ ଭାବନା, ବିଷାଦ, ବିଶ୍ୱାସ, ନୈରାଶ୍ୟ, ସଂଦେହ, ସଂଘର୍ଷ, ଯୁଦ୍ଧ, ମୃତ୍ୟୁ ଆଦି ସକଳ ମୂଲ୍ୟବୋଧକୁ ନେଇ କବି ରମାକାନ୍ତ ରଥ, ସୌଭାଗ୍ୟ ମିଶ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ଦୀପକ ମିଶ୍ର ଆଦିଙ୍କ ସହିତ ପ୍ରତିଭା ଶତପଥି ସୌରେନ୍ଦ୍ର ବାରିକ୍, ପ୍ରମୋଦ କୁମାର ମହାନ୍ତି, ଅମରେଶ ପଟ୍ଟନାୟକ, ମନୋରମା ମହାପାତ୍ର ବିଶ୍ୱାଳ, ହୃଷିକେଶ ମଲ୍ଲିକ, ବ୍ରଜନାଥ ରଥ, ଶତ୍ରୁଘ୍ନ ପାଣ୍ଡବ, ବିପନ୍ ନାୟକ, ହରପ୍ରସାଦ ପଟ୍ଟନାୟକ, ନୃସିଂହ ପ୍ରସାଦ ତ୍ରିପାଠୀ, ଆଶୁତୋଷ ପରିଡା, ମମତା ଦାଶ, ସୌଭାବ୍ୟବନ୍ତ ମହାରଣା, ହୁସେନ ରବିଗାନ୍ଧି, ସୁନିଲ ପୃଷ୍ଟିଙ୍କ ପର୍ଯ୍ୟନ୍ତ

ଚିତ୍ରକଳ୍ପ ପ୍ରୟୋଗରେ କାବ୍ୟ ସୌଷ୍ଠବକୁ ପରିଦୃଷ୍ଟ କରିଛନ୍ତି। ପାଶ୍ଚାତ୍ୟ ଭାବାଦର୍ଶ ଅପେକ୍ଷା ଭାରତୀୟ ଚେତନାର ନାନା ଭାବାନୁଭୂତି କବିତାରେ ଚିତ୍ରକଳ୍ପ ରୂପେ ରୂପାୟିତ ହୋଇଛି। ବିଷାଦବାଦ ଆସ୍ତିବାଚକ ଚେତନାରେ, ପ୍ରେମ ତ୍ୟାଗର ଉଚ୍ଛ୍ୱାସରେ, ସାମାଜିକ ପ୍ରତିବଦ୍ଧତା ନିସ୍ୱାର୍ଥପର ସଂପର୍କ ମଧ୍ୟରେ, ଗ୍ରାମ୍ୟ ଜୀବନ ପରଂପରାର ନିବିଡ଼ ସଂଯୋଗ ମଧ୍ୟରେ ନୂତନ କାବ୍ୟବୋଧ ନେଇ ଚିତ୍ରିତ ହୋଇଛି। ମାନବୀୟ ସଂପର୍କର ନବ ମୂଲ୍ୟବୋଧରେ ଚିତ୍ରକଳ୍ପ ଗୁଡ଼ିକ କବିତାରେ ସ୍ଥାନିତ ହେବା ସଙ୍ଗେ ସଙ୍ଗେ ଏହାର ପ୍ରୟୋଗ କ୍ଷେତ୍ରରେ ବିବର୍ତ୍ତନ ଓ ପରିବର୍ତ୍ତନ ମଧ୍ୟ ଘଟିଛି। ୧୯୮୦ ପରବର୍ତ୍ତୀ କବିତାରେ ଚିତ୍ରକଳ୍ପର ଚିତ୍ରିତ ରୂପ ସ୍ୱତନ୍ତ୍ର ଭାବେ ଆଲୋଚନାର ଅପେକ୍ଷା ରଖେ। ତେବେ ଆଧୁନିକ ଓଡ଼ିଆକବିତାରେ 'ଚିତ୍ରକଳ୍ପ' ଏକ ଗୌରବପୂର୍ଣ୍ଣ କବିକର୍ମ ଭାବେ ସର୍ବଜନ ଗୃହୀତ, ଏହା ନିର୍ବିବାଦ।

## ୪.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(କ) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ।**

(୧) ପ୍ରାଚୀନ ଓ ମଧ୍ୟଯୁଗୀୟ କାବ୍ୟକବିତାରେ ଚିତ୍ରକଳ୍ପର ବ୍ୟବହାର ସଂପର୍କରେ ନିଜସ୍ୱ ଅଭିମତ ଦର୍ଶାଅ ?

(୨) ଆଧୁନିକ ଓଡ଼ିଆକବିତାରେ ଚିତ୍ରକଳ୍ପର ସଫଳ ପ୍ରୟୋଗ ସଂପର୍କରେ ଉଦାହରଣ ସହ ଆଲୋଚନା କର ?

**(ଖ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ।**

(୧) ପ୍ରାଚୀନ କାବ୍ୟ କବିତାରେ କେଉଁ କାବ୍ୟରୀତି ରୂପ ନେଇ ଚିତ୍ରକଳ୍ପ ବ୍ୟବହାର ହୋଇଥିଲା ?

(୨) ଆଧୁନିକ ଓଡ଼ିଆକବିତାରେ ବ୍ୟବହୃତ ଚିତ୍ରକଳ୍ପ କେଉଁ ଠାରୁ ଆହୃତ ହୋଇଥିଲା ?

(୩) ଅଧୁନିକ ଓଡ଼ିଆକବିତାରେ ଆଧୁନିକ ଚିତ୍ରକଳ୍ପର ପ୍ରୟୋଗ ପ୍ରଥମେ କେଉଁ କବିଙ୍କ ସୃଷ୍ଟିରେ ପରିଦୃଷ୍ଟ ହୋଇଥିଲା ?

(୪)ମନସ୍ତାତ୍ତ୍ୱିକଧର୍ମୀ ଚିତ୍ରକଳ୍ପର ଗୋଟିଏ ଉଦାହରଣ ଦିଅ ?

## ୪.୮ ସହାୟକ ଗ୍ରନ୍ଥସୂଚୀ

(୧) ଆଧୁନିକ କାବ୍ୟଜିଜ୍ଞାସା ଚିତ୍ରକଳ୍ପ ଦାଶରଥି ଦାସ : ୧୯୭୪, ପ୍ର : ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ

(୨) ଆଧୁନିକ ଓଡ଼ିଆ କବିତାରେ ଚିତ୍ରକଳ୍ପର ଚିତ୍ରଲିପି – ପ୍ରାବନ୍ଧିକା ଡକ୍ଟର ରୁଦ୍ରାଣୀ ମହାନ୍ତି, ୧୮୧୮, ସାହିତ୍ୟ ବିମର୍ଶ – ସଂପାଦନା- ଶାନ୍ତନୁ କୁମାର ନାୟକ ଓ ସସ୍ମିତା ଦାଶ, ପ୍ରକାଶକ-ପ୍ରଜ୍ଞାନ ପବ୍ଲିକେଶନ, ଜାରକା, ଯାଜପୁର।

(୩) ସାହିତ୍ୟ ତତ୍ତ୍ୱ : ପ୍ରାଚ୍ୟପାଶ୍ଚାତ୍ୟ ଅଧ୍ୟାପିକା ଜ୍ୟୋତ୍ସ୍ନାମୟୀ ପ୍ରଧାନ ୨୦୦୫, ପ୍ରକାଶକ ପ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ।

□□□